ନବ ଇତିହାସ

ପ୍ରଥମ ଭାଗ

Digitized by PPRACHIN, SOA

ଓଡ଼ିଶା ଶିକ୍ଷା ବିଭାଗର ତା ୬।୧୨।୧୯୫୨ ରିଖର (G. O. No. 8311)
ପ୍ରାଥମିକ ସ୍କୁଲମାନଙ୍କ ପାଇଁ ଉଦ୍ଦିଷ୍ଟ ପରିବର୍ତ୍ତିତ ସିଲାବସ୍ ଅନୁଯାୟୀ ଲିଖିତ

ନବ ଇତିହାସ

ପ୍ରଥମ ଭାଗ

(ଚତୁର୍ଥ ଶ୍ରେଣୀ ନିମନ୍ତେ)

ଲେଖକଗଣ

ଶ୍ରୀ ଲୋକନାଥ ନନ୍ଦ
ଶ୍ରୀ କାଶୀନାଥ ନାୟକ
ଅଧ୍ୟାପକ ଶ୍ରୀ ଶ୍ରୀଧର ଦାସ ଏମ୍, ଏ., ଡି. ଇଡ୍.

ନୂତନ ସଂସ୍କରଣ

ପ୍ରକାଶକ

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ ଲିଃ

ବ୍ରହ୍ମପୁର : କଟକ : ସମ୍ବଲପୁର

୧୯୫୩

ମୂଲ୍ୟ ଆଠଅଣା   ଅତିରିକ୍ତ ଦୁଇଅଣା

Digitized by PPRACHIN, SOA

ବହୁ ଲେଖକ ପ୍ରାଥମିକ ସ୍କୁଲମାନଙ୍କ ପାଇଁ ଅନେକ ଭୂଗୋଳ ବହି ଲେଖିଛନ୍ତି । କିନ୍ତୁ ଯେଉଁ ପ୍ରଣାଳୀରେ ଓ ଯେଉଁ ଭାଷାରେ ଏ ବିଷୟ ସେ ଶ୍ରେଣୀରେ ଶିକ୍ଷା ଦିଆଯିବା ଉଚିତ ତାହା ଅନେକ ଲେଖକ ଧାରଣା କରିବା ମଧ୍ୟ ସମ୍ଭବ ହୋଇ ନାହିଁ । ତେଣୁ ବହୁ ଚିତ୍ର ଓ ସମସ୍ତ ବୃତ୍ତି ପରୀକ୍ଷା ପ୍ରଶ୍ନ ସମ୍ବଳିତ ଏ ବହି ଦୁଇଖଣ୍ଡି ପ୍ରତି ଆମେ ପ୍ରାଥମିକ ଶିକ୍ଷକ ଓ ଶିକ୍ଷା ବିଭାଗୀୟ ପରିଦର୍ଶକମାନଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁଁ ।

୧୯୫୨ ମସୀହାର

ଅଧୁନା ପରିବର୍ତ୍ତିତ ସିଲାବସ୍ ଅନୁକ୍ରମେ ଲିଖିତ

ନବ-ଭୂଗୋଳ

ପ୍ରଥମ ଭାଗ	ଚତୁର୍ଥ ଶ୍ରେଣୀ	୦ ୦ ୯
ଦ୍ୱିତୀୟ ଭାଗ	ପଞ୍ଚମ ଶ୍ରେଣୀ	୦ ୧୨

ଲେଖକଗଣ

ଶ୍ରୀ ଲୋକନାଥ ନନ୍ଦ   ଶ୍ରୀ କାଶୀନାଥ ନାୟକ

ଶ୍ରୀ ଶ୍ରୀଧର ଦାସ ଏମ୍. ଏ. ଡି. ଇଡି.

ଶ୍ରୀ ବିଶ୍ୱନାଥ ନାୟକ

Digitized by PPRACHIN, SOA

ସୂଚୀ

ବିଷୟ		ପୃଷ୍ଠା
୧ । ଭାରତବର୍ଷ	...	୫
୨ । ଆଦିମ ଅଧିବାସୀ ଓ ଆର୍ଯ୍ୟଜାତି	...	୭
୩ । ରାମାୟଣ ଓ ମହାଭାରତ	...	୧୧
୪ । ମହାବୀର ଓ ଜୈନଧର୍ମ	...	୧୮
୫ । ବୁଦ୍ଧଦେବ ଓ ବୌଦ୍ଧଧର୍ମ	...	୨୦
୬ । ଶିଶୁନାଗ ବଂଶ, ନନ୍ଦ ବଂଶ ଓ ଆଲେକ୍‌ଜାଣ୍ଡାର		୨୩
୭ । ମୌର୍ଯ୍ୟ ବଂଶ	...	୨୬
୮ । ଖାରବେଳ	...	୩୩
୯ । କୁଶାଣ ବଂଶ ଓ ଗୁପ୍ତ ବଂଶ	...	୩୫
୧୦ । ହୁନ୍‌ଜାତି, ଯଶୋଧର୍ମ, ହର୍ଷବର୍ଦ୍ଧନ ଓ ହୁଏନ୍‌ସାଂ		୪୦
୧୧ । ଉତ୍କଳର ଇତିହାସ (୧)	...	୪୪
୧୨ । ଉତ୍କଳର ଇତିହାସ (୨)	...	୪୯
୧୩ । ଧର୍ମପ୍ରଚାରକଗଣ	...	୫୫
୧୪ । ମହାପୁରୁଷ ମହମ୍ମଦ ଓ ଇସ୍‌ଲାମଂଧର୍ମ	...	୫୭
୧୫ । ମୁସଲମାନମାନଙ୍କ ଦ୍ୱାରା ସିନ୍ଧୁପ୍ରଦେଶ ଅଧିକାର		୬୦
୧୬ । ଭାରତର ଶେଷ ସ୍ୱାଧୀନ ରାଜା	...	୬୪
୧୭ । ଦାସ ବଂଶ	...	୬୮
୧୮ । ଖିଲ୍‌ଜି ବଂଶ	...	୭୩
୧୯ । ତୋଗଲକ ବଂଶ	...	୭୬
୨୦ । ସୈୟଦ୍‌ ଓ ଲୋଦୀ ବଂଶ	...	୮୦
୨୧ । ଉତ୍କଳର ଇତିହାସ (୩)	...	୮୨
୨୨ । ଧର୍ମପ୍ରଚାରକଗଣ	...	୮୬

Digitized by PPRACHIN, SOA



Digitized by PPRACHIN, SOA

ଜାତୀୟ-ଇତିହାସ

ପ୍ରଥମ ପରିଚ୍ଛେଦ

ଭାରତବର୍ଷ

ଆମ ଦେଶ ବା ରାଷ୍ଟ୍ରର ନାମ ଭାରତ । ବହୁବର୍ଷ ଆଗେ ଆମ ଦେଶରେ ଦୁଷ୍ମନ୍ତ ନାମରେ ଜଣେ ପ୍ରତାପୀ ରାଜା ଥିଲେ । ତାଙ୍କ ପୁଅଙ୍କ ନାମ ଭରତ । ଭରତ ପିଲାଦିନୁ ଭାରି ସାହସୀ ଥିଲେ । ସେ ରାଜା ହେବାପରେ ବହୁତ ଦେଶ ଜିଣିଲେ । ତାଙ୍କର ନାମ ଅନୁସାରେ ଆମ ଦେଶର ନାମ 'ଭାରତବର୍ଷ' ହୋଇଛି ।

ଆମ ଦେଶର ଉତ୍ତର ଦିଗରେ ହିମାଳୟ ପର୍ବତ ଓ ତାହାର ଶାଖା ପର୍ବତସବୁ ପାରେଧି ପରି ପୂର୍ବ ଓ ପଶ୍ଚିମ ଦିଗ ଆଡ଼କୁ ବେଢ଼ି ରହିଛନ୍ତି । ଆଉ ତିନି ଦିଗରେ ସମୁଦ୍ର ଘେରି ରହିଛି । ଏଣୁ ଆଗେ ଆମ ଦେଶରେ ବାହାର ଶତ୍ରୁ ପଶିବା ସହଜ ନ ଥିଲା ।

ଭାରତ ଗୋଟିଏ ବଡ଼ ଦେଶ । ପୃଥିବୀରେ ଯେତେ ଯେତେ ପଦାର୍ଥ ମିଳେ, ଏକା ଆମ ଦେଶରେ ସେ ସବୁ ମିଳେ । ଏ ଦେଶର ଲୋକଙ୍କର ପ୍ରଧାନ ଖାଦ୍ୟ ଭାତ ଓ ପନ୍ନ ପରିବା । ଏଣୁ ଲୋକମାନେ ବେଶି ପରିମାଣରେ ଚାଷ କରନ୍ତି । ଆମ ଦେଶରେ ଧାନ,

Digitized by PPRACHIN, SOA

ଗହମ, ପନିପରିବା ଓ ତୈଳବୀଜ ଇତ୍ୟାଦି ବହୁ ପରିମାଣରେ ଉତ୍ପନ୍ନ ହୁଏ । ଏ ଦେଶରେ ଅନେକ କୋଇଲା, ତମ୍ବା, ଲୁହା, ଶୀସା, ସୁନା, ରୁପା ଇତ୍ୟାଦିର ଖଣିମାନ ଅଛି । ଜଙ୍ଗଲରେ ନାନା ଜାତୀୟ କାଠ, ଫଳମୂଳ ଆଦି ରହିଅଛି । ତେଣୁ ଏ ଦେଶରେ ସୁନା ଫଳେ ବୋଲି ବିଦେଶୀମାନେ କହିଛନ୍ତି । ଧନ ଲୋଭରେ ଏ ଦେଶକୁ ବିଦେଶୀମାନେ ଥରକୁଥର ଆସି ବହୁ ଧନ ରତ୍ନ ଲୁଟି କରି ନେଇ ଯାଇଛନ୍ତି ।

ଭାରତ ଓ ପାକିସ୍ଥାନ—ଆଗେ ଆମ ଦେଶ ନାମ ଭାରତବର୍ଷ ଥିଲା । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଭାରତବର୍ଷ ଦୁଇଭାଗ ହୋଇ ଦୁଇଟି ରାଷ୍ଟ୍ରରେ ପରିଣତ ହେଲା; ଯଥା—ଭାରତ ଓ ପାକିସ୍ଥାନ ।

ପୂର୍ବ ଭାରତବର୍ଷର ପଶ୍ଚିମ ପଞ୍ଜାବ, ସିନ୍ଧୁ, ଉତ୍ତରପଶ୍ଚିମ ସୀମାନ୍ତ ପ୍ରଦେଶ ଓ ପୂର୍ବବଙ୍ଗକୁ ନେଇ ପାକିସ୍ଥାନ ଏବଂ ଅବଶିଷ୍ଟ ରାଜ୍ୟମାନ ନେଇ "ଭାରତ ସାଧାରଣତନ୍ତ୍ର ରାଷ୍ଟ୍ର" ଗଠିତ ହୋଇଅଛି ।

ଅନୁଶୀଳନୀ

୧ । ଆମ ଦେଶର ନାମ ଭାରତ ହୋଇଛି କାହିଁକି ?

୨ । କେଉଁ କାରଣରୁ ଆମ ଦେଶକୁ ବାହାରର ଶତ୍ରୁ ଆସି ପାରୁ ନ ଥିଲେ ?

୩ । ଆମ ଦେଶରେ ସୁନା ଫଳେ ବୋଲି ବିଦେଶୀମାନେ କହିବାର କାରଣ କଅଣ ?

Digitized by PPRACHIN, SOA

ଦ୍ୱିତୀୟ ପରିଚ୍ଛେଦ

ଆଦମ ଅଧିବାସୀ ଓ ଆର୍ଯ୍ୟଜାତି

ବହୁ ବର୍ଷ ପୂର୍ବେ ଆମ ଦେଶ ବଣ ଜଙ୍ଗଲରେ ପୂର୍ଣ୍ଣ ରହିଥିଲା । ଗାଁ ଗଣ୍ଡା, କ୍ଷେତବାଡ଼ ଆଦୌ ନ ଥିଲା । ସେକାଳର



[କୋରାପୁଟର ଆଦମ ଅଧିବାସୀଙ୍କ ନାଚ]

ଲୋକମାନେ ଦଳ ଦଳ ହୋଇ ଜଙ୍ଗଲରେ ପଶୁପରି ବୁଲୁଥିଲେ । ସେହିମାନଙ୍କୁ ଏ ଦେଶର ପ୍ରଥମ ବା ଆଦମ ଅଧିବାସୀ କୁହାଯାଏ । ସେମାନେ ଗୃହ କରି ଜାଣି ନ ଥିଲେ କିମ୍ବା କୃଷି

Digitized by PPRACHIN, SOA

ବ୍ୟବହାର କରୁ ନ ଥିଲେ । କେହି ପର୍ବତ ଗୁମ୍ଫାରେ, କେହି ବା ପକ୍ଷ କୁଡ଼ିଆ କରି ଲଙ୍ଗଳା ହୋଇ ରହୁଥିଲେ; ବଣର ଫଳମୂଳ, ପଶୁପକ୍ଷୀଙ୍କ କଞ୍ଚା ମାଂସ ଖାଇ ଜୀବନ ଧାରଣ କରୁଥିଲେ । ପଥରକୁ ଘଷି ମୁନିଆଁ କରି ତହିଁରେ ପଶୁପକ୍ଷୀ ଶିକାର କରୁଥିଲେ । ଧାତୁର ବ୍ୟବହାର ଅଦୌ ଜାଣି ନ ଥିଲେ । ଆଜିକାଲି ତାଙ୍କର ବଂଶଧରମାନଙ୍କୁ କନ୍ଧ, କୋହଲ, ସାନ୍ତାଳ, ଜୁଆଙ୍ଗ, ହୋ, ମୁଣ୍ଡା, ଶବର ପ୍ରଭୃତି କୁହାଯାଏ । ଏମାନଙ୍କ ଦେହର ବର୍ଣ୍ଣ ଖୁବ୍ କଳା ।

ଦ୍ରାବଡ଼ ଜାତି—କେତେ ବର୍ଷ ବିତି ଗଲା ପରେ ଉତ୍ତର ପଶ୍ଚିମ ଦିଗରୁ ଦ୍ରାବଡ଼ ବୋଲି ଏକ ଜାତି ଏ ଦେଶକୁ ଆସିଲେ । ଉତ୍ତର ପଶ୍ଚିମ ଶୀତ ଅଞ୍ଚଳରୁ ଏମାନେ ଆସିଥିବାରୁ ଏମାନଙ୍କର ଦେହର ବର୍ଣ୍ଣ ଆଦିମ ଅଧିବାସୀଙ୍କ ବର୍ଣ୍ଣଠାରୁ ସମ୍ପୂର୍ଣ୍ଣ ପୃଥକ୍ ଥିଲା । ଏମାନେ ଆଦିମ ଅଧିବାସୀଙ୍କଠାରୁ ସଭ୍ୟ ଥିଲେ ଏବଂ କୃଷି ଓ ବେପାର ବାଣିଜ୍ୟ କରି ଜାଣିଥିଲେ । ସେମାନେ ସୁନା ଓ ରୁପାରେ ଅଳଙ୍କାର ଗଢ଼ି ପିନ୍ଧୁଥିଲେ ଓ ସୁନ୍ଦର ସୁନ୍ଦର ଘର ତୋଳି ତହିଁରେ ରହୁଥିଲେ । ଦ୍ରାବଡ଼ମାନେ ଆଦିମ ଅଧିବାସୀଙ୍କ ସଙ୍ଗେ ଲଢ଼ାଇ କରି ସେମାନଙ୍କୁ ମଧ୍ୟ-ଭାରତ ବା ଭାରତର ମଝି ଅଞ୍ଚଳକୁ ତଡ଼ି ଦେଲେ ଏବଂ ନିଜେ ସିନ୍ଧୁ ଉପତ୍ୟକା ଓ ପଞ୍ଜାବ ଅଞ୍ଚଳରେ ବାସ କଲେ । ସେମାନେ ଠାକୁରାଣୀ ଓ ଶିବଙ୍କୁ ପୂଜା କରୁଥିଲେ । ସେମାନେ ଛବି ଅଙ୍କି ଜାଣିଥିଲେ । ଛବିଲିପି ନାମକ ଏକପ୍ରକାର ଅକ୍ଷର ସେମାନେ ବ୍ୟବହାର କରୁଥିଲେ । ଆଧୁନିକ ତେଲୁଗୁ, ତାମିଲ, କର୍ଣ୍ଣାଟୀ ଭାଷା କହୁଥିବା ଲୋକମାନେ ଦ୍ରାବଡ଼ମାନଙ୍କର ବଂଶଧର ବୋଲି ଅନୁମାନ କରାଯାଏ ।

ଆର୍ଯ୍ୟଜାତି—ଦ୍ରାବଡ଼ମାନଙ୍କ ପରେ ଆର୍ଯ୍ୟମାନେ ଏ ଦେଶକୁ ଆସିଥିଲେ । ସେମାନେ ମଧ୍ୟ-ଏସିଆର କାସ୍ପିୟାନ ହ୍ରଦ

Digitized by PPRACHIN, SOA

ଯାଗରେ ବାସ କରୁଥିଲେ । ସେଠାରେ ସେମାନଙ୍କର ସଂଖ୍ୟା ବଢ଼ିଲା, ପଶୁ ଚରାଇବା ଓ କୃଷି କରିବା ପାଇଁ ସ୍ଥାନର ଅଭାବ ହେଲା । ତେଣୁ ସେମାନେ କେତେକ ଦଳରେ ବିଭକ୍ତ ହୋଇ ଇଉରୋପ, ପାରସ୍ୟ ଓ ଭାରତକୁ ଆସିଲେ । ଭାରତକୁ ଯେଉଁ-ମାନେ ଆସିଲେ, ସେମାନେ ପ୍ରଥମେ ପଞ୍ଜାବରେ ବାସକଲେ । ପଞ୍ଜାବରେ ରହିଥିବା ସମୟରେ ଆର୍ଯ୍ୟ ଋଷିମାନେ ବେଦ ରଚନା କରିଥିଲେ । ବେଦ ୪ ଗୋଟି; ଯଥା—ଋକ୍, ସାମ, ଯଜୁ ଓ ଅଥର୍ବ । ଏହି ବେଦମାନଙ୍କ ମଧ୍ୟରୁ ଋକ୍ ବେଦ ସବୁଠାରୁ ପୁରୁଣା । ଆର୍ଯ୍ୟମାନେ ଗୁରୁଙ୍କଠାରୁ ଏହି ବେଦ ଶୁଣି ଶୁଣି ମନେ ରଖୁଥିଲେ ବୋଲି ଏହାର ଅନ୍ୟନାମ ଶ୍ରୁତି । ପରେ ବେଦ ସଂଗ୍ରହ କରାଯାଇ ତାଳପତ୍ର ବା ଭୂର୍ଜପତ୍ରରେ ଲେଖାଯାଇଥିଲା । ଏହା ପୁରୁଣା ସଂସ୍କୃତ ଭାଷାରେ ଲେଖା ।

କ୍ରମେ ଆର୍ଯ୍ୟମାନଙ୍କର ବଂଶ ବଢ଼ିବାରୁ ସେମାନେ ସମୁଦାୟ ଉତ୍ତର ଭାରତରେ ବାସ କଲେ । ଏହାକୁ ଆର୍ଯ୍ୟାବର୍ତ୍ତ କୁହାଗଲା । ଆର୍ଯ୍ୟମାନେ ବରାବର ଆଦମ ଅନାର୍ଯ୍ୟ ଓ ଦ୍ରାବିଡ଼ମାନଙ୍କ ସଙ୍ଗେ ଯୁଦ୍ଧ କରି ସେମାନଙ୍କୁ ଦୂରକୁ ତଡ଼ି ଦେଉଥିଲେ ।

ଜାତି ବିଭାଗ—ସେ କାଳରେ ଭାରତରେ ଆର୍ଯ୍ୟ ଓ ଅନାର୍ଯ୍ୟ ଦୁଇଶ୍ରେଣୀର ଲୋକ ଥିଲେ । ଭାରତର ଆଦମ ଅଧିବାସୀ ଓ ଦ୍ରାବିଡ଼ମାନଙ୍କୁ ଅନାର୍ଯ୍ୟ କୁହା ଯାଉଥିଲା । ଆର୍ଯ୍ୟମାନେ କୃଷି, ପଶୁପାଳନ, ବାଣିଜ୍ୟ ପ୍ରଭୃତି ଅନେକ କାର୍ଯ୍ୟ କରୁଥିଲେ । ସର୍ବଦା ଯୁଦ୍ଧରେ ଲାଗି ରହିବାରୁ ସେମାନଙ୍କର ଅନ୍ୟାନ୍ୟ କାର୍ଯ୍ୟରେ ବାଧା ଆସିଲା । ତେଣୁ ସେମାନେ ନିଜ ନିଜ ଭିତରେ କାର୍ଯ୍ୟ ବାଣ୍ଟି ନେଲେ । ଯେଉଁମାନେ ଦେବପୂଜା ଆଦି ଧର୍ମକାର୍ଯ୍ୟ କରୁଥିଲେ, ସେମାନେ ହେଲେ ବ୍ରାହ୍ମଣ । ଯେଉଁମାନେ ଅନାର୍ଯ୍ୟମାନଙ୍କ ସଙ୍ଗେ ଯୁଦ୍ଧରେ

Digitized by PPRACHIN, SOA

ଲଗି ରହୁଥିଲେ, ସେମାନେ ହେଲେ କ୍ଷତ୍ରିୟ । ଯେଉଁମାନେ କୃଷି-ବାସ, ବେପାର ବାଣିଜ୍ୟ ଆଦି କଲେ ସେମାନେ ହେଲେ ବୈଶ୍ୟ । ଯେଉଁମାନେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଆଦି ତିନି ଜାତିଙ୍କର ସେବା କଲେ, ସେମାନେ ହେଲେ ଶୂଦ୍ର । କାର୍ଯ୍ୟର ଶୃଙ୍ଖଳା ବା ସୁବିଧା ପାଇଁ ଜାତି ବିଭାଗ କରାଯାଇଥିଲା । କାର୍ଯ୍ୟ ଅନୁସାରେ ଜାତି ଧରା ଯାଉଥିଲା । ପରେ ଜାତି ଜନ୍ମଗତ ହୋଇଗଲା; ବ୍ରାହ୍ମଣର ପୁଅ ବ୍ରାହ୍ମଣ, କ୍ଷତ୍ରିୟର ପୁଅ କ୍ଷତ୍ରିୟ ଓ ବୈଶ୍ୟର ପୁଅ ବୈଶ୍ୟ ହେଲା ।

ଆର୍ଯ୍ୟମାନଙ୍କ ରୀତିନୀତି—ଆର୍ଯ୍ୟମାନେ ଇନ୍ଦ୍ର, ଚନ୍ଦ୍ର, ଅଗ୍ନି, ବରୁଣ ପ୍ରଭୃତି ଦେବତାଙ୍କ ପୂଜା କରୁଥିଲେ । ବେଦ ସେମାନଙ୍କର ଧର୍ମଶାସ୍ତ୍ର ଥିଲା । ଦୁଧ, ଘିଅ, ଗହମ ସେମାନଙ୍କର ପ୍ରଧାନ ଖାଦ୍ୟ ଓ କୃଷି ସେମାନଙ୍କର ପ୍ରଧାନ ଜୀବିକା ଥିଲା । ମଲାପରେ ସ୍ୱର୍ଗ ପାଇବା ପାଇଁ ସେମାନେ ଯଜ୍ଞ କରୁଥିଲେ । ସେମାନଙ୍କର ସ୍ତ୍ରୀମାନେ ସ୍ୱାଧୀନ ଥିଲେ । ସ୍ତ୍ରୀମାନେ ଯଜ୍ଞ କାର୍ଯ୍ୟରେ ଭାଗ ନେଉଥିଲେ । ଆଜିକାଲି ପରି ମନ୍ତ୍ର ବୋଲାଯାଇ ବ୍ରତ, ବିବାହ, ବିଦ୍ୟାରମ୍ଭ ଆଦି କରାଯାଉଥିଲା ।

ଶାସନ—ଆର୍ଯ୍ୟମାନଙ୍କ ମଧ୍ୟରେ ଅନେକ ଶ୍ରେଷ୍ଠ ଶ୍ରେଷ୍ଠ ରଜା ଥିଲେ । ପ୍ରଜାଙ୍କୁ ସୁଖରେ ପାଳିବା ସେମାନଙ୍କର ପ୍ରଧାନ କାର୍ଯ୍ୟ ଥିଲା । ଉତ୍ତର ଭାରତରେ ରଜାମାନେ ପ୍ରାୟ ସବୁବେଳେ ଆପଣା ଆପଣା ମଧ୍ୟରେ ଯୁଦ୍ଧ କରୁଥିଲେ । ବଳୁଆ ରଜା ଅନ୍ୟ ଦୁର୍ବଳ ରଜାମାନଙ୍କୁ ଯୁଦ୍ଧରେ ଜିଣି ନେଲେ ସମ୍ରାଟ୍ ହେବାକୁ ଚେଷ୍ଟା କରୁଥିଲେ । ସେମାନେ ଅଶ୍ୱମେଧ ଓ ରାଜସୂୟ ନାମରେ ଦୁଇ-ପ୍ରକାର ଯଜ୍ଞ କରୁଥିଲେ । ଅଶ୍ୱମେଧ ଯଜ୍ଞରେ ଗୋଟିଏ ଘୋଡ଼ାକୁ ବଳି ଦିଆଯାଉଥିଲା । ରାଜସୂୟ ଯଜ୍ଞ କେବଳ ବଡ଼ ବଡ଼ ରଜାମାନେ

Digitized by PPRACHIN, SOA

କରୁଥିଲେ । ଶ୍ରେଷ୍ଠ ରାଜାମାନେ ଏଥିରେ ବଡ଼ ରାଜାଙ୍କର ଅନେକ କାର୍ଯ୍ୟ କରୁଥିଲେ । ମୋଟ ଉପରେ ସେକାଳର ରାଜ୍ୟଶାସନ ଭଲ-ରୂପେ ଚଳୁଥିଲା ।

ପ୍ରଶ୍ନ

୧ । ଆଦିମ ଅଧିବାସୀମାନଙ୍କର ଜୀବିକା ଓ ରୀତିନୀତି ବିଷୟରେ ଯାହା ଜାଣ କହ ।

୨ । ଦ୍ରାବିଡ଼ମାନେ ଆଦିମ ଅଧିବାସୀଙ୍କଠାରୁ କିପରି ସଭ୍ୟ ଜାତି ବୁଝାଇ ଦିଅ ।

୩ । ଶୂନ୍ୟ ସ୍ଥାନ ପୂରଣ କର:—

(କ) ଆର୍ଯ୍ୟମାନେ—ର—ହ୍ରଦ ପାଖରେ ବାସ କରୁଥିଲେ ।

(ଖ) — ରେ ରହିବା ବେଳେ ଆର୍ଯ୍ୟ ଋଷିମାନେ—ରଚନା କରିଥିଲେ ।

(ଗ) — ଯଜ୍ଞରେ ଗୋଟିଏ ଘୋଡ଼ା ବଳି ଦିଆ ଯାଉଥିଲା ।

୪ । (କ) ଆର୍ଯ୍ୟମାନଙ୍କ ମଧ୍ୟରେ ଜାତି ବିଭାଗ କାହିଁକି ହେଲା ?

(ଖ) ସେମାନେ କେତୋଟି ଜାତିରେ ବିଭକ୍ତ ହେଲେ ?

(ଗ) ବେଦକୁ କାହିଁକି ଶ୍ରୁତି କୁହାଯାଏ ?

ତୃତୀୟ ପରିଚ୍ଛେଦ

ରାମାୟଣ ଓ ମହାଭାରତ

ରାମାୟଣ କଥା—ବାଲ୍ମୀକି ଋଷି ସଂସ୍କୃତରେ ରାମାୟଣ ରଚନା କରିଥିଲେ । ସେଥିରୁ ବଳରାମ ଦାସ ଓଡ଼ିଆ ଗୀତରେ ରାମାୟଣ କରି ଅଛନ୍ତି । ଉତ୍ତର ଭାରତର ସରଯୂ ନଦୀ କୂଳରେ ଅଯୋଧ୍ୟା ବୋଲି ଗୋଟିଏ ରାଜ୍ୟ ଥିଲା । ଅଗେ ଦଶରଥ ସେହି ରାଜ୍ୟର ରାଜା ଥିଲେ । ତାଙ୍କର କୌଶଲ୍ୟା, କୈକେୟୀ ଓ

Digitized by PPRACHIN, SOA

ସୁମିତ୍ରା ନାମରେ ତିନୋଟି ରାଣୀ ଥିଲେ । ବଡ଼ ରାଣୀ କୌଶଲ୍ୟାଙ୍କ ପୁତ୍ର ରାମଚନ୍ଦ୍ର, ମଝିଆଁ ରାଣୀ କୈକେୟୀଙ୍କ ପୁତ୍ର ଭରତ ଓ ସାନରାଣୀ ସୁମିତ୍ରାଙ୍କର ଦୁଇ ପୁତ୍ର, ଲକ୍ଷ୍ମଣ ଓ ଶତ୍ରୁଘ୍ନ ।

ଦଶରଥ ଥରେ କୈକେୟୀଙ୍କ କାର୍ଯ୍ୟରେ ଖୁସି ହୋଇ ତାଙ୍କୁ ଦୁଇଟି ବର ଦେବେ ବୋଲି ସ୍ୱୀକାର କରିଥିଲେ ।

କ୍ରମେ ପୁଅମାନେ ପାଠ ଓ ଯୁଦ୍ଧ ବିଦ୍ୟାରେ ଖୁବ୍ ପାରଗ ହୋଇଗଲେ । ଦଶରଥ ବୁଢ଼ା ହୋଇଯିବାରୁ ବଡ଼ ପୁଅ ରାମଚନ୍ଦ୍ରଙ୍କୁ ରାଜ୍ୟରେ ରାଜା କରାଇବା ପାଇଁ ସବୁ ଅୟୋଜନ କଲେ । ରାଜ୍ୟ-ସାରା ଉତ୍ସବ ଲାଗିଲା । ଠିକ୍ ଏତିକି ବେଳେ କୈକେୟୀ ତାଙ୍କ କଳିହୁଡ଼ୀ ଦାସୀ ମନ୍ଥରା କଥାରେ ପଡ଼ି ଦଶରଥଙ୍କୁ ଆଗରୁ ସତ୍ୟ କରିଥିବା ବର ଦୁଇଟି ମାଗି ବସିଲେ । ପ୍ରଥମ ବରରେ ଭରତ ରାଜା ହେବେ, ଦ୍ୱିତୀୟରେ ରାମଚନ୍ଦ୍ର ଚଉଦବର୍ଷ ବଣକୁ ଯିବେ । ଏକଥା ଶୁଣି ଦଶରଥ ମନ ଦୁଃଖରେ ବହୁତ କାନ୍ଦିଲେ । ରାଣୀଙ୍କୁ ସେ ବର ନ ମାଗିବାକୁ ବହୁତ ବୁଝାଇଲେ । ମାତ୍ର ରାଣୀ ଅବୋଧ କିଛି ନ ଶୁଣି ବର ପାଇଁ ଜିଦ୍ କରି ବସିଲେ ।

ଶେଷରେ ସେଇଆ ହେଲା । ରାମ ବଣକୁ ଗଲେ । ତାଙ୍କ ସଙ୍ଗରେ ଭାଇ ଲକ୍ଷ୍ମଣ ଓ ତାଙ୍କ ସ୍ତ୍ରୀ ସୀତା ମଧ୍ୟ ବଣକୁ ଗଲେ । ଦଶରଥ ରାମଙ୍କୁ ଝୁରି ଝୁରି ମରିଗଲେ । ଭରତ ମାମୁଘରୁ ଫେରି ଏକଥା ଦେଖି ବହୁତ ଦୁଃଖ କଲେ ଓ ରାମଚନ୍ଦ୍ରଙ୍କୁ ଫେରାଇ ଆଣିବା ପାଇଁ ନିଜେ ବଣକୁ ଗଲେ । ମାତ୍ର ରାମ ତାଙ୍କୁ ବୁଝାଇ ନିଜର ପାଦୁକା ଦୁଇଟି ଦେଇ ରାଜ୍ୟ ବୁଝିବା ପାଇଁ ପଠାଇ ଦେଲେ । ଭରତ ପାଦୁକା ଦୁଇଟି ସିଂହାସନରେ ରଖି ରାଜ୍ୟ ବୁଝିଲେ ।

ରାମ, ଲକ୍ଷ୍ମଣ ଓ ସୀତା ପଞ୍ଚବଟୀ ବଣରେ ପତ୍ର କୁଡ଼ିଆ କରି ରହିଲେ । ରାମ ଲକ୍ଷ୍ମଣ କୁଡ଼ିଆରେ ନଥିବା ବେଳେ ଦିନେ ଲଙ୍କାର

Digitized by PPRACHIN, SOA

ଅସୁର ରାଜା ରାବଣ ଯୋଗୀ ବେଶରେ ଆସି ସୀତାଙ୍କୁ ରଥରେ ବସାଇ ଲଙ୍କାକୁ ନେଇଗଲା ।

ଦୁଇଭାଇ କୁଡ଼ିଆରେ ସୀତାଙ୍କୁ ନଦେଖି ବହୁତ ଖୋଜିଲେ ; ତାଙ୍କର ଜଣେ ବନ୍ଧୁ ସୁଗ୍ରୀବ ମଧ୍ୟ ସୀତାଙ୍କୁ ଠାବ କରିବା ପାଇଁ

[ରାମଙ୍କର ବନ ଗମନ]

ଚାରିଆଡ଼େ ଦୂତ ପଠାଇଲେ । ଦୂତମାନଙ୍କ ମଧ୍ୟରୁ ହନୁମାନ ଶେଷରେ ଦେଖିଲେ ଯେ ସୀତା ଲଙ୍କାରେ ଅଛନ୍ତି ।

Digitized by PPRACHIN, SOA

ହନୁ ସମ୍ବାଦ ଦେବା ପରେ ରାମ ସମୁଦ୍ରରେ ସେତୁ ବାନ୍ଧି ଲଙ୍କାରେ ପଶି ରାବଣ ସହ ସବୁ ରାକ୍ଷସଙ୍କୁ ମାରି ପକାଇଲେ । ସେ ରାବଣର ଭାଇ ବିଭୀଷଣଙ୍କୁ ସେଠାରେ ରାଜା କରାଇ ସୀତାଙ୍କ ସହ ଅଯୋଧ୍ୟାକୁ ଫେରି ରାଜା ହେଲେ । ରାମ ରାଜ୍ୟ ଶାସନ କଲାବେଳେ ପ୍ରଜାମାନେ ଅତି ସୁଖରେ କାଳ କାଟୁଥିଲେ ।

ମହାଭାରତ କଥା—ବ୍ୟାସଦେବ ନାମରେ ଜଣେ ଋଷି ସଂସ୍କୃତ ଭାଷାରେ ମହାଭାରତ ଲେଖିଲେ । ଶୁଦ୍ରମୁନି ଶାରଳାଦାସ ଏହି ମହାଭାରତ ପୁଣି ଓଡ଼ିଆ ଗୀତରେ ଲେଖିଅଛନ୍ତି ।

ବହୁକାଳ ପୂର୍ବେ ହସ୍ତିନାପୁର ନାମକ ରାଜ୍ୟରେ ଚନ୍ଦ୍ରବଂଶରେ କୁରୁ ବୋଲି ଜଣେ ରାଜା ରାଜୁତି କରୁଥିଲେ । ତାଙ୍କ ବଂଶରେ ଧୃତରାଷ୍ଟ୍ର ଓ ପାଣ୍ଡୁ ନାମରେ ଦୁଇ ଭାଇ ଜନ୍ମ ହୋଇଥିଲେ । ଧୃତରାଷ୍ଟ୍ର ଜନ୍ମରୁ ଅନ୍ଧ ଥିଲେ । ତେଣୁ ତାଙ୍କ ଭାଇ ପାଣ୍ଡୁ ରାଜକାର୍ଯ୍ୟ ଚଳାଉ ଥିଲେ । ଧୃତରାଷ୍ଟ୍ରଙ୍କ ସ୍ତ୍ରୀଙ୍କ ନାମ ଗାନ୍ଧାରୀ । ଦୁର୍ଯ୍ୟୋଧନ ଦୁଃଶାସନ ଆଦି ତାଙ୍କର ଶହେ ପୁଅ ଥିଲେ । ଏମାନଙ୍କୁ କୌରବ କୁହାଯାଏ । ପାଣ୍ଡୁଙ୍କର ଦୁଇ ସ୍ତ୍ରୀଙ୍କ ନାମ କୁନ୍ତୀ ଓ ମାଦ୍ରୀ । ସେ ଦୁହିଙ୍କଠାରୁ ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ ନାମରେ ପାଞ୍ଚ ପୁଅ ଜନ୍ମିଥିଲେ । ଏମାନଙ୍କୁ ପାଣ୍ଡବ କୁହାଯାଏ ।

କିଛି ଦିନପରେ ପାଣ୍ଡୁ ମରିଯିବାରୁ ଅନ୍ଧ ଧୃତରାଷ୍ଟ୍ର ପାଣ୍ଡବ ପାଞ୍ଚ ଭାଇଙ୍କର ମୁରବି ହେଲେ । ଧୃତରାଷ୍ଟ୍ର ଦ୍ରୋଣାଚାର୍ଯ୍ୟଙ୍କୁ ଆଣି ନିଜର ପୁଅମାନଙ୍କ ସଙ୍ଗରେ ପାଣ୍ଡବମାନଙ୍କୁ ମଧ୍ୟ ଯୁଦ୍ଧବିଦ୍ୟା ଶିଖାଇଲେ ।

ଅର୍ଜୁନ ଧନୁ ଚଳାଇବାରେ ଓ ଭୀମ ଗଦାଯୁଦ୍ଧରେ ସମସ୍ତଙ୍କ-ଠାରୁ ଶ୍ରେଷ୍ଠ ହେଲେ । ଏଥିରେ କୌରବମାନେ ହିଂସା କରି ପାଣ୍ଡବମାନଙ୍କର ଅମଙ୍ଗଳ ପାଞ୍ଚିଲେ । ଥରେ ସେମାନେ ଭୀମଙ୍କୁ

Digitized by PPRACHIN, SOA

ବିଷଲଡ଼ୁ ଖୁଆଇଲେ; ମାତ୍ର ଭୀମ ସେଥିରେ ମଲେ ନାହିଁ । ତାପରେ ସେମାନେ ପାଣ୍ଡବମାନଙ୍କୁ ଗୋଟିଏ ଜଉଘରେ ପୁରାଇ ନିଆଁ ଲଗାଇ ଦେଲେ । ସେଥିରେ ମଧ୍ୟ ସେମାନେ ମଲେ ନାହିଁ । ଘରେ ନିଆଁ ଲାଗିବା ଆଗରୁ ପାଣ୍ଡବମାନେ ପଳାଇ ଯାଇଥିଲେ । ତାପରେ ପାଣ୍ଡବମାନେ ଛଦ୍ମବେଶ ଧରି ବୁଲିବାକୁ ଲାଗିଲେ ।

ପଞ୍ଚାଳର ରାଜା ଦ୍ରୁପଦଙ୍କ ଝିଅ ଦ୍ରୌପଦୀଙ୍କର ସ୍ୱୟମ୍ବର ହେଉଥିଲା । ଦ୍ରୁପଦ ଗୋଟିଏ କଠିନ ପଣ କରିଥାନ୍ତି । ଖୁବ୍ ଉଚ୍ଚରେ ଗୋଟିଏ ସୁନାର ମାଛ ରଖା ଯାଇଥିଲା । ତା ତଳେ ଗୋଟିଏ ଚକ ଘୂରୁଥିଲା । ଭୂଇଁରେ ଥିବା ଜଳପାତ୍ରରେ ମାଛର ଛାଇକୁ ଚାହିଁ ଯେଉଁ ବୀର ମାଛର ଆଖିକୁ ଶରରେ ଫୁଟାଇ ଦେବ, ସେ ଦ୍ରୌପଦୀଙ୍କ ବର ହେବ । ଅନେକ ରାଜା ଲକ୍ଷ୍ୟ ଭେଦ କରିବାକୁ ଯାଇ ହାରିଗଲେ । ଶେଷରେ ବ୍ରାହ୍ମଣବେଶଧାରୀ ଅର୍ଜୁନ ଏହି ଲକ୍ଷ୍ୟଭେଦ କରି ଦ୍ରୌପଦୀଙ୍କୁ ପାଇଲେ । ମାଆଙ୍କ କଥାମାନି ପାଞ୍ଚଭାଇ ମିଳି ଦ୍ରୌପଦୀଙ୍କୁ ବିବାହ କଲେ ।

ଧୃତରାଷ୍ଟ୍ର ପାଣ୍ଡବମାନଙ୍କୁ ଡାକି ଅଧେ ରାଜ୍ୟ ଦେଲେ । ଖଳ ଦୁର୍ଯ୍ୟୋଧନ ଏକଥା ସହି ନ ପାରି ତାଙ୍କର ଅନିଷ୍ଟ କରିବା ଲାଗି ବାଜି ରଖି ତାଙ୍କ ସଙ୍ଗେ ଜୁଆ ଖେଳିଲେ । ଖେଳରେ ପାଣ୍ଡବମାନେ ସବୁ ସମ୍ପତ୍ତି ହାରିଲେ । ସେମାନଙ୍କୁ ବାରବର୍ଷ ବନବାସ ଏବଂ ଏକବର୍ଷ ଅଜ୍ଞାତ ବାସ କରିବାକୁ ହେଲା ।

ଦୀର୍ଘ ତେର ବର୍ଷ ପରେ ପାଣ୍ଡବମାନେ ଫେରିଆସି ଦୁର୍ଯ୍ୟୋଧନଙ୍କୁ ରାଜ୍ୟ ମାଗିବାରୁ ସେ ଦେଲେ ନାହିଁ ।

ଶେଷରେ ଉଭୟ ପକ୍ଷ ଯୁଦ୍ଧ କରିବାକୁ ବାହାରିଲେ । ଦିଲ୍ଲୀ ନିକଟରେ କୁରୁକ୍ଷେତ୍ର ନାମକ ଏକ ବଡ଼ ପଡ଼ିଆରେ ଯୁଦ୍ଧ ହେଲା । ଏହି ଯୁଦ୍ଧରେ କୌରବଙ୍କ ପକ୍ଷରୁ ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଅଶ୍ୱତ୍ଥାମା,

Digitized by PPRACHIN, SOA

[ଅର୍ଜ୍ଜୁନଙ୍କ ଲକ୍ଷ୍ୟ ଭେଦ]

Digitized by PPRACHIN, SOA

ଜୟଦ୍ରଥ ପ୍ରଭୃତି ବଡ଼ ବଡ଼ ବୀରମାନେ ପ୍ରାଣ ହରାଇଲେ । ପାଣ୍ଡବମାନଙ୍କର ସଖା ଶ୍ରୀକୃଷ୍ଣ ପାଣ୍ଡବମାନଙ୍କୁ ବହୁତ ସାହାଯ୍ୟ କରିଥିଲେ । ଅଠର ଦିନ ଯୁଦ୍ଧପରେ ପାଣ୍ଡବମାନେ ଜୟଲାଭ କଲେ । ଯୁଧିଷ୍ଠିର ରାଜା ହେଲେ । ସେ ଭାଇ ବନ୍ଧୁମାନଙ୍କୁ ମାରିଥିବା ପାପରୁ ମୁକ୍ତ ହେବାପାଇଁ ଅଶ୍ୱମେଧ ଯଜ୍ଞ କରିଥିଲେ ।

ପାଣ୍ଡବମାନଙ୍କର ପ୍ରିୟବନ୍ଧୁ ଶ୍ରୀକୃଷ୍ଣ ଦେହତ୍ୟାଗ କଲାରୁ ପାଣ୍ଡବମାନେ ଅର୍ଜୁନଙ୍କ ନାତି ପରୀକ୍ଷିତଙ୍କୁ ସିଂହାସନରେ ବସାଇ ସ୍ୱର୍ଗାରୋହଣ କଲେ ।

ଅନୁଶୀଳନୀ

୧ । ପ୍ରଥମେ କିଏ ରାମାୟଣ ରଚନା କରିଥିଲେ ? ଓଡ଼ିଆ ଗୀତରେ କିଏ କିଏ ରାମାୟଣ ଲେଖିଥିବାର ତୁମେ ଜାଣ ?

୨ । ମହାଭାରତ ସଂସ୍କୃତରେ କିଏ ଲେଖିଥିଲେ ଓ କିଏ ତାହା ଓଡ଼ିଆ ଗୀତରେ ଲେଖିଥିଲେ ?

୩ । କୌରବମାନେ ପାଣ୍ଡବଙ୍କର ଅନିଷ୍ଟ ପାଇଁ କଣ କଣ କରିଥିଲେ ?

୪ । ମହାଭାରତ ଯୁଦ୍ଧ କାହା କାହା ଭିତରେ, କେଉଁଠାରେ, କେତେ ଦିନ ପର୍ଯ୍ୟନ୍ତ ହୋଇଥିଲା ?

୫ । ପାଣ୍ଡବମାନେ ସ୍ୱର୍ଗକୁ ଗଲାବେଳେ କାହାକୁ ସିଂହାସନ ଦେଇଗଲେ ?

Digitized by PPRACHIN, SOA

ଚତୁର୍ଥ ପରିଚ୍ଛେଦ

ମହାବୀର ଓ ଜୈନଧର୍ମ

ବିହାର ପ୍ରଦେଶର ବୈଶାଳୀ ନଗରୀର ରାଜବଂଶରେ ମହାବୀର ଜନ୍ମ ହୋଇଥିଲେ । ତାହାଙ୍କର ପିତାଙ୍କ ନାମ ସିଦ୍ଧାର୍ଥ । ତାଙ୍କର ପ୍ରଥମ ନାମ ଥିଲା ବର୍ଦ୍ଧମାନ । ପିଲାଦିନୁଁ ସେ ଏକୁଟିଆ ବସି ଧର୍ମ ବିଷୟରେ ଚିନ୍ତା କରୁଥିଲେ । ସେ ସବୁବେଳେ ଭାବୁଥିଲେ ଯେ, ସଂସାରରେ ସୁଖ ନାହିଁ । ଲୋକମାନେ ସଂସାର-ଜଞ୍ଜାଳରେ ପଡ଼ିଯାଇ କଷ୍ଟ ପାଉଛନ୍ତି । ତେଣୁ ସେ ରାଜନଅର, ପୁଅ, ଭାର୍ଯାଙ୍କୁ ଛାଡ଼ି ବଣରେ ବାର ବର୍ଷ ତପସ୍ୟା କଲେ । ତପସ୍ୟାଦ୍ୱାରା ସେ ଇନ୍ଦ୍ରିୟମାନଙ୍କୁ ଜୟ କଲେ । ସେହି ଦିନୁଁ ତାଙ୍କ ନାମ ମହାବୀର ହେଲା । ସେ ଯେଉଁ ଧର୍ମ ପ୍ରଚାର କଲେ, ତାହାର ନାମ ଜୈନଧର୍ମ । ସେ ଦକ୍ଷିଣ-ବିହାର, ତ୍ରିହୁତ, ଭାଗଲପୁର ପ୍ରଭୃତି ନାନା ସ୍ଥାନରେ ବୁଲି ୩୦ ବର୍ଷ କାଳ ଧର୍ମପ୍ରଚାର କରିଥିଲେ । ଖ୍ରୀଷ୍ଟପୂର୍ବ ୫୨୭ ଅବ୍ଦରେ ସେ ପାଟଣା ଜିଲ୍ଲାର ପାବା ନାମକ ସ୍ଥାନରେ ଦେହତ୍ୟାଗ କଲେ । ସେତେବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା ।

ଜୈନଧର୍ମ—ଜୀବପ୍ରତି ଦୟା କରିବା ଏହି ଧର୍ମର ପ୍ରଧାନ ନୀତି । ଜୈନମାନେ ବେଦ ମାନନ୍ତି ନାହିଁ । ଅଗ୍ନି ଜାଳିଲେ ତହିଁରେ ପୋକମାଛି ପଡ଼ି ମରିଯାଇପାରନ୍ତି ବୋଲି ସେମାନେ ରାତିରେ ଅଗ୍ନି ଜାଳନ୍ତି ନାହିଁ । ମୁହଁ, ନାକ ପ୍ରଭୃତିରେ କାଳେ ପୋକ ପଶି ମରିଯିବେ, ଏଥିପାଇଁ ଅନେକେ ମୁହଁରେ ଲୁଗା ଦେଇ ବୁଲନ୍ତି । ଏମାନଙ୍କର ଜାତିବିଭାଗ ଅଛି । ମୁକ୍ତ ଓ ପୁନର୍ଜନ୍ମରେ

Digitized by PPRACHIN, SOA

ଏମାନେ ବିଶ୍ୱାସ କରନ୍ତି । ଏମାନେ ଦୁଇଟି ଦଳରେ ବିଭକ୍ତ । ଯଥା—ଶ୍ୱେତାମ୍ବର ଓ ଦିଗମ୍ବର । ଶ୍ୱେତାମ୍ବରମାନେ ଧଳା ଲୁଗା ପିନ୍ଧନ୍ତି ଓ ଦିଗମ୍ବରମାନେ ଲଙ୍ଗଳା ହୋଇ ବୁଲନ୍ତି ।

[ମହାବୀର]

ପାର୍ଶ୍ୱନାଥଙ୍କୁ ଜୈନମାନେ ଦେବତା ପରି ମାନନ୍ତି । ଆଗେ ପୁରୀ ଜିଲ୍ଲାର ଖଣ୍ଡଗିରି ପାହାଡ଼ରେ ପାର୍ଶ୍ୱନାଥଙ୍କ ମନ୍ଦିର ଥିଲା । କାଳକ୍ରମେ ତାହା ଭାଙ୍ଗି ଯିବାରୁ ସେଠାରେ ଗୋଟିଏ ନୂଆ ମନ୍ଦିର ତୋଳା ହୋଇଅଛି । ପୂର୍ବକାଳରେ ଖଣ୍ଡଗିରି ଓ ଉଦୟଗିରି ପାହାଡ଼ ଦୁଇଟିର ଗୁମ୍ଫାମାନଙ୍କରେ ଜୈନ ସନ୍ନ୍ୟାସୀମାନେ ରହୁଥିଲେ ।

ଅନୁଶୀଳନୀ

୧ । ମହାବୀର କେଉଁ ପ୍ରଦେଶର କେଉଁ ଜିଲ୍ଲାରେ ଜନ୍ମ ହୋଇ-ଥିଲେ ?

୨ । ମହାବୀରଙ୍କର ପ୍ରଥମ ନାମ ଓ ତାଙ୍କ ପିତାଙ୍କ ନାମ କଅଣ ଥିଲା ?

Digitized by PPRACHIN, SOA

୩ । ଶୂନ୍ୟସ୍ଥାନ ପୂରଣ କର :—

(କ) ମହାବୀର — ବର୍ଷ ବୟସରେ — ଜିଲ୍ଲାର — ଠାରେଦେହତ୍ୟାଗ କଲେ ।

(ଖ) ଜୈନମାନେ — ଭଗତରେ ବିଭକ୍ତ । — ଜୈନମାନେ ଲଙ୍ଗଳା ହୋଇ ବୁଲନ୍ତି ।

୪ । ଆଗେ ପୁରୀ ଜିଲ୍ଲାର କେଉଁ କେଉଁ ସ୍ଥାନରେ ଜୈନ ସନ୍ନ୍ୟାସୀମାନେ ରହୁଥିଲେ ?

ପଞ୍ଚମ ପରିଚ୍ଛେଦ

ବୁଦ୍ଧଦେବ ଓ ବୌଦ୍ଧଧର୍ମ

ବୁଦ୍ଧଦେବ—ବୁଦ୍ଧଦେବ ନେପାଳ ରାଜ୍ୟର କପିଳବାସ୍ତୁ ନଗରୀରେ ଜନ୍ମଗ୍ରହଣ କରିଥିଲେ । ଏହାଙ୍କର ଅନେକ ନାମ ଥିଲା । ଯଥା—ଶାକ୍ୟସିଂହ, ଗୌତମ, ସିଦ୍ଧାର୍ଥ । ଏହାଙ୍କ ପିତାଙ୍କ ନାମ ଶୁଦ୍ଧୋଦନ ଓ ମାତାଙ୍କ ନାମ ମାୟାଦେବୀ ।

ବୁଦ୍ଧ ଜନ୍ମ ହେବାର ସାତ ଦିନ ପରେ ତାଙ୍କର ମାତା ମରି ଯାଇଥିଲେ । ସେ ପିଲଦିନୁଁ ଏକୁଟିଆ ବସି ଚିନ୍ତା କରିବାକୁ ଭଲ ପାଉଥିଲେ । ତାଙ୍କ ବାପା ପୁଅର ଏ ଢଙ୍ଗ ଦେଖି ବଡ଼ ଚିନ୍ତିତ ହୋଇପଡ଼ିଲେ । କାଳେ ପୁଅ ସନ୍ନ୍ୟାସୀ ହୋଇଯିବ, ଏହି ଭୟରେ ସେ ତାଙ୍କୁ ଗୋପା ବୋଲି ଏକ ସୁନ୍ଦରୀ ରାଜକନ୍ୟାଙ୍କ ସହିତ ବିବାହ କରାଇଦେଲେ । କିଛି ଦିନ ପରେ ତାଙ୍କର ରାହୁଲ ନାମରେ ଗୋଟିଏ ସୁନ୍ଦର ପୁଅ ହେଲା । ମାତ୍ର ଏତେ କଥା ହୋଇ ମଧ୍ୟ ତାଙ୍କ ମନ ବଦଳିଲା ନାହିଁ । ସେ ଗୋଟିଏ ବୁଢ଼ା, ଗୋଟିଏ ଶବ ଓ ଗୋଟିଏ ରୋଗୀ ଦେଖି ମନରେ ଭାବିଲେ, "ଏ ସଂସାର

Digitized by PPRACHIN, SOA

ଏହିପରି ନାନା ଦୁଃଖରେ ପୂର୍ଣ୍ଣ । ସଂସାରରେ ରହିଲେ ଏସବୁ ଦୁଃଖ ଭୋଗ କରିବାକୁ ହେବ । ଏଥିରୁ ରକ୍ଷା ପାଇବାର ଉପାୟ କଣ ?” ଏହିପରି ଚିନ୍ତା କରୁ କରୁ ଦିନେ ସେ ଜଣେ ସନ୍ନ୍ୟାସୀଙ୍କୁ ଦେଖି ବିଚାରିଲେ, “ମୁଁ ଏହିପରି ସଂସାରତ୍ୟାଗୀ ସନ୍ନ୍ୟାସୀ ହୋଇ ଦୁନିଆର ଲୋକଙ୍କୁ ଗୋଟିଏ ନୂଆ ବାଟ ଦେଖାଇବି ।”

[ବୁଦ୍ଧଦେବ]

ଦିନେ ରାତରେ ଗୌତମ ତାଙ୍କର ଭାର୍ଯ୍ୟା ଓ ପୁଅକୁ ଛାଡ଼ି ବଣକୁ ପଳାଇଲେ । ପ୍ରଥମେ ସେ ବୈଶାଳୀ ନଗରୀର ଜଣେ ବ୍ରାହ୍ମଣଙ୍କ ଶିଷ୍ୟ ହେଲେ । ଏଥିରେ ତାଙ୍କର ମନ ନ ମାନିବାରୁ ସେ ଘୋରଜଙ୍ଗଲଭିତରକୁ ଯାଇ କଠିନ ତପସ୍ୟା କଲେ । କିନ୍ତୁ କିଛି ଫଳ ହେଲା ନାହିଁ । ଫଳ ପାଇବା ଆଶାରେ ତପସ୍ୟା କରିବା ଭଲ ନୁହେଁ ବୋଲି ଜାଣି ସେ ପୁଣି ତପସ୍ୟାରେ ବସିଲେ । ଏଥର ତାଙ୍କର ଜ୍ଞାନଲାଭ ହେଲା । ସେ ପ୍ରଥମେ କାଶୀ ସହରକୁ

Digitized by PPRACHIN, SOA

ଯାଇ ସେଠାରେ ବୁଦ୍ଧ ଅର୍ଥାତ୍ ଜ୍ଞାନୀ ନାମରେ ଆପଣାକୁ ଚିହ୍ନାଇ ବୌଦ୍ଧଧର୍ମ ପ୍ରଚାର କଲେ ।

ମଗଧର ରାଜା ବିମ୍ବିସାର, ଅଜାତଶତ୍ରୁ, ତାଙ୍କ ମାତା, ସ୍ତ୍ରୀ, ପିତା ସମସ୍ତେ ଏହି ନୂତନ ଧର୍ମ ଗ୍ରହଣ କଲେ । ତାପରେ ହଜାର ହଜାର ଲୋକ ଏହି ଧର୍ମ ଗ୍ରହଣ କଲେ ।

ବୌଦ୍ଧଧର୍ମ—ବୁଦ୍ଧଦେବ ଯେଉଁ ଧର୍ମ ପ୍ରଚାର କରିଥିଲେ, ତାହାର ନାମ ବୌଦ୍ଧଧର୍ମ । ବୌଦ୍ଧମାନେ ବେଦ ମାନନ୍ତି ନାହିଁ କିମ୍ବା ଦେବଦେବୀ ପୂଜା କରନ୍ତି ନାହିଁ । ଜାତିଭେଦ ଓ ଛୁଆଁ-ଅଛୁଆଁ ମାନନ୍ତି ନାହିଁ । ବୌଦ୍ଧମାନଙ୍କର ବିଶ୍ୱାସ, ମନୁଷ୍ୟ ଯେପରି କାମ କରିବ ସେପରି ଫଳ ପାଇବ । ଜୀବପ୍ରତି ଦୟା ଏ ଧର୍ମର ପ୍ରଧାନ ନୀତି । ଯାଗ, ହିଂସା, ଲୋଭ ଇତ୍ୟାଦି କରିବା ବୌଦ୍ଧଧର୍ମରେ ପାପକାର୍ଯ୍ୟ ବୋଲି ଧରାଯାଏ ।

ଏହି ଧର୍ମ ଭାରତ ବାହାରେ ଚୀନ୍, ତିବ୍ବତ, ସିଂହଳ ପ୍ରଭୃତି ଦେଶରେ ଏପର୍ଯ୍ୟନ୍ତ ରହିଅଛି । ଏହା ବ୍ୟତୀତ ମିଶର, ଗ୍ରୀସ୍, ଜାପାନ ପ୍ରଭୃତିରେ ଏ ଧର୍ମ ପ୍ରଚାରିତ ହୋଇଥିଲା । ଏବେ ଭାରତରେ ବୌଦ୍ଧମାନଙ୍କର ସଂଖ୍ୟା ଅତି ଅଳ୍ପ ।

ପ୍ରଶ୍ନ

୧ । ଶୂନ୍ୟ ସ୍ଥାନ ପୂରଣ କର :—

(କ)—ବୌଦ୍ଧଧର୍ମ ପ୍ରଚାର କରିଥିଲେ ।

(ଖ) ଗୌତମଙ୍କ ପିତାଙ୍କର ନାମ— ଓ ମାତାଙ୍କର ନାମ — ଅଟେ ।

୨ । କେଉଁ କେଉଁ ଦେଖି ବୁଦ୍ଧଦେବଙ୍କ ମନର ପରିବର୍ତ୍ତନ ହେଲା ?

Digitized by PPRACHIN, SOA

୩ । ବୌଦ୍ଧଧର୍ମର ମତ କଅଣ ?
୪ । ଭାରତଛଡ଼ା ଆଉ କେଉଁ କେଉଁ ଦେଶରେ ବୌଦ୍ଧଧର୍ମ ପ୍ରଚଳିତ ହୋଇଥିଲା ?

ଷଷ୍ଠ ପରିଚ୍ଛେଦ

ଶିଶୁନାଗ ବଂଶ, ନନ୍ଦବଂଶ ଓ ଆଲେକ୍‌ଜାଣ୍ଡାର

ଶିଶୁନାଗ ବଂଶ—ଆଜକୁ ପ୍ରାୟ ଅଢ଼େଇ ହଜାର ବର୍ଷ ପୂର୍ବେ ମଗଧରେ ଜଣେ ରାଜା ଥିଲେ । ସେ ପ୍ରଜାମାନଙ୍କୁ ଭଲରୂପେ ପାଳୁ ନ ଥିଲେ । ଶିଶୁନାଗ ବୋଲି କ୍ଷତ୍ରିୟ ବଂଶର ଜଣେ ବୁଦ୍ଧିମାନ୍ ବ୍ୟକ୍ତି ସେହି ରାଜାଙ୍କର ମନ୍ତ୍ରୀ ଥିଲେ । ପ୍ରଜାମାନେ ସେହି ରାଜାଙ୍କୁ ତଡ଼ି ଶିଶୁନାଗଙ୍କୁ ମଗଧ ସିଂହାସନରେ ବସାଇଲେ । ଶିଶୁନାଗ ରାଜା ହୋଇ ପ୍ରଜାମାନଙ୍କୁ ଉତ୍ତମରୂପେ ପାଳିଲେ । ତାଙ୍କର ନାମ ଅନୁସାରେ ସେ ରାଜବଂଶର ନାମ ଶିଶୁନାଗ ହେଲା ।

ବିମ୍ବିସାର—ଖ୍ରୀଷ୍ଟପୂର୍ବ ୫୮୨ରେ ଶିଶୁନାଗ ବଂଶର ପଞ୍ଚମ ରାଜା ବିମ୍ବିସାର ମଗଧର ରାଜା ହେଲେ । ସେ ବଡ଼ ବଳୁଆ ରାଜା ଥିଲେ ଓ ଅନେକ ରାଜ୍ୟ ଜୟ କରିଥିଲେ । ସେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ।

ଅଜାତଶତ୍ରୁ—ବିମ୍ବିସାରଙ୍କ ପରେ ତାଙ୍କ ପୁଅ ଅଜାତଶତ୍ରୁ ମଗଧ ସିଂହାସନରେ ବସିଲେ । ଆଜିକାଲି ବିହାର ପ୍ରଦେଶର ରାଜଧାନୀ ପାଟଣା ସହର ଯେଉଁଠାରେ ଅଛି, ଅଜାତଶତ୍ରୁ ସେହିଠାରେ ପାଟଳୀପୁତ୍ର ଦୁର୍ଗ ତିଆରି କରିଥିଲେ । କୋଶଳର ରାଜା ପ୍ରସେନ୍‌ଜିତ୍ ସେ ସମୟରେ ମଗଧ ଆକ୍ରମଣ

Digitized by PPRACHIN, SOA

କରିଥିଲେ । ଦୁଇ ରାଜାଙ୍କ ମଧ୍ୟରେ ସନ୍ଧି ହେଲା । ପ୍ରସେନ୍‌ଜିତ୍ ତାଙ୍କ କନ୍ୟାଙ୍କୁ ଅଜାତଶତ୍ରୁଙ୍କ ସହିତ ବିବାହ କରାଇଲେ ।

ନନ୍ଦବଂଶ—ଶିଶୁନାଗ ବଂଶ ପରେ ନନ୍ଦ ବଂଶ ମଗଧ ସିଂହାସନରେ ବସିଲେ । ମହାପଦ୍ମ ନନ୍ଦ ଏ ବଂଶର ପ୍ରଥମ ରାଜା । ସେ ବଡ଼ ପ୍ରତାପୀ ଥିଲେ । ସେ ଉତ୍ତର-ଭାରତର ସମସ୍ତ ରାଜାଙ୍କୁ ଯୁଦ୍ଧରେ ହଟାଇ ଦେଇଥିଲେ । ତାଙ୍କର ରାଜ୍ୟ ପଞ୍ଜାବର ଶତଦ୍ରୁ ନଦୀଠାରୁ ବଙ୍ଗଳା ପର୍ଯ୍ୟନ୍ତ ବ୍ୟାପି ଥିଲା । ତାଙ୍କ ଖଜଣାଖାନାରେ ବହୁତ ଟଙ୍କା ସୁନା ଜମା ହୋଇଗଲା । ତାଙ୍କ ପରେ ତାଙ୍କର ଆଠ ପୁଅ ଯଥାକ୍ରମେ ରାଜା ହେଲେ । ମହାପଦ୍ମ ନନ୍ଦ ଓ ତାଙ୍କ ଆଠ ପୁଅଙ୍କୁ ନବନନ୍ଦ କୁହାଯାଏ । ଏହି ନନ୍ଦ ରାଜାଙ୍କ ମଧ୍ୟରୁ ଜଣେ ରାଜା ଓଡ଼ିଶା ଜୟ କରି ଜିନମୂର୍ତ୍ତି ନେଇ ଯାଇଥିଲେ । ମଗଧରେ ନନ୍ଦବଂଶ ରାଜତ୍ୱ କରୁଥିବା ସମୟରେ ଗ୍ରୀକ୍‌ବୀର ଅଲେକ୍‌ଜାଣ୍ଡାର ଭାରତ ଆକ୍ରମଣ କରିଥିଲେ ।

ମହାବୀର ଆଲେକ୍‌ଜାଣ୍ଡାର—ୟୁରୋପ ମହାଦେଶରେ ଗ୍ରୀସ୍ ବୋଲି ଗୋଟିଏ ଛୋଟିଆ ଦେଶ ଅଛି । ସେହି ରାଜ୍ୟର ଗୋଟିଏ ଛୋଟ ଅଞ୍ଚଳର ନାମ ମାସିଡ଼ନ୍ । ଏହି ମାସିଡ଼ନ୍‌ରେ ଫିଲିପ୍ ବୋଲି ଜଣେ ରାଜା ଥିଲେ । ତାଙ୍କର ପୁଅଙ୍କ ନାମ ସିକନ୍ଦର ବା ଅଲେକ୍‌ଜାଣ୍ଡାର । ପିଲାଦିନୁଁ ତାଙ୍କ ସାହସ ଦେଖି ଭବିଷ୍ୟତରେ ସେ ଜଣେ ବଡ଼ ବୀର ହେବେ ବୋଲି ଜଣା ପଡ଼ୁଥିଲା । ଫିଲିପ୍‌ଙ୍କର ଭଲ ଭଲ ଘୋଡ଼ା କିଣି ରଖିବାର ସଉକ୍ ଥିଲା । ଥରେ ସେ ଗୋଟାଏ ବଡ଼ ଘୋଡ଼ା କିଣିଲେ । କିନ୍ତୁ କୌଣସି ସବାର ତାକୁ ମଣ କରିପାରିଲେ ନାହିଁ ।

Digitized by PPRACHIN, SOA

ସିକନ୍ଦର ଏହା ଦେଖି ବାପାଙ୍କୁ କହି ସେ ଘୋଡ଼ାକୁ ବଶ କରିବାକୁ ନେଲେ । ସେ ଘୋଡ଼ାର ମୁହଁକୁ ସୂର୍ଯ୍ୟଙ୍କ ଆଡ଼କୁ ବୁଲାଇଦେଲେ ଏବଂ ଏକାଡିଆଁକେ ତା ଉପରେ ବସିଯିବା ମାତ୍ରେ ଘୋଡ଼ା ତାଙ୍କୁ ନେଇ ପବନ ବେଗରେ ଦଉଡ଼ିଲା । ଏ କଥା ଦେଖି ଫିଲିପ୍‌ଙ୍କର ଭୟ ହେଲା । କିଛି ସମୟ ପରେ ସିକନ୍ଦର ବାପାଙ୍କ ପାଖେ ଘୋଡ଼ା ଠିଆ କରାଇ ନମସ୍କାର କଲେ । ଫିଲିପ୍ ପୁଅର ସାହସରେ ଖୁସି ହୋଇ ଆଶୀର୍ବାଦ କରି କହିଲେ, "ବାପା ! ତୁ ବଡ଼ ହେଲେ ଜଣେ ପ୍ରଧାନ ଯୋଦ୍ଧା ହେବୁ । ଏ ମାସିଡ଼ନ ରାଜ୍ୟ ତୋ ପକ୍ଷରେ ଅତି ଛୋଟ ।"

ଫିଲିପ୍‌ଙ୍କର ମୃତ୍ୟୁପରେ ଅଲେକ୍‌ଜାଣ୍ଡାର ରାଜା ହୋଇ ସମଗ୍ର ୟୁରୋପ ଜୟ କଲେ । ତାପରେ ଅନେକ ସୈନ୍ୟ ସଙ୍ଗରେ ଧରି ସେ ଖାଇବର ଗିରିପଥ ବାଟେ ଭାରତର ପଞ୍ଜାବରେ ପଶିଲେ । ସେତେବେଳେ ପଞ୍ଜାବ ଅଞ୍ଚଳରେ ପୁରୁ ବୋଲି ଜଣେ ସାହସୀ ଓ ବଳୁଆ ରାଜା ଥିଲେ । ତାଙ୍କ ସହିତ ଅଲେକ୍‌ଜାଣ୍ଡାରଙ୍କର ଖୁବ୍ ଲଢ଼େଇ ହେଲା । ପୁରୁ ହାରିଯାଇ ଶେଷରେ ବନ୍ଦୀ ହେଲେ; ମାତ୍ର ଶରଣ ପଶିଲେ ନାହିଁ । ଅଲେକ୍‌ଜାଣ୍ଡାର ପୁରୁଙ୍କୁ ପଚାରିଲେ "ତୁମେ ମୋଠାରୁ କିପରି ବ୍ୟବହାର ଆଶା କର ?" ପୁରୁ ଗର୍ବପୂରେ ଉତ୍ତର ଦେଲେ, "ଆପଣ ଯେପରି ଜଣେ ରାଜା, ମୁଁ ମଧ୍ୟ ସେହିପରି ଜଣେ ରାଜା । ତେଣୁ ରାଜା ରାଜାଙ୍କ ପ୍ରତି ଯେପରି ବ୍ୟବହାର କରନ୍ତି, ମୁଁ ଅପଣଙ୍କଠାରୁ ସେହିପରି ବ୍ୟବହାର ଆଶା କରେଁ ।"

ଏ କଥା ପଦକରେ ଅଲେକ୍‌ଜାଣ୍ଡାର ପୁରୁଙ୍କୁ ଜଣେ ବୀର, ସାହସୀ ରାଜା ବୋଲି ବୁଝି ପାରି ତାଙ୍କ ରାଜ୍ୟ ତାଙ୍କୁ ଫେରାଇ-ଦେଲେ ଓ ତାଙ୍କ ସହିତ ବନ୍ଧୁତା କଲେ ।

Digitized by PPRACHIN, SOA

ଆଲେକ୍‌ଜାଣ୍ଡାର ଆହୁରି ଅନେକ ରାଜ୍ୟ ଜିଣିବାପାଇଁ ଇଚ୍ଛା କରିଥିଲେ ମଧ୍ୟ ତାଙ୍କ ସୈନ୍ୟମାନେ ଭାରତୀୟ ସୈନ୍ୟଙ୍କର ସାହସ ଓ ବଳ ଦେଖି ଡରିଗଲେ । ତେଣୁ ସିକନ୍ଦର ବାଧ୍ୟ ହୋଇ ନିଜ ଦେଶକୁ ଫେରିଲେ । ଦେଶକୁ ଫେରିବା ବାଟରେ ବେବିଲନ୍‌ଠାରେ ଖ୍ରୀ: ପୂ: ୩୨୩ ରେ ତାଙ୍କର ମୃତ୍ୟୁ ହେଲା ।

ଆଲେକ୍‌ଜାଣ୍ଡାରଙ୍କ ପୁଅ ଝିଅ କେହି ନ ଥିଲେ । ତେଣୁ ଆଲେକ୍‌ଜାଣ୍ଡାରଙ୍କ ମୃତ୍ୟୁ ପରେ ତାଙ୍କ ସେନାପତିମାନେ ତାଙ୍କର ସମସ୍ତ ରାଜ୍ୟ ବାଣ୍ଟିନେଲେ । ସେଲ୍ୟୁକସ୍ ବୋଲି ଜଣେ ସେନାପତିଙ୍କ ଭାଗରେ ଏସିଆଖଣ୍ଡର ସମସ୍ତ ରାଜ୍ୟ ପଡ଼ିଥିଲା ।

ସିକନ୍ଦର ଆମ ଦେଶ ଜୟ କରିବାଦ୍ୱାରା ଗ୍ରୀସ୍ ଦେଶର ଲୋକେ ଏ ଦେଶକୁ ଆସିଲେ ଓ ଆମ ଦେଶର ଲୋକେ ସେ ଦେଶକୁ ଗଲେ । ଉଭୟ ଦେଶମଧ୍ୟରେ ବ୍ୟବସାୟ ବାଣିଜ୍ୟ ଚାଲିଲା । ବିଭିନ୍ନ ବିଦ୍ୟାଶିକ୍ଷା କରିବାପାଇଁ ଭାରତୀୟମାନେ ଗ୍ରୀସ୍‌କୁ ଗଲେ ଓ ଗ୍ରୀସୀୟମାନେ ଭାରତକୁ ଆସିଲେ । ଉଭୟ ଦେଶ ମଧ୍ୟରେ ବନ୍ଧୁତ୍ୱ ସ୍ଥାପିତ ହେଲା ।

ପ୍ରଶ୍ନ

୧ । ଶିଶୁନାଗବଂଶ କିପରି କାହାଦ୍ୱାରା ସ୍ଥାପିତ ହୋଇଥିଲା ?

୨ । ଅଜାତଶତ୍ରୁ, ମହାପଦ୍ମ ନନ୍ଦ, ବିମ୍ବିସାର, ନବନନ୍ଦ, ପ୍ରସେନ୍‌ଜିତ୍, ସେଲ୍ୟୁକସ୍, ପୁରୁ—ଏମାନଙ୍କର ସଂକ୍ଷିପ୍ତ ପରିଚୟ ଦିଅ ।

୩ । କେଉଁ ସାହସିକ କାର୍ଯ୍ୟରୁ ଅଲେକ୍‌ଜାଣ୍ଡାର ବଡ଼ ବୀର ହେବେ ବୋଲି ତାଙ୍କ ବାପା ଜାଣି ପାରିଥିଲେ ?

Digitized by PPRACHIN, SOA

୪ । ଶୂନ୍ୟସ୍ଥାନ ପୂରଣ କର—

(କ)—ରାଜ୍ୟର ରାଜା ଫିଲିପ୍‌ଙ୍କର ପୁତ୍ର ଥିଲେ । ତାଙ୍କୁ — ମଧ୍ୟ କୁହାଯାଏ ।

(ଖ) ଆଲେକ୍‌ଜାଣ୍ଡାରଙ୍କ ମୃତ୍ୟୁ ପରେ ତାଙ୍କର — ସେଲ୍ୟୁକସ୍ ଏସିଆଖଣ୍ଡର ସମସ୍ତ—ପାଇଲେ ।

(ଗ) ଜଣେ ନନ୍ଦ ରାଜା ଓଡ଼ିଶା—କର—ନେଇ ଯାଇଥିଲେ ।

ସପ୍ତମ ପରିଚ୍ଛେଦ

ମୌର୍ଯ୍ୟବଂଶ

ନନ୍ଦ ରାଜାଙ୍କର ମୁରା ବୋଲି ଗୋଟିଏ ଦାସୀ ଥିଲା । ସେହି ମୁରା ଦାସୀର ପୁଅ ଚନ୍ଦ୍ରଗୁପ୍ତ । ଦାସୀର ପୁଅ ହୋଇ ମଧ୍ୟ ଚନ୍ଦ୍ରଗୁପ୍ତ ମଗଧର ରାଜା ହୋଇ ପାରିଥିଲେ । ଏହାଙ୍କଠାରୁ ଯେଉଁ ରାଜବଂଶ ମଗଧରେ ରାଜତ୍ୱ କଲେ, ତାହାକୁ ମୌର୍ଯ୍ୟବଂଶ କହନ୍ତି । ନନ୍ଦ-ବଂଶର ଶେଷରାଜା ଚନ୍ଦ୍ରଗୁପ୍ତଙ୍କୁ ଭଲ ପାଉ ନ ଥିଲେ । ସେ ତାହାଙ୍କୁ ରାଜ୍ୟରୁ ତଡ଼ିଦେଲେ ।

ଆଲେକ୍‌ଜାଣ୍ଡାର ସେତେବେଳେ ପଞ୍ଜାବରେ ଥାଆନ୍ତି । ଚନ୍ଦ୍ରଗୁପ୍ତ ମଗଧରୁ ପଳାଇ ଆସି ଆଲେକ୍‌ଜାଣ୍ଡାରଙ୍କ ସେନା-ଛାଉଣୀରେ ରହି ଯୁଦ୍ଧପ୍ରଣାଳୀ ଶିଖିଲେ । ଚନ୍ଦ୍ରଗୁପ୍ତ ଗ୍ରର ଜଗ୍ର ସ୍ୱଭାବର ଯୁବକ ଥିଲେ । ତେଣୁ ଅଳ୍ପ ଦିନ ପରେ ଆଲେକ୍‌ଜାଣ୍ଡାର ତାଙ୍କୁ ସେଠାରୁ ବାହାର କରିଦେଲେ ।

ଚନ୍ଦ୍ରଗୁପ୍ତ ପଞ୍ଜାବରୁ ପଳାଇ ଆସି ତକ୍ଷଶିଳାର ଜଣେ ବ୍ରାହ୍ମଣ ପଣ୍ଡିତଙ୍କ ସାହାଯ୍ୟ ନେଲେ । ସେ ପଣ୍ଡିତଙ୍କ ନାଁ ଚାଣକ୍ୟ । ଚାଣକ୍ୟ

Digitized by PPRACHIN, SOA

ଯେପରି ବୁଦ୍ଧିମାନ୍, ସେହିପରି କୌଶଳୀ ମଧ୍ୟ ଥିଲେ । ନନ୍ଦରାଜାମାନେ ଚାଣକ୍ୟଙ୍କୁ ଭାରି ଅପମାନ ଦେଇଥିଲେ । ତେଣୁ ସେ ଅପମାନର ପ୍ରତିଶୋଧ ନେବାପାଇଁ ସୁବିଧା ଖୋଜୁଥିଲେ । ଚନ୍ଦ୍ରଗୁପ୍ତ ନନ୍ଦବଂଶ ଧ୍ୱଂସ କରିବାପାଇଁ ତାଙ୍କର ସାହାଯ୍ୟ ମାଗିବାରୁ ସେ ସଙ୍ଗେ ସଙ୍ଗେ ସବୁ ବାଟ ବତାଇଦେଲେ ।

ଚନ୍ଦ୍ରଗୁପ୍ତ ଓ ଚାଣକ୍ୟ ମଗଧ ରାଜ୍ୟରେ ନାନା ଗଣ୍ଡଗୋଳ ସୃଷ୍ଟି କରି ନନ୍ଦରାଜାଙ୍କୁ ରାଜ୍ୟରୁ ତଡ଼ିଦେଲେ । ଚନ୍ଦ୍ରଗୁପ୍ତ ମଗଧର ରାଜା ହେଲେ ଓ ଚାଣକ୍ୟ ତାଙ୍କର ମନ୍ତ୍ରୀ ହୋଇ ରାଜକାର୍ଯ୍ୟ ବୁଝା ସୁଝା କଲେ ।

ଚାଣକ୍ୟ 'ଅର୍ଥଶାସ୍ତ୍ର' ନାମରେ ଖଣ୍ଡିଏ ପୋଥି ସଂସ୍କୃତରେ ଲେଖିଥିଲେ । ରାଜ୍ୟ କିପରି ଚଳାଇ ନେବାକୁ ହୁଏ, ତାହା ସେଥିରେ ଲେଖା ଅଛି । ଏବେ ପିଲାଠାରୁ ବଡ଼ ପର୍ଯ୍ୟନ୍ତ ଲୋକେ ଚାଣକ୍ୟ ଲେଖିଥିବା ଶ୍ଳୋକମାନ ମୁଖସ୍ଥ କରୁଛନ୍ତି । ସେ ଶ୍ଳୋକ, ଗୁଡ଼ିକରେ ଭଲ ଭଲ ଉପଦେଶମାନ ରହିଛି ।

ଚନ୍ଦ୍ରଗୁପ୍ତ ମଗଧର ରାଜା ହୋଇ ପଞ୍ଜାବରୁ ଗ୍ରୀକ୍‌ମାନଙ୍କୁ ତଡ଼ିଦେଲେ । ସେତେବେଳକୁ ଅଲେକ୍‌ଜାଣ୍ଡାର ମରି ଯାଇଥାନ୍ତି । ତାଙ୍କ ସେନାପତି ସେଲୁକସ୍ ଏସିଆଖଣ୍ଡର ମାଲିକ ଥିଲେ । ସେ ଚନ୍ଦ୍ରଗୁପ୍ତଙ୍କୁ ହଟାଇ ଦେବାପାଇଁ ତାଙ୍କ ସହିତ ଯୁଦ୍ଧ କରି ପରାସ୍ତ ହେଲେ । ସେ ନିଜ ଝିଅ ହେଲେନାଙ୍କୁ ଚନ୍ଦ୍ରଗୁପ୍ତଙ୍କୁ ବିଭା ଦେଲେ ଓ ହିନ୍ଦୁକୁଶ ପର୍ଯ୍ୟନ୍ତ ରାଜ୍ୟ ଚନ୍ଦ୍ରଗୁପ୍ତଙ୍କୁ ଛାଡ଼ିଦେଲେ । ମେଘାସ୍ଥିନିସ୍ ନାମକ ଜଣେ ଗ୍ରୀକ୍ ଦୂତ ଚନ୍ଦ୍ରଗୁପ୍ତଙ୍କ ରାଜସଭାରେ ରଖାଗଲେ । ଏହିପରି ଚନ୍ଦ୍ରଗୁପ୍ତ ଗୋଟିଏ ପ୍ରକାଣ୍ଡ ସାମ୍ରାଜ୍ୟର ସମ୍ରାଟ୍ ହୋଇ ଖ୍ରୀଷ୍ଟପୂର୍ବ ୨୯୮ ଅବ୍ଦରେ ପ୍ରାଣତ୍ୟାଗ କଲେ ।

Digitized by PPRACHIN, SOA

ମେଗାସ୍ଥିନିସଙ୍କ ଭାରତ ବିବରଣ— ମେଗାସ୍ଥିନିସ୍ ଚନ୍ଦ୍ରଗୁପ୍ତଙ୍କ ରାଜସଭାରେ ପାଞ୍ଚ ବର୍ଷକାଳ ରହିଥିଲେ । ସେ ଭାରତର ସେସମୟର ରୀତିନୀତି ବିଷୟରେ ଗୋଟିଏ ବିବରଣ ଲେଖି ଯାଇଅଛନ୍ତି । ତାଙ୍କ ଲେଖାରୁ ଜଣାପଡ଼େ ଯେ, ସେତେବେଳେ ହିନ୍ଦୁମାନଙ୍କର ସ୍ୱଭାବ ସରଳ ଥିଲା । ସେମାନେ ସତ୍ୟ କହୁଥିଲେ । ସେକାଳରେ ବଡ଼ ବଡ଼ ଯୋଦ୍ଧା ଥିଲେ । ଚୋରି କରିବା ବା କୌଣସି ଅପରାଧରେ ରାଜଦ୍ୱାରରେ ଅଭିଯୋଗ କରିବା ଦେଖା ନ ଥିଲା । ପୁରୁଷ, ସ୍ତ୍ରୀ ସମସ୍ତେ ସାମାନ୍ୟ ପୋଷାକ ପିନ୍ଧି ସରଳ ଭାବରେ ଚଳୁଥିଲେ । ଦୁର୍ଭିକ୍ଷ କଣ ଲୋକମାନେ ଜାଣି ନ ଥିଲେ । ସ୍ତ୍ରୀମାନେ ସତୀ ଥିଲେ । କୃଷି ଲୋକମାନଙ୍କର ପ୍ରଧାନ ବ୍ୟବସାୟ ଥିଲା । ରାଜ୍ୟରେ କେହି ଚୋରି ଡକାୟତି କଲେ ବା ମିଛ ସାକ୍ଷୀ ଦେଲେ ରାଜା ତାକୁ କଠୋର ଶାସ୍ତି ଦେଉଥିଲେ ।

ପାଟଳୀପୁତ୍ର ଚନ୍ଦ୍ରଗୁପ୍ତଙ୍କ ରାଜଧାନୀ ଥିଲା । ପାଟଳୀପୁତ୍ରର ଚାରିଆଡ଼େ ଗୋଟିଏ ଖୁବ୍ ଓସାରିଆ ଗଡ଼ଖାଇ ଥିଲା । ତାହା ସର୍ବଦା ଜଳପୂର୍ଣ୍ଣ ରହୁଥିବାରୁ ଶତ୍ରୁମାନେ ସହଜେ ପଶିପାରୁ ନ ଥିଲେ ।

ରାଜାମାନେ ସୁନାର ବାସନରେ ଖାଉଥିଲେ । ସୁନାର ପାଲିଙ୍କିରେ ଯିବାଆସିବା କରୁଥିଲେ । ସୁନାର ଜରିକାମ ହୋଇଥିବା ଲୁଗା ଓ ପୋଷାକ ପିନ୍ଧୁଥିଲେ । ରାଜାଙ୍କ ଶୋଇବା ଘର କାନ୍ଥରେ ସୁନାର ଲତାସବୁ ଖଞ୍ଜା ଯାଇଥିଲା । ରାଜ୍ୟଶାସନ କେତେକ ସଭ୍ୟଙ୍କ ଦ୍ୱାରା ହେଉଥିଲା । ରାଜାଙ୍କର ବହୁତ ସୈନ୍ୟସାମନ୍ତ ଥିଲେ ।

ଅଶୋକ—ଅଶୋକ ବିମ୍ବିସାରଙ୍କ ପୁଅ ଓ ଚନ୍ଦ୍ରଗୁପ୍ତଙ୍କ ନାତି । ଅଶୋକଙ୍କର ଶହେ ଭାଇ ଥିଲେ । ମାତ୍ର ସେମାନଙ୍କ

Digitized by PPRACHIN, SOA

ମଧ୍ୟରୁ କେହି ଉପଯୁକ୍ତ ନ ଥିବାରୁ ଅଶୋକ ସିଂହାସନରେ ବସିଲେ । ଅନ୍ୟ ଭାଇମାନେ କାଳେ ତାଙ୍କର ଅନିଷ୍ଟ କରିବେ—ଏହି ଭୟରେ ଅଶୋକ ତାଙ୍କର ୯୯ ଭାଇଙ୍କୁ ଗୋଟି ଗୋଟି କରି ମାରି ଖ୍ରୀ: ପୂ: ୨୬୯ ରେ ରାଜା ହେଲେ । ତାପରେ ସେ ବାହୁବଳରେ ଭାରତର ବହୁ ରାଜ୍ୟ ଜୟ କରି ନିଜ ରାଜ୍ୟ ବଢ଼ାଇ-ଦେଲେ ।

କଳିଙ୍ଗ ବିଜୟ (ଖ୍ରୀ: ପୂ: ୨୬୧ ଅବ୍ଦ)—ଓଡ଼ିଶାକୁ ସେତେବେଳେ କଳିଙ୍ଗ କୁହାଯାଉଥିଲା । ଓଡ଼ିଆମାନେ ବଡ଼ ଯୋଦ୍ଧା ଥିଲେ । ଦେଶ ଧନଧାନ୍ୟରେ ପୂରି ରହିଥିଲା । ଓଡ଼ିଆମାନେ ବୋଇତରେ ଦୂର ଦେଶମାନଙ୍କୁ ଯାଇ ବେପାର ବାଣିଜ୍ୟ କରି ବହୁ ଧନ ଅର୍ଜ୍ଜନ କରୁଥିଲେ ।

ଅଶୋକ କଳିଙ୍ଗର ଖ୍ୟାତି ଶୁଣି ତାକୁ ଆକ୍ରମଣ କରିବାକୁ ଆସିଲେ । ପୁରୀ ଜିଲ୍ଲାର ଧଉଳୀ ପାହାଡ଼ ନିକଟରେ ଉଭୟଙ୍କର ଯୁଦ୍ଧ ହେଲା । ବହୁ ଓଡ଼ିଆ ସୈନ୍ୟ ପ୍ରାଣମୂର୍ଚ୍ଛା ଯୁଦ୍ଧ କରି ମଲେ । ପ୍ରାୟ ଲକ୍ଷେ ଲୋକ ବନ୍ଦୀ ହେଲେ । ରକ୍ତର ସୁଅ ବହିଗଲା । ଅଶୋକ ଅନେକ ଯୁଦ୍ଧ କରିଥିଲେ । ମାତ୍ର କଳିଙ୍ଗ ଯୁଦ୍ଧରେ ହଜାର ହଜାର ଓଡ଼ିଆ ସୈନ୍ୟଙ୍କର ମୃତ୍ୟୁ ଦେଖି ତାଙ୍କ ମନ ବଦଳିଗଲା । ସେ ଭାବିଲେ, ମୋହରି ପାଇଁ ନିରୀହ ଧାର୍ମିକ ଓଡ଼ିଆ ସୈନ୍ୟ ମଲେ । ଖଣ୍ଡାଦ୍ୱାରା ଲୋକର ଦେହକୁ ଜୟ କରି ହେବ, ମାତ୍ର ହୃଦୟକୁ ଜୟ କରି ହେବ ନାହିଁ । ଲୋକଙ୍କୁ ପ୍ରେମଦ୍ୱାରା ବଶୀଭୂତ କରାଗଲେ ସେ କାଳକାଳକୁ ବନ୍ଧୁ ହୋଇ ରହେ । ସେ ଆଉ ଜୀବନରେ କଦାପି ଜୀବହତ୍ୟା କରିବେ ନାହିଁ ବୋଲି ପ୍ରତିଜ୍ଞା କଲେ । ଏହାପରେ ଉପଗୁପ୍ତ ନାମକ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କଠାରୁ ସେ ବୌଦ୍ଧଧର୍ମ

Digitized by PPRACHIN, SOA

ଗ୍ରହଣ କଲେ । ନିଜ ରାଜ୍ୟରେ ବୌଦ୍ଧଧର୍ମ ପ୍ରଚାର କରିବାକୁ ସେ ଯେଉଁଆଡ଼େ ଯାଉଥିଲେ ସେଆଡ଼େ ପଥର ଦେହରେ ଅକ୍ଷର ଖୋଳି ବୁଦ୍ଧଦେବଙ୍କର ଉପଦେଶସବୁ ଲେଖାଇ ଦେଉଥିଲେ । ଏଗୁଡ଼ିକୁ ଅନୁଶାସନ କୁହାଯାଏ ।

ପୁରୀ ଜିଲ୍ଲାର ଧଉଳି ପାହାଡ଼ରେ, ଗଞ୍ଜାମର ଜୌଗଡ଼ ପାହାଡ଼ରେ ଓ ଭାରତର ଅନ୍ୟ ଅନେକ ସ୍ଥାନରେ ଅଶୋକଙ୍କ ଲେଖାଗୁଡ଼ିକ ଆଜିଯାଏ ରହିଛି । ସେଥିରେ ଲେଖା ଅଛିः—

(୧) ଜୀବହତ୍ୟା କରିବ ନାହିଁ (୨) ଚୋରି କରିବ ନାହିଁ (୩) ସର୍ବଦା ସତ୍ୟ କହ (୪) କୁକଥା କହ ନାହିଁ (୫) ଗୁରୁଜନ-ମାନଙ୍କୁ ମାନ୍ୟ କର (୬) ମନକୁ ନିର୍ମଳ କର (୭) ଚାକର ବା ଚାକରାଣୀମାନଙ୍କୁ ନିଜର ପିଲାପରି ସ୍ନେହ କର ।

ଅଶୋକ ତାଙ୍କ ପୁଅ ମହେନ୍ଦ୍ର ଓ ଝିଅ ସଂଘମିତ୍ରାଙ୍କୁ ବୌଦ୍ଧଧର୍ମ ପ୍ରଚାର କରିବାପାଇଁ ବିଦେଶକୁ ପଠାଇଲେ । ତାଙ୍କ ଆଦେଶରେ ବୌଦ୍ଧ ସନ୍ନ୍ୟାସୀମାନେ ଗ୍ରୀସ୍, ମିଶର, ପାରସ୍ୟ ପ୍ରଭୃତି ଦୂର ଦେଶକୁ ଯାଇ ବୌଦ୍ଧଧର୍ମ ପ୍ରଚାର କରିଥିଲେ । ବୌଦ୍ଧ ସନ୍ନ୍ୟାସୀ-ମାନଙ୍କର ରହିବା ପାଇଁ ସେ ଶହ ଶହ ପାହାଡ଼ ଦେହରେ ଗୁମ୍ଫା ଖୋଳାଇଥିଲେ । ସେ ପ୍ରଜାମାନଙ୍କ ସୁବିଧାପାଇଁ ଅନେକ କୂଅ, ପୋଖରୀ, ଚିକିତ୍ସାଳୟ, ବିଦ୍ୟାଳୟ, ପଶୁଚିକିତ୍ସାଳୟ ଆଦି ବସାଇ-ଥିଲେ । ପଥିକମାନଙ୍କ ସୁବିଧାପାଇଁ ସେ ରାସ୍ତା କଡ଼ରେ ବଡ଼ ବଡ଼ ଗଛ ଲଗାଇଥିଲେ ଓ ସ୍ଥାନେ ସ୍ଥାନେ ପାନ୍ଥଶାଳା ତିଆରି କରାଇଥିଲେ ।

Digitized by PPRACHIN, SOA

ଅଶୋକ ଜଣେ ଆଦର୍ଶ ସମ୍ରାଟ୍ ଥିଲେ । ତାଙ୍କର ଶାସନ ନୀତି ଅତି ଉତ୍ତମ ଥିଲା । ତେଣୁ ଅଶୋକ ସ୍ତମ୍ଭରେ ଥିବା ଚକ୍ରର ଛବି ଆମ ସ୍ୱାଧୀନ ଭାରତର ଜାତୀୟ ପତାକାରେ ରଖା-ଯାଇଅଛି । ଆଜି ଅଶୋକଙ୍କ ନାମ ଶୁଣିଲେ ଯେକୌଣସି ନିର୍ଦ୍ଦୟ ଲୋକର ହୃଦୟରେ ସୁଦ୍ଧା ଧର୍ମ ଭାବ ଆସିଥାଏ । ଅଶୋକ ଖ୍ରୀଃ ପୂଃ ୨୩୨ ଅବ୍ଦରେ ପ୍ରାଣତ୍ୟାଗ କରିଥିଲେ ।

[ଅଶୋକ ସ୍ତମ୍ଭ]

ପ୍ରଶ୍ନ

୧ । ଚନ୍ଦ୍ରଗୁପ୍ତ ଯେଉଁ ରାଜବଂଶ ସ୍ଥାପନ କଲେ, ତାକୁ ମୌର୍ଯ୍ୟବଂଶ କୁହାଯାଏ କାହିଁକି ?

୨ । ଚନ୍ଦ୍ରଗୁପ୍ତ କପରି ନନ୍ଦବଂଶ ଧ୍ୱଂସ କରି ମଗଧ ସିଂହାସନ ପାଇଲେ ?

Digitized by PPRACHIN, SOA

୩ । ସଂକ୍ଷିପ୍ତ ପରିଚୟ ଦିଅ—
ମେଘାସ୍ଥିନିସ୍, ହେଲେନା, ଅଶୋକ, ଚାଣକ୍ୟ ।
୪ । କେଉଁ ଘଟଣାରେ ଅଶୋକଙ୍କ ମନ ବଦଳିଗଲା ? ସେ ବୌଦ୍ଧଧର୍ମ ପ୍ରଚାର କରିବାପାଇଁ କଅଣ କରିଥିଲେ ?
୫ । ଆମ ଜାତୀୟ ପତାକାରେ ଥିବା ଚକ ଚିହ୍ନ କେଉଁଥିରୁ ନିଆଯାଇଛି ଓ ତାହିଁକି ?
୬ । କେବେ ଘଟିଥିଲା ?
(କ) ମହାବୀରଙ୍କ ଦେହତ୍ୟାଗ, (ଖ) ବିମ୍ବିସାର ମଗଧ ସିଂହାସନରେ ବସିବା, (ଗ) ଅଲେକ୍‌ଜାଣ୍ଡାରଙ୍କ ମୃତ୍ୟୁ ।

ଅଷ୍ଟମ ପରିଚ୍ଛେଦ

ଖାରବେଳ

ଅଶୋକଙ୍କ ମୃତ୍ୟୁପରେ ତାଙ୍କ ବଂଶରେ ସେପରି କେହି ତାଗୁଆ ରାଜା ନ ଥିଲେ । କ୍ରମେ ମଗଧର ଅଧୀନ ରାଜାମାନେ ସ୍ୱାଧୀନ ହୋଇଗଲେ । ଆମ କଳିଙ୍ଗ ମଧ୍ୟ ସ୍ୱାଧୀନ ହୋଇଗଲା । ସେତେବେଳେ କଳିଙ୍ଗରେ ଚୈତବଂଶ ରାଜତ୍ୱ କରୁଥିଲେ । ଖାରବେଳ ଏହି ଚୈତ ବଂଶର ପଞ୍ଚମ ରାଜା ।

ଓଡ଼ିଶାରେ ଯେତେ ରାଜା ରାଜପଣ କରିଯାଇଅଛନ୍ତି, ଖାରବେଳ ସେମାନଙ୍କ ମଧ୍ୟରେ ସବୁଠାରୁ ବଡ଼ ଯୋଦ୍ଧା, ସାହସୀ ଓ ବୁଦ୍ଧିମାନ୍ ଥିଲେ । ସେ ଯେଉଁ ଯେଉଁ ରାଜ୍ୟ ଆକ୍ରମଣ କଲେ, ତାହା ଜୟ କଲେ । ଅନ୍ଧ୍ର, ବେରାର, ମହାରାଷ୍ଟ୍ର, ପାଣ୍ଡ୍ୟ ପ୍ରଭୃତି ରାଜ୍ୟ ଜିଣି ସେ ସେତୁବନ୍ଧ ରାମେଶ୍ୱର ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ସେ

Digitized by PPRACHIN, SOA

ଉତ୍ତରଭାରତରେ ମଥୁରା ଓ ପଞ୍ଜାବ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ନନ୍ଦବଂଶର ଶେଷ ରାଜା କଳିଙ୍ଗରୁ ଆସି ଯେଉଁ ଜୀନ ମୂର୍ତ୍ତି ନେଇ ମଗଧରେ ରଖିଥିଲେ, ଖାରବେଳ ମଗଧର ରାଜା ପୁଷ୍ପମିତ୍ରଙ୍କୁ ପରାସ୍ତ କରି ସେହି ମୂର୍ତ୍ତି ପୁଣି ଘେନି ଆସିଥିଲେ । ମଗଧ ଜୟୂମରେ ତାହା ଚିରକାଳ ମନେ ରଖିବା ପାଇଁ ସେ ମହାବିଜୟ ପ୍ରାସାଦ ବୋଲି ଗୋଟିଏ କୋଠା ନିର୍ମାଣ କରିଥିଲେ ।

ଲୋକହିତକର କାର୍ଯ୍ୟ—ଖାରବେଳ ଜଣେ ଧାର୍ମିକ ରାଜା ଥିଲେ । ସେ ପ୍ରଜାମାନଙ୍କର ଉନ୍ନତି ପାଇଁ ବହୁତ କୂଅ, ପୋଖରୀ ଆଦି ଖୋଳାଇ ଥିଲେ । ଦେଶରେ କିପରି କୃଷି ବାଣିଜ୍ୟର ପ୍ରସାର ହେବ ତାର ବନ୍ଦୋବସ୍ତ କରିଥିଲେ । ସେ ବହୁତ ମନ୍ଦିର, ମଠ ତିଆରି କରିଥିଲେ । ଖାରବେଳ ଜୈନ ଥିଲେ । ତାଙ୍କ ଶେଷ ଜୀବନ ସେ ସନ୍ନ୍ୟାସୀ ଭାବରେ କଟାଇଥିଲେ । ଭୁବନେଶ୍ୱର ନିକଟରେ ଥିବା ଉଦୟଗିରିର ହାତୀ ଗୁମ୍ଫାରେ ତାଙ୍କ ରାଜତ୍ୱର ଘଟଣାସବୁ ପଥର-ଦେହରେ ଖୋଳା ହୋଇ ଲେଖା ଯାଇଅଛି । ଏହା ସେ କାଳର

[ଖାରବେଳ]

Digitized by PPRACHIN, SOA

ଆଲି ଭାଷାରେ ଲେଖା । ବଡ଼ ବଡ଼ ପଣ୍ଡିତମାନେ ତାହା ପଢ଼ି ପାରୁଛନ୍ତି । ଉଦୟଗିରିରେ ରାଣୀହଂସପୁର ବୋଲି ଗୋଟିଏ ଦୁଇ-ମହଲା ଗୁମ୍ଫା ଅଛି । ଏହା ଦେଖିବାକୁ ଅତି ସୁନ୍ଦର । ଲୋକେ କହନ୍ତି, ଖାରବେଳ ଓ ତାଙ୍କ ରାଣୀ ଏହି ଗୁମ୍ଫାରେ ରହି ତପସ୍ୟା କରୁଥିଲେ ।

ପ୍ରଶ୍ନ

୧ । ଖାରବେଳଙ୍କୁ କାହିଁକି ଜଣେ ପ୍ରସିଦ୍ଧ ରାଜା ରୂପେ ଗଣାଯାଏ ?

୨ । 'ଖାରବେଳ ମଗଧ ରାଜ୍ୟର ଉପଯୁକ୍ତ ପ୍ରତିଶୋଧ ନେଲେ' —ଏହା ବୁଝାଇଦିଅ ।

୩ । ମହାବିଜୟ ପ୍ରାସାଦ କ'ଣ ? ଏହା ତୋଳା ଯାଇଥିଲା କାହିଁକି ?

୪ । ଖାରବେଳଙ୍କ ଶେଷ ଜୀବନ କିପରି କଟିଥିଲା କହ ।

ନବମ ପରିଚ୍ଛେଦ

କୁଶାଣବଂଶ ଓ ଗୁପ୍ତବଂଶ

ମଧ୍ୟଏସିଆରୁ ଶକ ଓ କୁଶାଣ ବୋଲି ଦୁଇଟି ଭ୍ରମଣକାରୀ ଜାତି ହିନ୍ଦୁକୁଶ ପର୍ବତ ବାଟେ ଆସି ସୀମାନ୍ତ ପ୍ରଦେଶ, ପଞ୍ଜାବ, ମଥୁରା, ମାଳବ, ରାଜପୁତାନା ପ୍ରଭୃତି ଅଞ୍ଚଳରେ ଅଳ୍ପଦିନ ମଧ୍ୟରେ ମାଡ଼ିଗଲେ । ସେମାନେ ପ୍ରଥମେ ପଞ୍ଜାବ ପ୍ରଦେଶର ଗୋଟିଏ ଛୋଟିଆ ଅଞ୍ଚଳ ଅଧିକାର କରିଥିଲେ । କନିଷ୍କ କୁଶାଣ ବଂଶର ଶ୍ରେଷ୍ଠ ରାଜା ଥିଲେ । ସେ ୧୨୦ ଖ୍ରୀଷ୍ଟାବ୍ଦରେ ରାଜଗାଦିରେ ବସିଥିଲେ । କନିଷ୍କ ଖୁବ୍ ବୀର ଓ ସାହସୀ ଥିଲେ । ସେ ଚୀନର ସମ୍ରାଟ୍ ଓ ମଗଧର ରାଜାଙ୍କୁ ଯୁଦ୍ଧରେ

Digitized by PPRACHIN, SOA

ପରାସ୍ତ କରିଥିଲେ । ସେ ଶୈବ ଥିଲେ; କିନ୍ତୁ ପରେ ବୌଦ୍ଧଧର୍ମ ଗ୍ରହଣ କରି ବୌଦ୍ଧମଠ, ସ୍ତୁପ, ସ୍ତମ୍ଭ ଆଦି ତିଆରି କରାଇଥିଲେ । ଧର୍ମପ୍ରଚାର ଲାଗି ଚୀନ, ତିବ୍ବତ ପ୍ରଭୃତି ସ୍ଥାନକୁ ସେ ବୌଦ୍ଧ-ସନ୍ନ୍ୟାସୀମାନଙ୍କୁ ପଠାଇଥିଲେ ।

କନିଷ୍କ ଭାରତର ପ୍ରସିଦ୍ଧ ବୌଦ୍ଧ ପଣ୍ଡିତମାନଙ୍କୁ ଡକାଇ ଗୋଟିଏ ସଭା କରାଇଥିଲେ । ତାଙ୍କର ଧର୍ମଗୁରୁ ନାଗାର୍ଜୁନ ଏ ସଭାର ସଭାପତି ଥିଲେ । ଏଥିରେ ବୌଦ୍ଧଧର୍ମର ଅନେକ ସଂସ୍କାର ହୋଇଥିଲା । ଏହାଙ୍କ ସଭାପଣ୍ଡିତ ଅଶ୍ୱଘୋଷ ବୁଦ୍ଧ-ଚରିତ ବୋଲି ଗୋଟିଏ ଗ୍ରନ୍ଥ ଲେଖି ଥିଲେ । କନିଷ୍କଙ୍କର ରାଜଧାନୀ ପୁରୁଷପୁର ବା ଆଧୁନିକ ପେଶାବାର ଥିଲା । ଏଠାରେ ସେ ଗୋଟିଏ ବୌଦ୍ଧମନ୍ଦିର ନିର୍ମାଣ କରାଇଥିଲେ ।

ଗୁପ୍ତବଂଶ—କନିଷ୍କ ମରିଯିବା ପରେ ୨୦୦ ବର୍ଷ ପର୍ଯ୍ୟନ୍ତ ଶକମାନେ ଏ ଦେଶରେ ଖୁବ୍ ଅତ୍ୟାଚାର କଲେ । ଏତିକି ବେଳକୁ ମଗଧରେ ଗୁପ୍ତବଂଶ ରାଜତ୍ୱ କରୁଥାଆନ୍ତି । ଏହି ବଂଶର ରାଜା ପ୍ରଥମ ଚନ୍ଦ୍ରଗୁପ୍ତ ଶକମାନଙ୍କୁ ପରାସ୍ତ କରିଥିଲେ । ସେ ଲିଚ୍ଛବୀ ବଂଶର ଜଣେ ରାଜକନ୍ୟାଙ୍କୁ ବିବାହ କରିଥିଲେ । ଲିଚ୍ଛବୀମାନଙ୍କ ସାହାଯ୍ୟରେ ଚନ୍ଦ୍ରଗୁପ୍ତ ବହୁ ରାଜ୍ୟ ଜୟ କରିଥିଲେ । ସେ ୩୨୦ ଖ୍ରୀଷ୍ଟାବ୍ଦରୁ ଗୁପ୍ତାବ୍ଦ ନାମକ ଏକ ଅବ୍ଦ ଚଳାଇଥିଲେ ।

ସମୁଦ୍ରଗୁପ୍ତ—ସମୁଦ୍ରଗୁପ୍ତ ଗୁପ୍ତ ବଂଶର ଜଣେ ପ୍ରସିଦ୍ଧ ରାଜା । ପାଟଳୀପୁତ୍ର ତାଙ୍କର ରାଜଧାନୀ ଥିଲା । ସେ ନେପାଳ, କାଶ୍ମୀର, ବଙ୍ଗ ଓ ଆସାମ ଜୟ କରି ଭାରତର ଚକ୍ରବର୍ତ୍ତୀ ଶାସକ ହୋଇଥିଲେ । ସେ ଗୋଟିଏ ଅଶ୍ୱମେଧ ଯଜ୍ଞ କରିଥିଲେ । ସଙ୍ଗୀତ ଓ ସାହିତ୍ୟକୁ ସେ ବଡ଼ ଆଦର କରୁଥିଲେ ।

Digitized by PPRACHIN, SOA

ଦ୍ୱିତୀୟ ଚନ୍ଦ୍ରଗୁପ୍ତ—ଗୁପ୍ତରାଜାମାନଙ୍କ ମଧ୍ୟରେ ସମୁଦ୍ରଗୁପ୍ତଙ୍କ ପୁଅ ଦ୍ୱିତୀୟ ଚନ୍ଦ୍ରଗୁପ୍ତ ଜଣେ ବଡ଼ ପଣ୍ଡିତ, କବି, ବୀର ଓ ଉତ୍ତମ ଶାସକ ଥିଲେ । ସେଥିପାଇଁ ଆଜିସୁଦ୍ଧା ଲୋକେ ତାଙ୍କ କଥା ମନେ ପକାଉଛନ୍ତି । ଶକମାନଙ୍କୁ ସଂପୂର୍ଣ୍ଣରୂପେ ପରାସ୍ତ କରିଥିବାରୁ ଦ୍ୱିତୀୟ ଚନ୍ଦ୍ରଗୁପ୍ତ ଶକାରି ଉପାଧି ଗ୍ରହଣ କରିଥିଲେ । ଏହାଙ୍କର ଅନ୍ୟ ନାମ ବିକ୍ରମାଦିତ୍ୟ । ଏ ଗୋଟିଏ ନୂଆ ଅବ୍ଦ ଚଳାଇଥିଲେ । ତାହାକୁ ବିକ୍ରମାବ୍ଦ ବା ବିକ୍ରମସମ୍ବତ୍ କହନ୍ତି । ଏହାଙ୍କର ରାଜଧାନୀ ଉଜ୍ଜୟିନୀରେ ଥିଲା । ଏହାଙ୍କ ରାଜସଭାରେ ନଅ ଜଣ ବଡ଼ ବଡ଼ ପଣ୍ଡିତ ଥିଲେ । ସେମାନେ ପ୍ରତିଦିନ ନୂଆ ଶ୍ଳୋକ ରଚନା କରି ରାଜାଙ୍କଠାରୁ ପୁରସ୍କାର ନେଉଥିଲେ । ଏହି ନଅ ଜଣଙ୍କୁ ନବରତ୍ନ କୁହାଯାଉଥିଲା । ସେମାନଙ୍କର ନାମ ହେଉଛି— କାଳିଦାସ, ବରାହମିହିର, ଘଟକର୍ପର, ଧନ୍ୱନ୍ତରି, କ୍ଷପଣକ, ଶଙ୍କୁ, ଅମରସିଂହ, ବେତାଳଭଟ୍ଟ ଓ ବରରୁଚି । ଏମାନଙ୍କ ମଧ୍ୟରେ କାଳିଦାସ ପ୍ରଧାନ ଥିଲେ । କାଳିଦାସ କୁମାରସମ୍ଭବ, ରଘୁବଂଶ, ମେଘଦୂତ, ଶକୁନ୍ତଳା ପ୍ରଭୃତି ଗ୍ରନ୍ଥ ଲେଖିଯାଇଛନ୍ତି । ଅମରସିଂହଙ୍କ ଅମରକୋଷ ନାମକ ଅଭିଧାନ ଅତି ପ୍ରସିଦ୍ଧ । ବରାହମିହିର ଜ୍ୟୋତିଷ ବିଦ୍ୟାରେ ବଡ଼ ପଣ୍ଡିତ ଥିଲେ ।

କାଳିଦାସ—ଉଜ୍ଜୟିନୀ ସହରର ଏକ ବ୍ରାହ୍ମଣ ପରିବାରରେ କାଳିଦାସ ଜନ୍ମ ହୋଇଥିଲେ । ପିଲାଦିନୁଁ ସେ ମୂର୍ଖ ଥିଲେ । ଜଣେ ରାଜକନ୍ୟା ପ୍ରତିଜ୍ଞା କରିଥିଲେ ଯେ, ଯେଉଁ ପଣ୍ଡିତ ତାଙ୍କର ସବୁ ପ୍ରଶ୍ନର ଠିକ୍ ଉତ୍ତର ଦେବ ସେ ତାଙ୍କୁ ବିଭା ହେବେ । ଅନେକ ପଣ୍ଡିତ ଆସିଲେ । ମାତ୍ର କେହି ଠିକ୍ ଉତ୍ତର ଦେଇ ନ ପାରି ବିରସ ମନରେ ଫେରିଲେ । ରାଜାଙ୍କ ମନ୍ତ୍ରୀମାନେ ପଣ୍ଡିତ ଖୋଜି ଖୋଜି ବ୍ୟସ୍ତ ହୋଇ ପଡ଼ିଲେ । ଶେଷକୁ ସେମାନେ ଏହି ଗଣ୍ଡମୂର୍ଖ

Digitized by PPRACHIN, SOA

କାଳିଦାସଙ୍କୁ ଅଣି କୌଶଳରେ ତାଙ୍କ ସହିତ ବିବାହ କରାଇ-ଦେଲେ । ମାତ୍ର ଅଳ୍ପ ସମୟମଧ୍ୟରେ ରାଜକନ୍ୟା କାଳିଦାସଙ୍କୁ କପଟ ମୂର୍ଖ ବୋଲି ଜାଣିପାରି ତାହାଙ୍କୁ ବିଶେଷ ଅପମାନ ଦେଲେ । ତେଣୁ "ବଡ଼ ପଣ୍ଡିତ ନ ହେଲେ ସ୍ତ୍ରୀକୁ ମୁହଁ ଦେଖାଇବି ନାହିଁ" ଏହି ପଣ କରି କାଳିଦାସ ପଳାଇଗଲେ । ସେ ପ୍ରଗାଢ଼ ଚେଷ୍ଟା କରି ବହୁ ବିଦ୍ୟା ଅଧ୍ୟୟନପୂର୍ବକ କୁମାରସମ୍ଭବ, ଶକୁନ୍ତଳା ପ୍ରଭୃତି ଗ୍ରନ୍ଥମାନ ଲେଖିଲେ ।

ରାଜକନ୍ୟା କାଳିଦାସଙ୍କର ପାଣ୍ଡିତ୍ୟରେ ମୁଗ୍‌ଧ ହୋଇ ତାଙ୍କୁ କ୍ଷମା ମାଗିଲେ । କାଳିଦାସଙ୍କର ଗୁଣ ଚାରିଆଡ଼େ ବ୍ୟାପିଗଲା । ବିକ୍ରମାଦିତ୍ୟ ଏହି ବିଖ୍ୟାତ ପଣ୍ଡିତଙ୍କୁ ନିଜ ରାଜସଭାରେ ରଖି ତାଙ୍କଠାରୁ ପ୍ରତିଦିନ ନୂଆ ନୂଆ କବିତା ଶୁଣୁଥିଲେ ।

ଫାହିଆନ୍‌—ବିକ୍ରମାଦିତ୍ୟଙ୍କ ରାଜତ୍ୱକାଳରେ ଚୀନ୍‌ଦେଶରୁ ଫାହିଆନ୍‌ ନାମରେ ଜଣେ ବୌଦ୍ଧ ପଣ୍ଡିତ ଭାରତକୁ ଅସିଥିଲେ । ସେ ଛଅ ବର୍ଷ କାଳ ଏ ଦେଶରେ ରହି ଭାରତର ନାନା ତୀର୍ଥସ୍ଥାନ ବୁଲି ଦେଖିଥିଲେ । ସେ ତାଙ୍କ ଭ୍ରମଣର ଗୋଟିଏ ବିବରଣ ଲେଖି-ଯାଇଅଛନ୍ତି । ସେଥିରୁ ଜଣାଯାଏ ଯେ, ସେ ସମୟରେ ଲୋକମାନେ ଧର୍ମପରାୟଣ ଥିଲେ । ହିନ୍ଦୁଧର୍ମ ଓ ବୌଦ୍ଧଧର୍ମ ଦେଶର ପ୍ରଧାନ ଧର୍ମ ହୋଇଥିଲା । ଲୋକମାନେ ମଦ, ମାଂସ, ପିଆଜ, ରସୁଣ ଖାଉ ନ ଥିଲେ । ଭାରତରେ ବଡ଼ ବଡ଼ ସହରମାନ ଥିଲା ; ବଙ୍ଗୋପସାଗର କୂଳରେ ତାମ୍ରଲିପ୍ତ ନାମରେ ଗୋଟିଏ ବଡ଼ ବନ୍ଦର ଥିଲା । ଓଡ଼ିଆ ସାଧବପୁଅମାନେ ବୋଇତ ନେଇ ଯାଭା, ସୁମାତ୍ରା, ଚୀନ୍‌, ସିଂହଳ ପ୍ରଭୃତି ଦେଶରେ ବେପାର କରୁଥିଲେ । ଦେଶରେ ଚୋର, ଡକାୟତର ଭୟ ନ ଥିଲା । ନାନା ସ୍ଥାନରେ ଡାକ୍ତରଖାନା ଥିଲା ଓ ଲୋକେ ମାଗଣାରେ ଔଷଧ ପାଉଥିଲେ ।

Digitized by PPRACHIN, SOA

ଲୋକଙ୍କ ଭିତରେ ଜାତିଭେଦ ଓ ଛୁଆଁ ଅଛୁଆଁ ଭାବ ବେଶୀ ଭାବରେ ଥିଲା । ଅଶୋକଙ୍କ କୀର୍ତ୍ତିମାନ ସେପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଥିଲା ।

ବିକ୍ରମାଦିତ୍ୟଙ୍କ ପରେ **କୁମାର ଗୁପ୍ତ** କିଛି ଦିନ ରାଜା ହୋଇଥିଲେ । ସେ ଗୋଟିଏ ଅଶ୍ୱମେଧ ଯଜ୍ଞ କରିଥିଲେ ।

ସ୍କନ୍ଦ ଗୁପ୍ତ—କୁମାର ଗୁପ୍ତଙ୍କ ପରେ ସ୍କନ୍ଦ ଗୁପ୍ତ କେତେକ ବର୍ଷ ରାଜତ୍ୱ କରିଥିଲେ । ସେତେବେଳକୁ ଗୁପ୍ତବଂଶ କ୍ରମେ ଦୁର୍ବଳ ହୋଇ ପଡ଼ିଥିଲା । ତାଙ୍କ ପରେ ଗୁପ୍ତ ରାଜାମାନଙ୍କୁ ପରାସ୍ତ କରି ହୁନ୍‌ମାନେ ଭାରତ ଅଧିକାର କରିଥିଲେ ।

ଗୁପ୍ତ ରାଜତ୍ୱରେ ଭାରତର ବହୁତ ଉନ୍ନତି ହୋଇଥିଲା ଓ ବହୁ ଶାସ୍ତ୍ର ରଚିତ ହୋଇଥିଲା । ପ୍ରସିଦ୍ଧ ଆୟୁର୍ବେଦ ଗ୍ରନ୍ଥଲେଖକ ଚରକ ଓ ଶୁଶ୍ରୁତ ଏହି ସମୟରେ ଥିଲେ ବୋଲି କୁହାଯାଏ ।

ପ୍ରଶ୍ନ

୧ । କନିଷ୍କ ବୌଦ୍ଧଧର୍ମ ପ୍ରଚାର ପାଇଁ କଅଣ କରିଥିଲେ ?

୨ । ବିକ୍ରମାବ୍ଦ କିଏ ଚଳାଇଥିଲେ ? ବିକ୍ରମାବ୍ଦ ଅନୁସାରେ ଏବେ କେଉଁ ବର୍ଷ ଚାଲିଛି ?

୩ । ଗୁପ୍ତବଂଶର ପ୍ରଧାନ ରାଜା କିଏ ? କାହିଁକି ତାଙ୍କୁ ସେ ବଂଶର ପ୍ରଧାନ ରାଜା କୁହାଯାଏ ?

୪ । ଫାହିଅନ୍ କାହା ରାଜତ୍ୱକାଳରେ ଭାରତକୁ ଆସିଥିଲେ ? ସେ ଭାରତବର୍ଷ ବିଷୟରେ କଅଣ ଲେଖିଯାଇଛନ୍ତି ?

୫ । (କ) କନିଷ୍କ, କାଳିଦାସ, ବରାହମିହିର, ଅମରସିଂହ, ନାଗାର୍ଜୁନ, ଅଶ୍ୱଘୋଷ, ଚରକ, ଦ୍ୱିତୀୟ ଚନ୍ଦ୍ରଗୁପ୍ତ ।

Digitized by PPRACHIN, SOA

(ଖ) ଶକୁନ୍ତଳା, ଅମରକୋଷ, ବିକ୍ରମାଦିତ୍ୟ, ଶକରାଜ, ବୌଦ୍ଧ ଧର୍ମସଭାର ସଭାପତି, ଜ୍ୟୋତିଷବିଦ୍ୟା, ବୁଦ୍ଧଚରିତ, ଆୟୁର୍ବେଦ ଗ୍ରନ୍ଥ ।

'କ' ବିଭାଗର କେଉଁ ପଦ ସହିତ 'ଖ' ବିଭାଗର କେଉଁ ପଦର କି ସମ୍ବନ୍ଧ ଅଛି କହ ।

ଦଶମ ପରିଚ୍ଛେଦ

ହୁନ୍‌କାଣ୍ଡ, ଯଶୋଧର୍ମ, ହର୍ଷବର୍ଦ୍ଧନ ଓ ହୁଏନ୍‌ସାଂ

ଯଶୋଧର୍ମ ଦେବ—ଗୁପ୍ତ ରାଜାମାନେ ଦୁର୍ବଳ ହୋଇ ପଡ଼ିବାରୁ ମଧ୍ୟ-ଏସିଆର ହୁନ୍‌ମାନେ ଭାରତ ଆକ୍ରମଣ କଲେ । ଏମାନେ ଲୋକଙ୍କୁ ନାନା କଷ୍ଟ ଦେଲେ । ଗାଁ ସହର ସବୁ ଲୁଟି କଲେ । ପଞ୍ଜାବର ଶୈଳକୋଟ ଏମାନଙ୍କର ରାଜଧାନୀ ଥିଲା । ମିହିରକୁଳ ହୁନ୍‌ମାନଙ୍କର ରାଜା ଥିଲେ । ତାଙ୍କ ଅତ୍ୟାଚାରରେ ପ୍ରଜାମାନେ ଥରହର ହେଲେ ।

ମାଳବର ହିନ୍ଦୁରାଜା ଯଶୋଧର୍ମ ଦେବ ମିହିରକୁଳଙ୍କୁ ପରାସ୍ତ କରି ଭାରତକୁ ହୁନ୍‌ମାନଙ୍କ ହାତରୁ ରକ୍ଷା କଲେ । ସେ ବିକ୍ରମାଦିତ୍ୟ ଉପାଧି ଧାରଣ କରିଥିଲେ । ସେ ଜଣେ ବଡ଼ ପଣ୍ଡିତ ଥିଲେ । କବି ଓ ପଣ୍ଡିତମାନଙ୍କୁ ସେ ନିଜ ସଭାରେ ସ୍ଥାନ ଦେଇଥିଲେ ।

ହର୍ଷବର୍ଦ୍ଧନ—ଯଶୋଧର୍ମ ଦେବଙ୍କ ମୃତ୍ୟୁପରେ ପୁଣି ହୁନ୍‌ମାନଙ୍କ ଅତ୍ୟାଚାର ବଢ଼ିଲା । ସେତେବେଳେ ଥାନେଶ୍ୱରର ରାଜା ପ୍ରଭାକର ବର୍ଦ୍ଧନ ହୁନ୍‌ମାନଙ୍କୁ ତଡ଼ିଦେବା ପାଇଁ ସେମାନଙ୍କ

Digitized by PPRACHIN, SOA

ସହିତ ଲଢ଼ାଇ କଲେ । ଏହାପରେ ବାରମ୍ବାର ଲଢ଼ାଇ ଫଳରେ ହୂନ୍‌ମାନେ ହଟିଗଲେ ।

ପ୍ରଭାକର ବର୍ଦ୍ଧନଙ୍କର ରାଜ୍ୟବର୍ଦ୍ଧନ ଓ ହର୍ଷବର୍ଦ୍ଧନ ନାମରେ ଦୁଇଟି ପୁଅ ଓ ରାଜ୍ୟଶ୍ରୀ ନାମରେ ଗୋଟିଏ ଝିଅ ଥିଲେ । ପ୍ରଭାକରଙ୍କ ମୃତ୍ୟୁପରେ ରାଜ୍ୟବର୍ଦ୍ଧନ ରାଜା ହେଲେ । ଅଳ୍ପ ଦିନ ମଧ୍ୟରେ ବଙ୍ଗଳାର ରାଜା ଶଶାଙ୍କ ତାଙ୍କୁ ମାରିଦେବାରୁ ହର୍ଷ ସିଂହାସନରେ ବସିଲେ । ସେ ଖ୍ରୀଷ୍ଟାବ୍ଦ ୬୦୬ ରୁ ୬୪୮ ପର୍ଯ୍ୟନ୍ତ ରାଜୁତି କରିଥିଲେ । ସେ ଯୁଦ୍ଧରେ ଅନେକ ରାଜ୍ୟ ଜୟ କରିଥିଲେ । ତାଙ୍କ ରାଜ୍ୟ ଉତ୍ତରରେ ହିମାଳୟଠାରୁ ଦକ୍ଷିଣରେ ନର୍ମଦା ଓ ପୂର୍ବରେ ବ୍ରହ୍ମପୁତ୍ରଠାରୁ ପଶ୍ଚିମରେ ଶତଦ୍ରୁ ପର୍ଯ୍ୟନ୍ତ ବ୍ୟାପିଥିଲା । କନୌଜ ବା କାନ୍ୟକୁବ୍ଜ ତାଙ୍କର ରାଜଧାନୀ ଥିଲା ।

ସେ ଦାକ୍ଷିଣାତ୍ୟର ରାଜା ପୁଲକେଶୀଙ୍କ ସଙ୍ଗରେ ଯୁଦ୍ଧ କଲେ । ମାତ୍ର ଯୁଦ୍ଧରେ ତାଙ୍କୁ ଜିଣି ନ ପାରି ତାଙ୍କ ସହିତ ସନ୍ଧି କଲେ । ସେତେବେଳେ ଆମ ଓଡ଼ିଶାର ରାଜା ତାଙ୍କୁ ଆଦୌ ଖାତିର କରୁ ନ ଥିଲେ ।

ହର୍ଷ ବୌଦ୍ଧଧର୍ମାବଲମ୍ବୀ ଥିଲେ । ସେ ପ୍ରତି ପାଞ୍ଚ ବର୍ଷରେ ଥରେ ପ୍ରୟାଗଠାରେ ଗୋଟିଏ ବଡ଼ ବୌଦ୍ଧମେଳା ବସାଉଥିଲେ । ସେ ମେଳା ତିନି ମାସ କାଳ ହେଉଥିଲା । ମେଳା ଶେଷରେ ରାଜା ତାଙ୍କର ସମସ୍ତ ଟଙ୍କା, ସୁନା, ଲୁଗା ଆଦି ଗରିବ ଲୋକମାନଙ୍କୁ ବାଣ୍ଟି ଦେଉଥିଲେ । ନିଜର ଖଣ୍ଡିଏ ଲୁଗା ଛଡ଼ା ଆଉ କିଛି ରଖୁ ନ ଥିଲେ ।

ସେ ଜଣେ ବଡ଼ ପଣ୍ଡିତ ଥିଲେ । ତାଙ୍କ ସମୟରେ ବାଣଭଟ୍ଟ ବୋଲି ଜଣେ ବଡ଼ କବି ଥିଲେ । ସେ କାଦମ୍ବରୀ ବୋଲି ଗୋଟିଏ ସୁନ୍ଦର ଉପନ୍ୟାସ ଲେଖିଅଛନ୍ତି । ଚୀନ୍‌ଦେଶରୁ ହୁଏନ୍‌ସାଂ

Digitized by PPRACHIN, SOA

ନାମରେ ଜଣେ ବୌଦ୍ଧ ସନ୍ନ୍ୟାସୀ ୬୩୦ ଖ୍ରୀଷ୍ଟାବ୍ଦରେ ଆସି ଭାରତରେ ୧୫ ବର୍ଷକାଳ କଟାଇଥିଲେ । ସେ ଆମ ଦେଶ ବିଷୟରେ ଏକ ବିସ୍ତୃତ ବିବରଣୀ ଲେଖି ଯାଇଅଛନ୍ତି ।

ହୁଏନ୍‌ସାଂଙ୍କ ବିବରଣୀ—ତାଙ୍କ ବିବରଣୀରୁ ଜଣାଯାଏ ସେତେବେଳେ ବିହାର ପ୍ରଦେଶର ନାଳନ୍ଦା ବିଶ୍ୱବିଦ୍ୟାଳୟ ପ୍ରଧାନ ବିଦ୍ୟାପୀଠ ଥିଲା । ସେଠାରେ ଦଶ ହଜାର ଛାତ୍ର ବିନା ଦରମାରେ ଅଧ୍ୟୟନ କରୁଥିଲେ । ଅଧ୍ୟାପକ ଓ ଛାତ୍ରମାନଙ୍କୁ ଖାଦ୍ୟପେୟ, ପୋଷାକ ଆଦି ରାଜା ଓ ଦେଶର ଧନୀ ଲୋକମାନେ ଯୋଗାଇ ଦେଉଥିଲେ । ସେହି ବିଦ୍ୟାଳୟରେ ପ୍ରବେଶ କରିବା ପୂର୍ବରୁ ଛାତ୍ରମାନଙ୍କୁ ପରୀକ୍ଷା କରି ଯାଉଥିଲା । ରାଜାମାନେ ଗୁପ୍ତବେଶରେ ରାଜ୍ୟରେ ବୁଲି ପ୍ରଜାମାନଙ୍କ ହାଲଚାଲ ବୁଝୁଥିଲେ । ସମୟେ ସମୟେ ସେ ପ୍ରଜାମାନଙ୍କ ଅପତ୍ତି ଅଭିଯୋଗ ଶୁଣି ସଙ୍ଗେ ସଙ୍ଗେ ମୀମାଂସା କରି ଦେଉଥିଲେ । କର୍ମଚାରୀମାନଙ୍କୁ ଦରମା ଦିଆ ନ ଯାଇ ଜାଗିର ଦିଆଯାଉଥିଲା । ରାଜକର ଅତି ସାମାନ୍ୟ ଥିଲା । ଦେଶରେ ଚୋରି

[ହୁଏନ୍‌ସାଂ]

Digitized by PPRACHIN, SOA

ଓଡ଼ାପୃତ୍ତି ପ୍ରବୃତ୍ତି ନ ଥିଲା । ସମସ୍ତେ ସତ୍ୟ କହୁଥିଲେ ଓ ସରଳ-ଭାବରେ ଜୀବନ କଟାଉଥିଲେ ।

ହର୍ଷଙ୍କ ରାଜସଭାରେ ଅନେକ ପ୍ରସିଦ୍ଧ ପଣ୍ଡିତ ଥିଲେ । ହୁଏନ୍‌ସାଂ ହର୍ଷବର୍ଦ୍ଧନଙ୍କ ରାଜ୍ୟଶାସନକୁ ଖୁବ୍ ପ୍ରଶଂସା କରିଛନ୍ତି । ଯାଜପୁର ଅଞ୍ଚଳର ରାଜଧାନୀ ଥିଲା । ଚେଳତାଲୋ ବା ଚନ୍ଦ୍ରୋପୃକା କାଳଟପୁର ଅଞ୍ଚଳର ଗୋଟିଏ ବନ୍ଦର ଥିଲା । ସେଠାରୁ ଓଡ଼ିଆମାନେ ବୋଇତରେ ଲଙ୍କା ଦ୍ୱୀପ ଇତ୍ୟାଦି ଦୂର ସ୍ଥାନକୁ ଯାଇ ବେପାର ବଣିଜ କରି ଧନ କମାଉଥିଲେ । ରାଜ୍ୟଶାସନ ନୀତି କଠୋର ଥିଲା । ହର୍ଷ ନିଜେ ବୌଦ୍ଧ ଥିଲେ ଓ ବୌଦ୍ଧଧର୍ମର ପ୍ରଚାର କରୁଥିଲେ । ହୁଏନ୍‌ସାଂ ଓଡ଼ିଶାରେ ଦଶ ହଜାର ବୌଦ୍ଧ ସନ୍ନ୍ୟାସୀଙ୍କୁ ଦେଖିବାକୁ ପାଇଥିଲେ । ହର୍ଷ ୧୦୦ ଫୁଟ୍ ଉଚ୍ଚ ଗୋଟିଏ ସ୍ତମ୍ଭ ନିର୍ମାଣ କରି ତାହାଁ ଉପରେ ଗୋଟିଏ ସ୍ୱର୍ଣ୍ଣନିର୍ମିତ ବୌଦ୍ଧମୂର୍ତ୍ତି ସ୍ଥାପନ କରିଥିଲେ ।

ପ୍ରଶ୍ନ

୧ । ହୁନ୍‌ମାନଙ୍କ ବିଷୟରେ ଯାହା ଜାଣ କହ ।

୨ । ଶୂନ୍ୟସ୍ଥାନ ପୂରଣ କର:—

(କ) ପଞ୍ଜାବର — ହୁନ୍‌ମାନଙ୍କର — ଥିଲା ।

(ଖ) — ହୁନ୍‌ମାନଙ୍କର ରାଜା ଥିଲେ ।

(ଗ) ମାଳବର —ରାଜା — ହୁନ୍‌ମାନଙ୍କୁ ପରାସ୍ତ କରିଥିଲେ ।

(ଘ) ହର୍ଷବର୍ଦ୍ଧନ — ରୁ — ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।

୩ । ହର୍ଷଙ୍କର ପ୍ରୟାଗ ମେଳା ବିଷୟ ବର୍ଣ୍ଣନା କର ।

୪ । ହୁଏନ୍‌ସାଂ ନାଳନ୍ଦା ବିଶ୍ୱବିଦ୍ୟାଳୟ ବିଷୟରେ ଯାହା ଲେଖିଯାଇଛନ୍ତି, କହ ।

Digitized by PPRACHIN, SOA

ଏକାଦଶ ପରିଚ୍ଛେଦ

ଉତ୍କଳର ଇତିହାସ (୧)

ଭୌମ, କେଶରୀ ଓ ଭଞ୍ଜ ରାଜବଂଶ

ଆଗେ ଆମ ଜନ୍ମଭୂମି ଓଡ଼ିଶାର ନାମ ଉତ୍କଳ ଥିଲା । ବହୁ ଦିନ ପୂର୍ବେ ଏହାକୁ କଳିଙ୍ଗ ମଧ୍ୟ କୁହାଯାଉଥିଲା । ଏହି କଳିଙ୍ଗ ଧନ, ବିଦ୍ୟା, ଶିଳ୍ପ, ବାଣିଜ୍ୟ ଇତ୍ୟାଦିରେ ସବୁ ଦେଶକୁ ଟପି ଯାଇଥିଲା । ଏହା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବ୍ୟାପିଥିଲା ।

ଖାରବେଳଙ୍କ ପରେ ଆମ ଓଡ଼ିଶା ବା କଳିଙ୍ଗରେ କେହି ନାମଜାଦା ରାଜା ନ ଥିଲେ । ତାଙ୍କ ପରେ ଓଡ଼ିଶାର ପ୍ରାୟ ପାଞ୍ଚ ଶହ ବର୍ଷର ଇତିହାସ ଜଣା ପଡ଼ି ନାହିଁ । କେଶରୀ ବଂଶ ରାଜତ୍ୱ କଲା ଦିନଠାରୁ ଆମ ଓଡ଼ିଶାର ନାମ କଳିଙ୍ଗ ନ ହୋଇ ଉତ୍କଳ ହୋଇଛି ।

ଭୌମ ବଂଶ—ପ୍ରାୟ ୨୦୦ ବର୍ଷ କାଳ ଏହି କଳିଙ୍ଗ ରାଜ୍ୟ ଭୌମବଂଶୀୟ କେତେ ଜଣ ରାଜାଙ୍କ ଅଧୀନରେ ରହିଥିଲା । ଏହି ରାଜାମାନଙ୍କ ମଧ୍ୟରୁ କେହି ଶିବଙ୍କର, କେହି ବିଷ୍ଣୁଙ୍କର, କେହି ବା ବୁଦ୍ଧଙ୍କର ପୂଜା କରୁଥିଲେ । ସେମାନେ ବଡ଼ ଦାନୀ ଥିଲେ । ଏହି ବଂଶର ଜଣେ ରାଜା ଚୀନ ସମ୍ରାଟ୍‌ଙ୍କ ନିକଟକୁ ଦୂତ ପଠାଇ ତାଙ୍କ ସଙ୍ଗେ ବନ୍ଧୁତା ସ୍ଥାପନ କରିଥିଲେ । ତ୍ରିଭୁବନ ମହାଦେବୀ ଓ ଦଣ୍ଡୀ ମହାଦେବୀ ନାମରେ ଏହି ବଂଶର ଦୁଇ ଜଣ ରାଣୀ ମଧ୍ୟ ରାଜୁତି କରିଥିଲେ ।

ସମ୍ବଲପୁର ଅଞ୍ଚଳକୁ ଆଗେ କୋଶଳ କହୁଥିଲେ । ଶ୍ରୀପୁର ଏହି କୋଶଳର ରାଜଧାନୀ ଥିଲା । କୋଶଳର ସୋମବଂଶୀ ରାଜାମାନେ

Digitized by PPRACHIN, SOA

ଏହି କେଶରୀ ପଦ ଗ୍ରହଣ କରିଥିବାରୁ ସେମାନଙ୍କ ବଂଶକୁ କାଳକ୍ରମେ କେଶରୀ ବଂଶ କୁହାଗଲା । ଏମାନେ ପାଣ୍ଡୁବମାନଙ୍କର ବଂଶଧର ।

କେଶରୀ ବଂଶ—ବାଳାର୍ଜ୍ଜୁନ ସୋମବଂଶର ଜଣେ ରାଜା । ତାଙ୍କର ମହାଶିବଗୁପ୍ତ ପଦ ଥିଲା । ଜନମେଜୟ ତାଙ୍କର ନାତି ଅଟନ୍ତି । ସେ ଓଡ଼ିଶା ଉପକୂଳର ମଧ୍ୟଭାଗ ଅର୍ଥାତ୍ ପୁରୀ, କଟକ, ଗଞ୍ଜାମ, ବାଲେଶ୍ୱର ଅଞ୍ଚଳମାନ ଜୟ କରିଥିଲେ । କଟକର ଚୌଦ୍ୱାରଠାରେ ସେ ଗୋଟିଏ ଦୁର୍ଗ ତିଆରି କରି ସେଠାରେ ରାଜଧାନୀ ବସାଇଲେ । ସେ ବ୍ରାହ୍ମଣମାନଙ୍କୁ ବହୁତ ଗ୍ରାମ ଓ ଭୂମି ଦାନ କରିଥିଲେ । ସେ ଶିବଙ୍କୁ ପୂଜା କରୁଥିଲେ । ଧାର୍ମିକ ଥିବାରୁ ସେ ତାଳଯୋଡ଼ାର ଅଗ୍ରାହାଟରେ ଗୋଟିଏ ଯଜ୍ଞ କରିଥିଲେ । ସେ ୬୧ ବର୍ଷ ରାଜୁତି କଲାପରେ ତାଙ୍କ ପୁଅ ଯଯାତି ରାଜା ହେଲେ ।

ଯଯାତି କେଶରୀ—(ଖ୍ରୀः ୭୧୨) ଦୁଇ ଜଣ ଯଯାତି ଜନମେଜୟଙ୍କ ପରେ ରାଜୁତି କରିଥିଲେ ବୋଲି ଅନେକ ପ୍ରମାଣ ମିଳୁଛି । ପ୍ରଥମ ଯଯାତି ବର୍ତ୍ତମାନର ସୋନପୁରରେ ଯଯାତିନଗର ସ୍ଥାପନ କରିଥିଲେ ବୋଲି କେତେକ ଇତିହାସରୁ ପ୍ରମାଣ ମିଳେ । ଦ୍ୱିତୀୟ ଯଯାତିଙ୍କଠାରୁ କେଶରୀବଂଶର ନାମକରଣ ହୋଇଛି ।

ଲୋକେ କହନ୍ତି ଯଯାତି ନିଜ ରାଜ୍ୟରୁ ପଳାଇ ଆସି ଯାଜପୁରଠାରେ ବିରଜା ଠାକୁରାଣୀଙ୍କ ସେବା କଲେ । ତାପରେ ଉତ୍କଳରାଜାଙ୍କ ଝିଅକୁ ବିବାହ କରି କଳିଙ୍ଗ, କୋଙ୍ଗଦ ଓ ଉତ୍କଳ ରାଜ୍ୟ ପାଇଲେ । ଏହି ରାଜ୍ୟଗୁଡ଼ିକ ଓଡ଼ିଶାର ବିଭିନ୍ନ ଅଂଶ ଥିଲା । ବିରଜା ଦେବୀଙ୍କ ବାହନ କେଶରୀ (ସିଂହ) । ସେହି କେଶରୀଙ୍କ ନାମାନୁସାରେ ଏହି ବଂଶର ନାମ କେଶରୀ ବଂଶ ହେଲା ।

ସେତେବେଳେ ଏ ଦେଶରେ ଭଲ ବ୍ରାହ୍ମଣ ନ ଥିବା ହେତୁ ଯଯାତି କାନ୍ୟକୁବ୍ଜରୁ ଦଶ ହଜାର ବ୍ରାହ୍ମଣ ଅଣାଇଥିଲେ । ସେ

Digitized by PPRACHIN, SOA

ଯାଜପୁରକୁ ନିଜ ରାଜଧାନୀ କଲେ । ବୈତରଣୀ କୂଳରେ ସେ ଏହି ବ୍ରାହ୍ମଣମାନଙ୍କ ଦ୍ୱାରା ଗୋଟିଏ ବଡ଼ ଯଜ୍ଞ କରାଇଲେ । ସେଥିରେ ଦଶଟି ଅଶ୍ୱ ବଳି ଦିଆଯାଇଥିଲା । ଏ ଯଜ୍ଞକୁ ଦଶାଶ୍ୱମେଧ କହନ୍ତି । ଏପର୍ଯ୍ୟନ୍ତ ଦଶାଶ୍ୱମେଧ ଘାଟ ନାମରେ ଏକ ଘାଟ ବୈତରଣୀ-କୂଳରେ ଅଛି । ଏହି ସ୍ଥାନରେ ଯଜ୍ଞ ହୋଇଥିଲା । ବ୍ରାହ୍ମଣମାନଙ୍କ ପାଇଁ ସେ ଯଥେଷ୍ଟ ଜମିବାଡ଼ି ଖଞ୍ଜି ଦେଇଥିଲେ । ଯେଉଁସବୁ ତମ୍ବାପଟାରେ ଲେଖି ସେ ଭୂମି ଦାନ କରିଥିଲେ ଏବେ ସେସବୁ ମିଳୁଛି ।

ଯେଉଁ ସାଲ ଏବେ ଓଡ଼ିଶାରେ ଚଳୁଛି, ତାହା ଯଯାତି-କେଶରୀ ଚଳାଇଥିଲେ । ତାହା ପ୍ରତି ବର୍ଷ ଭାଦ୍ରବମାସ ଶୁକ୍ଳପକ୍ଷ ଦ୍ୱାଦଶୀଠାରୁ ଗଣାଯାଏ । ଏହି ଦିନକୁ ସୁନିଆଁ କହନ୍ତି ।

ମାଳବର ଇନ୍ଦ୍ରଦ୍ୟୁମ୍ନ ବୋଲି ଜଣେ ରାଜା ପୁରୀର ବଡ଼ଦେଉଳ ତୋଳାଇଥିଲେ । କାଳକ୍ରମେ ତାହା ଭାଙ୍ଗିଯିବାରୁ ଯଯାତି ତାହାକୁ ଆଉ ଥରେ ନୂଆ ଆକାରରେ ତୋଳାଇଥିଲେ । ସେ ଶିବଙ୍କୁ ପୂଜା କରୁଥିଲେ । ତେଣୁ ଏକାମ୍ରକାନନ ବା ଭୁବନେଶ୍ୱରରେ ସେ ଲିଙ୍ଗରାଜଙ୍କ ପାଇଁ ଗୋଟିଏ ମନ୍ଦିର ଆରମ୍ଭ କରାଇଥିଲେ । ମାତ୍ର ଦେଉଳ ପୂର୍ଣ୍ଣ ନ ହେବାରୁ ତାଙ୍କର ମୃତ୍ୟୁ ହେଲା ।

ଉଦ୍ୟୋତ କେଶରୀ ବା ଲଲାଟେନ୍ଦୁ କେଶରୀ— ଉଦ୍ୟୋତ କେଶରୀଙ୍କୁ ସମ୍ଭବତଃ ଲଲାଟେନ୍ଦୁ କେଶରୀ କୁହାଯାଏ । ସେ କେଶରୀ ବଂଶର ଜଣେ ବିଖ୍ୟାତ ରାଜା । ସେ ଖଣ୍ଡଗିରିରେ ଜୈନ ପାର୍ଶ୍ୱନାଥଙ୍କ ମନ୍ଦିର ତୋଳାଇଥିଲେ । ଭୁବନେଶ୍ୱରରେ ଯଯାତି ଆରମ୍ଭ କରାଇଥିବା ମନ୍ଦିରର ନିର୍ମାଣ ଶେଷ କରି ସେ ତହିଁରେ ଲିଙ୍ଗରାଜଙ୍କୁ ପ୍ରତିଷ୍ଠା କଲେ । ଏହି ମନ୍ଦିର ଏକା ଭାରତରେ

Digitized by PPRACHIN, SOA

ଭାଙ୍କ, ପୃଥିବୀରେ ପ୍ରସିଦ୍ଧ ଅଟେ । ମନ୍ଦିରରେ ଚୁନ ବା ସିମେଣ୍ଟ ଭିତ୍ତି ଦିଆଯାଇ ନାହିଁ । ପଥରକୁ ପଥର ଘଷା ହୋଇ ଯୋଡ଼ା ଯାଇ ଏଡ଼େ ପ୍ରକାଣ୍ଡ ମନ୍ଦିର ଠିଆ କରାଯାଇଛି । ଭୁବନେଶ୍ୱରରେ ଆହୁରି ଅନେକ ମନ୍ଦିର ଅଛି । ସବୁଠାରୁ ସରୁ କୁନ୍ଦମୂନରେ କାମ ହୋଇଛି ମୁକ୍ତେଶ୍ୱର ଓ ରାଜାରାଣୀ ମନ୍ଦିରରେ । ଯେ କେହି ବିଦେଶୀ ଦର୍ଶକ ଭୁବନେଶ୍ୱରରେ ଏଗୁଡ଼ିକୁ ଦେଖି ଓଡ଼ିଆଙ୍କର ଶିଳ୍ପ-ଚାତୁରୀକୁ ପ୍ରଶଂସା ନ କରି ରହିପାରନ୍ତି ନାହିଁ ।

ଲଲାଟେନ୍ଦୁ କେଶରୀ ଭୁବନେଶ୍ୱର ଗ୍ରାମ ବସାଇ ଠାକୁରଙ୍କ ପାଇଁ ବହୁତ ଜମିବାଡ଼ି ଛାଡ଼ି ଦେଇଥିଲେ । ଏ ବଂଶର ରାଜା ବରାହ କେଶରୀ ଭୁବନେଶ୍ୱରରେ **ବିନ୍ଦୁସାଗର** ପୋଖରୀ ଖୋଳାଇ-ଥିଲେ ।

ନୃପ କେଶରୀ—ଏହି ରାଜା କଟକ ସହର ବସାଇଥିଲେ ଓ ବାରାଣାସୀ ଦୁର୍ଗ ତିଆରି କରାଇଥିଲେ ।

ମର୍କତ କେଶରୀ—ଏହି ରାଜା କଟକ ସହରକୁ ବଢ଼ି-ପାଣିରୁ ରକ୍ଷା କରିବା ପାଇଁ କାଠଯୋଡ଼ି କୂଳରେ ପଥର ବନ୍ଧ ତିଆରି କରାଇଥିଲେ । ସେ ବନ୍ଧ ଦେଖିଲେ ଆଜିକାଲିର ବିଖ୍ୟାତ ଇଞ୍ଜିନିୟରମାନେ ମଧ୍ୟ ଆଶ୍ଚର୍ଯ୍ୟ ହୁଅନ୍ତି । ସେହି ସମୟର ବାଇମୁଣ୍ଡି ନାମକ ଜଣେ ପ୍ରଜା ଏହି ବନ୍ଧ ତିଆରି ନ କଲେ କଟକ ସହର ଶୀଘ୍ର ନଦୀଗର୍ଭରେ ଲୁଚିଯିବ ବୋଲି ରାଜାଙ୍କୁ ପରାମର୍ଶ ଦେଇଥିଲା । ତାହାଠାରୁ ଏ କଥା ଶୁଣି ରାଜା ବନ୍ଧ କାର୍ଯ୍ୟ ଆରମ୍ଭ କରିଥିଲେ । "କଟକ ଚିନ୍ତା ବାଇମୁଣ୍ଡିକୁ" ବୋଲି କଥା ଆଜିଯାଏ ରହିଅଛି । ଉକ୍ତ ବନ୍ଧ ଆଜିପର୍ଯ୍ୟନ୍ତ ନିଖୁଣ ରହି କଟକ ସହରକୁ ବଢ଼ିପାଣିରୁ ରକ୍ଷା କରୁଅଛି ।

Digitized by PPRACHIN, SOA

ସୁବର୍ଣ୍ଣ କେଶରୀ—ସୁବର୍ଣ୍ଣ କେଶରୀ ଏହି ବଂଶର ଶେଷ ରାଜା । ଗଙ୍ଗବଂଶର ଚୋଳଗଙ୍ଗ ତାଙ୍କୁ ପରାସ୍ତ କରି ଓଡ଼ିଶାର ରାଜା ହେଲେ ।

ଭଞ୍ଜ ବଂଶ—କେଶରୀ ବଂଶର ରାଜତ୍ୱ ସମୟରେ ଭଞ୍ଜ-ବଂଶୀୟ ରାଜାମାନେ ମୟୂରଭଞ୍ଜ, କେନ୍ଦୁଝର, ବୌଦ ପ୍ରଭୃତି ଅଞ୍ଚଳରେ ରାଜତ୍ୱ କରୁଥିଲେ । ଏ ରାଜ୍ୟଗୁଡ଼ିକ ଓଡ଼ିଶା ପ୍ରଦେଶ ସଙ୍ଗେ ମିଶି ଯାଇଅଛି । ରାଜାମାନେ ଆଉ ଏ ରାଜ୍ୟସବୁ ଶାସନ କରୁ ନାହାନ୍ତି ।

ପ୍ରଶ୍ନ

୧ । 'କେଶରୀବଂଶ' ଏପରି ନାମକରଣ ହେବାର କାରଣ କଣ ?

୨ । କଟକ ଚନ୍ଦ୍ରା ବାରିମୁଣ୍ଡିକି—ଏ କଥାଟି ବୁଝାଇଦିଅ ।

୩ । ଶୂନ୍ୟସ୍ଥାନ ପୂରଣ କର :—

(କ) ଆଗେ ଓଡ଼ିଶାର ସୀମା—ଠାରୁ—ପର୍ଯ୍ୟନ୍ତ ବ୍ୟାପିଥିଲା ।

(ଖ) —କଟକର—ଠାରେ ଗୋଟିଏ ଦୁର୍ଗ ତିଆରି କରି ରାଜଧାନୀ ବସାଇଥିଲେ ।

(ଗ) ଯଯାତିଙ୍କ ପରେ—ବଂଶରେ—ଉତ୍କଳ ଅଧିକାର କଲେ ।

(ଘ) —ମହାଦେବୀ ଓ—ମହାଦେବୀ—ବଂଶର ପ୍ରସିଦ୍ଧ ରାଣୀ ଥିଲେ ।

୪ । 'କ' ଧାଡ଼ିର ବ୍ୟକ୍ତିଙ୍କର 'ଖ' ଧାଡ଼ିର କାହା ସହିତ ସମ୍ପର୍କ ଅଛି ସ୍ଥିର କର ।

(କ) ଯଯାତି, ନୃପକେଶରୀ, ବାରିମୁଣ୍ଡି, ଲଲାଟେନ୍ଦୁ କେଶରୀ ।

(ଖ) ବାରବାଟୀ ଦୁର୍ଗ, କଟକର ପଥରବନ୍ଧ, ଲିଙ୍ଗରାଜ ମନ୍ଦିର ଓ ବିନ୍ଦୁସାଗର, ଦଶାଶ୍ୱମେଧ ଘାଟ ।

Digitized by PPRACHIN, SOA

ଦ୍ୱାଦଶ ପରିଚ୍ଛେଦ

ଉତ୍କଳର ଇତିହାସ (୨)

ଗଙ୍ଗବଂଶ—ଗଙ୍ଗ ବଂଶର ରାଜାମାନେ ଦକ୍ଷିଣ ଅଞ୍ଚଳରୁ ଆସିଥିଲେ । କଳିଙ୍ଗନଗର ସେମାନଙ୍କର ରାଜଧାନୀ ଥିଲା । ବର୍ତ୍ତମାନ ତାକୁ ମୁଖଲିଙ୍ଗମ୍ କହନ୍ତି । ସେତେବେଳେ ଗଙ୍ଗାବ୍ଦ ନାମରେ ଗୋଟିଏ ଅବ୍ଦ ଚଳିଥିଲା । ଉକ୍ତ ରାଜାମାନେ ବହୁ ମନ୍ଦିର ଓ ବ୍ରାହ୍ମଣ ଶାସନ ବସାଇଥିଲେ । **ଚୋଳଗଙ୍ଗ ଦେବ** ଏହି ବଂଶର ଜଣେ ପ୍ରଧାନ ରାଜା । ସେ ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ସେ ପୁରୀର ଜଗନ୍ନାଥଙ୍କ ଦେଉଳ ଆରମ୍ଭ କରିଥିଲେ । ପୁରୀ ମନ୍ଦିରରେ ଆଜିପର୍ଯ୍ୟନ୍ତ ଚଳିଆସୁଥିବା ମାଦଳାପାଞ୍ଜି ଲେଖା ଏହାଙ୍କ ଅମଳରୁ ଆରମ୍ଭ ହୋଇଥିଲା । ସେ ଜଗନ୍ନାଥଙ୍କ ପାଇଁ ବହୁତ ଜମି ଖଞ୍ଜି ଦେଇଥିଲେ । ଚୋଳଗଙ୍ଗ ସୁବର୍ଣ୍ଣ କେଶରୀଙ୍କୁ ଯୁଦ୍ଧରେ ପରାସ୍ତ କରି ଓଡ଼ିଶାର ରାଜା ହୋଇଥିଲେ । ତାଙ୍କ ରାଜସଭାରେ ଭାରତପ୍ରସିଦ୍ଧ ପଣ୍ଡିତ ଶ୍ରୀହର୍ଷ ମିଶ୍ର ଥିଲେ । ଚୋଳଗଙ୍ଗଙ୍କ ପାଟରାଣୀଙ୍କ ନାମ ଗୁଣ୍ଡିଚ୍ଚୁଦେବୀ । ତାଙ୍କର ସନ୍ତାନ କେହି ନ ଥିଲେ । ସେ ୭୦ ବର୍ଷକାଳ ରାଜ୍ୟ ଚଳାଇ ୧୧୪୭ ଖ୍ରୀଷ୍ଟାବ୍ଦରେ ମଲେ । ସେ ଜଣେ ଆଦର୍ଶ ରାଜା ଥିଲେ ।

Digitized by PPRACHIN, SOA

ଅନଙ୍ଗଭୀମ ଦେବ—ଏହାଙ୍କ ରାଜଧାନୀ ଚୌଦ୍ୱାର-ଠାରେ ଥିଲା । ଏ ଜଣେ ପ୍ରବଳ ଶକ୍ତିଶାଳୀ ରାଜା ଥିଲେ । ଏହାଙ୍କ ରାଜତ୍ୱ କାଳରେ ମୁସଲମାନମାନେ ବଙ୍ଗ ଦେଶ ଆକ୍ରମଣ କରିବାରୁ ବଙ୍ଗଳାର ସେନବଂଶୀୟ ହିନ୍ଦୁରାଜା ଲକ୍ଷ୍ମଣସେନ ଓଡ଼ିଶାକୁ ପଳାଇ ଆସି ଅନଙ୍ଗଙ୍କ ଶରଣ ପଶିଲେ । ଏଥିପାଇଁ ମୁସଲମାନ-ମାନେ ଓଡ଼ିଶା ଆକ୍ରମଣ ଆରମ୍ଭ କରିଦେଲେ । ଅନଙ୍ଗଭୀମ ଦେବ ଏହା ଜାଣିପାରି ତାଙ୍କ



[ପୁରୀ ଜଗନ୍ନାଥ ମନ୍ଦିର]

ରାଜଧାନୀ କଟକକୁ ଉଠାଇ ଆଣି ବାରବାଟୀ ଦୁର୍ଗ ତିଆରି କରାଇଲେ । ବାରବାଟୀ ଗଡ଼ର ଚାରିପଟେ ଗଭୀର ଗଡ଼ଖାଇ ଓ ଗୋଟିଏ ସୁଦୃଢ଼ ପ୍ରାଚୀର ନିର୍ମାଣ କରାଯାଇଥିଲା । ମୁସଲମାନମାନେ ବାରମ୍ବାର ଓଡ଼ିଶା ଆକ୍ରମଣ କରିବାପାଇଁ ଆସି ବୀର ଓଡ଼ିଆ ପାଇକମାନଙ୍କ ଦ୍ୱାରା ପରାଜିତ ହୋଇ ପଳାଇଲେ । ବର୍ତ୍ତମାନ ବାରବାଟୀ ଗଡ଼ ଆଉ ନାହିଁ । କେବଳ ସଦର ଫାଟକ ଓ ଅସ୍ତ୍ରଶସ୍ତ୍ର ରହିବା ଘରଟି ଏପର୍ଯ୍ୟନ୍ତ ଅଛି ।

Digitized by PPRACHIN, SOA

ଚୋଡ଼ଗଙ୍ଗଙ୍କ ଦ୍ୱାରା ପୁରୀ ଦେଉଳର କାମ ଅଳ୍ପ ହୋଇଥିଲା । ଅନଙ୍ଗଭୀମ ଏହାର ନିର୍ମାଣ କାର୍ଯ୍ୟ ଶେଷ କଲେ ଓ ଠାକୁରଙ୍କ ପାଇଁ ନୀତି ଖଞ୍ଜିଦେଲେ । ସେ ଅନେକ ମଠ, ମନ୍ଦିର ଓ ବ୍ରାହ୍ମଣ ଶାସନ ବସାଇଥିଲେ । ଏହି ରାଜା ଅନେକ ରାଜ୍ୟ ଜୟ କରି ଓଡ଼ିଶାର ସୀମା ବହୁଦୂର ପର୍ଯ୍ୟନ୍ତ ବଢ଼ାଇଥିଲେ । ସେ ଓଡ଼ିଶା ଯାକର ଜମି ମାପ କରାଇଥିଲେ । ସେ ତାଙ୍କ ସୈନ୍ୟମାନଙ୍କୁ ବଡ଼ଯେନା, ପାଇକରାୟ ପ୍ରଭୃତି ନାନା ଉପାଧି ଦେଇଥିଲେ । ଅନଙ୍ଗଭୀମଙ୍କ କନ୍ୟା ଚନ୍ଦ୍ରାଦେବୀ ଭୁବନେଶ୍ୱରର ବିନ୍ଦୁସାଗର ପାର୍ଶ୍ୱବର୍ତ୍ତୀ ଅନନ୍ତବାସୁଦେବ ମନ୍ଦିର ନିର୍ମାଣ କରାଇଥିଲେ ।

ଲାଙ୍ଗୁଳା ନରସିଂହ ଦେବ—ଲାଙ୍ଗୁଳା ନରସିଂହ ଦେବ ଅନଙ୍ଗଭୀମଙ୍କ ପୁଅ । ତାଙ୍କ ପୋଷାକ ପଛରେ ଲାଙ୍ଗୁଳପରି ଗୋଟିଏ ଜିନିସ ଝୁଲୁଥିବାରୁ ତାଙ୍କୁ ଲାଙ୍ଗୁଳା ବୋଲି କହୁଥିଲେ । ଏହାଙ୍କ ରାଜତ୍ୱରେ ପଠାଣମାନେ ଆଉ ଓଡ଼ିଶା ଆକ୍ରମଣ କରିବାକୁ ସାହସ କରି ନ ଥିଲେ । ଏହାଙ୍କ ରାଜ୍ୟ ବଙ୍ଗଳାରୁ ସେତୁବନ୍ଧ ରାମେଶ୍ୱର ପର୍ଯ୍ୟନ୍ତ ବ୍ୟାପିଥିଲା । ଏ ରାଜାଙ୍କ କୀର୍ତ୍ତି ଜଗତ୍ ପ୍ରସିଦ୍ଧ ଅଟେ । ସେ ପୁରୀଠାରୁ ୨୦ ମାଇଲ ଦୂରରେ କୋଣାର୍କଠାରେ ଯେଉଁ ବିରାଟ ମନ୍ଦିର ନିର୍ମାଣ କରିଥିଲେ, ତାହାର ସୁନ୍ଦର ଶିଳ୍ପକଳା ସମଗ୍ର ପୃଥିବୀର ଲୋକଙ୍କୁ ଆଶ୍ଚର୍ଯ୍ୟ କରୁଛି । ବର୍ତ୍ତମାନ ପ୍ରଧାନ ଦେଉଳଟି ଭାଙ୍ଗି ଯାଇଅଛି । କେବଳ ଯେଉଁ ମୁଖଶାଳାଟି ଅଛି, ତାହାର କାରୁକାର୍ଯ୍ୟ ମଧ୍ୟ ସମସ୍ତଙ୍କୁ ମୁଗ୍ଧ କରୁଅଛି ।

ଏହି ଦେଉଳ ତୋଳିବା ପାଇଁ ଓଡ଼ିଶାର ବାର ବର୍ଷ ରାଜସ୍ୱ ବାରଶହ ବଢ଼ାଇ ଷୋଳବର୍ଷ କାଳ ଦିନରାତି ଖଟିଥିଲେ । ଏଥିରେ ପ୍ରାୟ ୪୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ପ୍ରଧାନ ଦେଉଳଟି

Digitized by PPRACHIN, SOA

୨୪୦ ଫୁଟ ଉଚ୍ଚ ଥିଲା । ଦେଉଳଟି ଗୋଟିଏ ରଥ ଆକାରରେ ଗଢ଼ା ଯାଇଥିଲା । ପ୍ରଧାନ ଦେଉଳର ଦଧିନଉତି ପଥରର ଓଜନ ୫୨ ହଜାର ମହଣ ଥିଲା । ଏହି ଦଧିନଉତି ପଥର ଦେହରେ ଚୁମ୍ବକ ରଖାଯାଇଥିଲା । ଅନେକ ପଣ୍ଡିତ କହନ୍ତି ସମୁଦ୍ରର ଜାହାଜ ସବୁ ଗଲାବେଳେ ଏହି କୋଣାର୍କଠାରେ କୂଳ ଆଡ଼କୁ ଟାଣି ହୋଇ



[କୋଣାର୍କର ମୁଖଶାଳା]

ଆସନ୍ତି । ଏପରି ହେବାର କାରଣ ଅନୁସନ୍ଧାନ କରି ବିଦେଶୀୟ ବେପାରୀମାନେ ଜାଣିଲେ ଯେ, ମନ୍ଦିରର ଚୁମ୍ବକ ପଥର ଜାହାଜକୁ କୂଳକୁ ଟାଣି ଆଣୁଛି । ତେଣୁ ସେମାନେ ମନ୍ଦିରର ଦଧିନଉତି ପଥରଟି କାଢ଼ି ଚୁମ୍ବକଟକ ନେଇଗଲେ ।

Digitized by PPRACHIN, SOA

ଫଳରେ ଦେଉଳଟି ଧ୍ୱଂସ ହୋଇଗଲା । କୋଣାର୍କ ଶିଳ୍ପ ଧ୍ୱଂସ ହୋଇ ଯାଇଛି ସତ, ମାତ୍ର ଯେ ପର୍ଯ୍ୟନ୍ତ ଖଣ୍ଡିଏ ପଥର ସେଠାରେ ପଡ଼ିଥିବ, ସେ ପର୍ଯ୍ୟନ୍ତ ତାହା ଓଡ଼ିଆର କାରିଗର ଘୋଷଣା କରୁଥିବ ଓ ଅସଂଖ୍ୟ ଦର୍ଶକ ତାହା ଦେଖିବାକୁ ଯାଉଥିବେ ।

ଏଠାରେ ପ୍ରଧାନ ଦେଉଳର ଦୁଆର ମୁହଁରେ ଥିବା ନବଗ୍ରହ ପଥରଟି ଗୋଟିଏ ଅଲଗା ଘରେ ରଖାଯାଇ ପୂଜା କରାଯାଉଛି । ଏହି ପଥରଟି କଲିକତା ନେବା ପାଇଁ ସରକାର ବହୁ ଉଦ୍ୟମ କରି ସୁଦ୍ଧା ନେଇ ପାରିଲେ ନାହିଁ । ତା ଠାରୁ ଅଧିକ ବଡ଼ ବଡ଼ ପଥର କୋଣାର୍କରେ ଅଛି । ବୁଦ୍ଧିମାନ ଓଡ଼ିଆ କାରିଗର କିପରି ଭାବରେ ଅତି ଦୂର ସ୍ଥାନରୁ ଏତେ ବଡ଼ ବଡ଼ ପଥର ଆଣି ଏତେ ଉଚ୍ଚକୁ ଉଠାଇ ରଖିଥିଲେ, ତାହା କଳ୍ପନା କରିହୁଏ ନାହିଁ ।

କୋଣାର୍କ ଦେଉଳ ତୋଳାଇବା ଭାର ମନ୍ତ୍ରୀ ଶିବେଇ ସାମନ୍ତ-ରାୟଙ୍କ ଉପରେ ଥିଲା । ସେ ପ୍ରାଚୀ ନଦୀର ଶାଖା ଚନ୍ଦ୍ରଭାଗା ମୁହାଣର ପଦ୍ମତୋଳା ଗଣ୍ଡକୁ ଲକ୍ଷ ଲକ୍ଷ ପଥରରେ ପୋତି ତା ଉପରେ ମନ୍ଦିର ନିର୍ମାଣ କରିଥିଲେ ।

ଏହି ବିରାଟ ଦେଉଳର ମୁଣ୍ଡି ମାରିବା ବିଷୟରେ ଗୋଟିଏ ଗପ ଶୁଣାଯାଏ । ଅନେକ ଦିନ ଲାଗି କାରିଗରମାନେ ମୁଣ୍ଡି ମାରି ପାରିଲେ ନାହିଁ । ରାଜା ବଡ଼ ବିରକ୍ତ ହୋଇ "କାଲି ମୁଣ୍ଡି ନ ମଲେ ବାରଶ କାରିଗରଙ୍କ ମୁଣ୍ଡକାଟ ହେବ" ଏହି ଆଦେଶ ଦେଲେ ।

ଜଣେ ବୁଢ଼ା କାରିଗରର ବାରବର୍ଷର ପୁଅ ଧରମା ବାପକୁ ଦେଖିବାକୁ ସେଠାକୁ ଆସିଥିଲା । ସେ ବାପଠାରୁ ସବୁ କଥା ଶୁଣି ନିଜେ ଯାଇ ରାତିକ ଭିତରେ ମୁଣ୍ଡି ମାରି ଦେଲା । ସାମାନ୍ୟ ପିଲାଟାଏ ଯାହା କରି ପାରିଲା, ତାକୁ ଏତେ କାରିଗର କରି

Digitized by PPRACHIN, SOA

ପାରିଲେ ନାହିଁ—ଏକଥା ଶୁଣି ରାଜା ତାଳେ ଅସ୍ଥିର ହଗିବେ, ଏଥି- ପାଇଁ ସମସ୍ତେ ଚିନ୍ତିତ ହୋଇ ପଡ଼ିଲେ । ମାଜ ବୀର ଧରମା ବାରଶହ ବଢ଼ାଇଙ୍କ ଜୀବନ ରଖିବା ପାଇଁ ହସି ହସି ସମୁଦ୍ରକୁ ଡେଇଁ ପଡ଼ିଲା ।

କୋଣାର୍କର ସୂର୍ଯ୍ୟ ମୂର୍ତ୍ତି ପୁରୀ ବଡ଼ ଦେଉଳର ବେଢ଼ା ଭିତରେ ଓ ଅରୁଣସ୍ତମ୍ଭ ସିଂହଦ୍ୱାର ନିକଟରେ ରଖା ଯାଇଛି ।

ପ୍ରଶ୍ନ

୧ । ସଂକ୍ଷିପ୍ତ ପରିଚୟ ଦିଅ:—

ମାଦଳାପାଞ୍ଜି, ଲକ୍ଷ୍ମଣ ସେନ, ଚନ୍ଦ୍ରାଦେବୀ, ଶିବେଇ, ଧରମା ।

୨ । ଶୂନ୍ୟସ୍ଥାନ ପୂରଣ କର—

(କ) ଚୋଡ଼ଗଙ୍ଗ — ଙ୍କୁ — କରି ଓଡ଼ିଶାର ରାଜା ହୋଇଥିଲେ ।

(ଖ) ଅନଙ୍ଗଭୀମ— ମନ୍ଦିରର —କାର୍ଯ୍ୟ ଶେଷ କଲେ ।

(ଗ) — ନଦୀର ଶାଖା — ର — ଗଣ୍ଡକୁ ପଥରରେ ପୋତି ତା ଉପରେ — ମନ୍ଦିର ନିର୍ମାଣ କରାଯାଇଥିଲା ।

୩ । ସଂକ୍ଷେପରେ ଉତ୍ତର ଦିଅ ।

(କ) କୋଣାର୍କ ମନ୍ଦିର କାହିଁକି ଭାଙ୍ଗି ପଡ଼ିଲା ?

(ଖ) ଅନଙ୍ଗଭୀମ କଟକକୁ କାହିଁକି ରାଜଧାନୀ ଉଠାଇ ଆଣିଲେ ?

(ଗ) ଧରମା କାହିଁକି ସମୁଦ୍ରକୁ ଡେଇଁ ଆତ୍ମହତ୍ୟା କଲା ?

Digitized by PPRACHIN, SOA

ତ୍ରୟୋଦଶ ପରିଚ୍ଛେଦ

ଧର୍ମ ପ୍ରଚାରକଗଣ

ବୌଦ୍ଧଧର୍ମ ଭାରତର ଚାରିଆଡ଼େ ପ୍ରଚାରିତ ହୋଇଥିଲେହେଁ ହିନ୍ଦୁଧର୍ମ ଲୋପ ପାଇ ନଥିଲା । ଏହି ବୌଦ୍ଧଧର୍ମ ପ୍ରଚାର କରିବା ପାଇଁ ଅଶୋକ, କନିଷ୍କ, ହର୍ଷବର୍ଦ୍ଧନ ପ୍ରଭୃତି ବଡ଼ ବଡ଼ ରାଜାମାନେ ପ୍ରବଳ ଉଦ୍ୟମ କରିଥିଲେ । ସେମାନଙ୍କ ପରବର୍ତ୍ତୀ ରାଜାମାନେ ଭାରତର ଚାରିଆଡ଼େ ହିନ୍ଦୁଧର୍ମ ପ୍ରଚାର କରିବା ପାଇଁ ଚେଷ୍ଟା କଲେ । ସେହି ସମୟରେ କୁମାରିଲ, ଶଙ୍କର, ରାମାନୁଜ ପ୍ରଭୃତି ମହାପୁରୁଷ-ମାନେ ଜନ୍ମ ହୋଇ ହିନ୍ଦୁଧର୍ମ ପ୍ରଚାର କରିବାରେ ଲାଗି ପଡ଼ିଲେ । ହିନ୍ଦୁଧର୍ମର ତତ୍ତ୍ୱ ସାଧାରଣ ଲୋକେ ବୁଝିବା ବଡ଼ କଷ୍ଟକର କଥା; କିନ୍ତୁ ବୌଦ୍ଧଧର୍ମର ନୀତି ବୁଝିବା ସହଜ । ସେଥିପାଇଁ ବୌଦ୍ଧଧର୍ମ ପ୍ରତି ଲୋକେ ଆକୃଷ୍ଟ ହୋଇ ପଡ଼ୁଥିଲେ । ସେ ସମୟରେ କୌଣସି ମହାପୁରୁଷ ସେ ଧର୍ମକୁ ଦବାଇବାକୁ ଜନ୍ମ ହୋଇ ନଥିଲେ ।

କୁମାରିଲ ଭଟ୍ଟ—ମଗଧର ଜଣେ ଗରିବ ବ୍ରାହ୍ମଣ ଘରେ କୁମାରିଲ ଭଟ୍ଟଙ୍କର ଜନ୍ମ ହୋଇଥିଲା । ସେ ବହୁତ ପାଠ ପଢ଼ି ପଣ୍ଡିତମାନଙ୍କ ସଙ୍ଗେ ହିନ୍ଦୁଧର୍ମ ବିଷୟରେ ନାନାଯୁକ୍ତି କଲେ । ବୌଦ୍ଧ ଓ ଜୈନ ଧର୍ମର ପଣ୍ଡିତମାନେ ଏହାଙ୍କର ଯୁକ୍ତିରେ ପରାସ୍ତ ହେଲେ । ସେ ନାନାସ୍ଥାନ ବୁଲି ହିନ୍ଦୁଧର୍ମ ପ୍ରଚାର କଲେ । ତାଙ୍କର ସୁନ୍ଦର ଯୁକ୍ତି ଶୁଣି ବହୁ ବୌଦ୍ଧଧର୍ମାବଲମ୍ବୀ ହିନ୍ଦୁ ହୋଇଗଲେ ।

ଶଙ୍କରାଚାର୍ଯ୍ୟ—ସେ ଦାକ୍ଷିଣାତ୍ୟର ମାଳବାରରେ ଏକ ବ୍ରାହ୍ମଣ ଘରେ ଜନ୍ମ ହୋଇଥିଲେ । ସେ ଅଳ୍ପ ଦିନରେ

Digitized by PPRACHIN, SOA

ଜଣେ ବଡ଼ ପଣ୍ଡିତ ହୋଇ ପାରିଥିଲେ । ସେ ଘରଦ୍ୱାର ଛାଡ଼ି ସନ୍ନ୍ୟାସୀ ହୋଇ ବୌଦ୍ଧ ପଣ୍ଡିତମାନଙ୍କ ସଙ୍ଗେ ଧର୍ମ ବିଷୟରେ ନାନା ଯୁକ୍ତିତର୍କ କରି ସେମାନଙ୍କୁ ପରାସ୍ତ କଲେ । ଅନେକ ବୌଦ୍ଧ ପଣ୍ଡିତ ଶଙ୍କରଙ୍କ ଯୁକ୍ତିରେ ହାରିଯାଇ ଲଜ୍ଜାରେ ଜୀବନ ହରାଇଲେ । ଆଉ କେତେକ ହିନ୍ଦୁଧର୍ମ ଗ୍ରହଣ କରିଗଲେ । ସେ ମୋଟେ ୩୨ ବର୍ଷ ବଞ୍ଚିଥିଲେ । ଏହି ଅଳ୍ପ ସମୟ ମଧ୍ୟରେ ସେ ହିନ୍ଦୁଧର୍ମ ସମ୍ବନ୍ଧେ ଅନେକ ବଡ଼ ବଡ଼ ଗ୍ରନ୍ଥ ଲେଖି ଯାଇଅଛନ୍ତି । ଭାରତର ପ୍ରଧାନ ତୀର୍ଥ ବଦ୍ରୀନାଥ, ଶୃଙ୍ଗେରୀ, ପୁରୀ ଓ ଦ୍ୱାରକାରେ ସେ ଗୋଟିଏ ଲେଖାଏଁ ମଠ ସ୍ଥାପନ କରିଥିଲେ । ପୁରୀରେ ଥିବା ମଠର ନାମ ଗୋବର୍ଦ୍ଧନ ମଠ । ଏବେ ଅଧିକାଂଶ ବ୍ରାହ୍ମଣ ଶଙ୍କରଙ୍କ ପ୍ରଚରିତ ମତ ପାଳନ କରୁଛନ୍ତି ।

ଶଙ୍କର ହିମାଳୟର କେଦାରନାଥଠାରେ ୮୨୦ ଖ୍ରୀଷ୍ଟାବ୍ଦରେ ଦେହ ଛାଡ଼ିଲେ । ତାଙ୍କ ସମୟରେ ଭାରତରୁ ବୌଦ୍ଧଧର୍ମ ପ୍ରାୟ ଲୋପ ପାଇଲା ।

ରାମାନୁଜ—ସେ ମାନ୍ଦ୍ରାଜ ନିକଟବର୍ତ୍ତୀ ଗୋଟିଏ ଗ୍ରାମରେ ବ୍ରାହ୍ମଣ କୁଳରେ ଜନ୍ମ ଗ୍ରହଣ କରିଥିଲେ । ସେ ବିଷ୍ଣୁଙ୍କୁ ପୂଜା-କରୁଥିଲେ । ସେ ସନ୍ନ୍ୟାସୀ ହୋଇ ବୈଷ୍ଣବ ଧର୍ମ ପ୍ରଚାର କଲେ । ଦାକ୍ଷିଣାତ୍ୟରେ ବହୁତ ବଡ଼ ଲୋକ ତାଙ୍କ ମତ ଗ୍ରହଣ କଲେ । ପୁରୀର ଏମାର ମଠ ତାଙ୍କର ପ୍ରଧାନ ପୀଠସ୍ଥାନ ଅଟେ । ସେ କହୁଥିଲେ "ମନୁଷ୍ୟ ସତ୍‌କାର୍ଯ୍ୟ କଲେ ଓ ସବୁ କଥାରେ ଈଶ୍ୱରଙ୍କ ଉପରେ ନିର୍ଭର କଲେ ବୈକୁଣ୍ଠକୁ ଯାଏ ।" ସେ ୧୧୩୭ ଖ୍ରୀଷ୍ଟାବ୍ଦରେ ଶ୍ରୀରଙ୍ଗମ୍‌ରେ ଦେହତ୍ୟାଗ କଲେ ।

Digitized by PPRACHIN, SOA

ପ୍ରଶ୍ନ

୧ । ବୌଦ୍ଧଧର୍ମକୁ ଲୋକେ ସହଜରେ ଗ୍ରହଣ କରୁଥିବାର କାରଣ କଣ ?

୨ । ଗୋବର୍ଦ୍ଧନ ମଠ ଓ ଏମାର ମଠ କେଉଁଠାରେ ? କିଏ କିଏ ଏ ମଠ ବସାଇଥିଲେ ?

୩ । ଶୂନ୍ୟ ସ୍ଥାନ ପୂରଣ କର—

(କ) — ଙ୍କ ଯୁକ୍ତିରେ — ହୋଇ ବହୁତ — ପଣ୍ଡିତ ଆତ୍ମହତ୍ୟା କଲେ ।

(ଖ) ଶଙ୍କର—ବର୍ଷ ବୟସରେ — ଖ୍ରୀଃ ଅଃ ରେ—ଠାରେ ଦେହତ୍ୟାଗ କଲେ ।

(ଗ) ରାମାନୁଜ — ଙ୍କୁ ପୂଜା କରୁଥିଲେ ଓ ସେ — ଖ୍ରୀଷ୍ଟାବ୍ଦରେ — ରେ ଦେହତ୍ୟାଗ କଲେ ।

ଚତୁର୍ଦ୍ଦଶ ପରିଚ୍ଛେଦ

ମହାପୁରୁଷ ମହମ୍ମଦ ଓ ଇସ୍‌ଲାମ ଧର୍ମ

ଆରବ ଦେଶ ଆମ ଦେଶର ଠିକ୍ ପଶ୍ଚିମ ଦିଗରେ ଅବସ୍ଥିତ । ମହମ୍ମଦ ଆରବ ଦେଶର ମକ୍କା ନାମକ ଗୋଟିଏ ଛୋଟ ସହରରେ ୫୭୦ ଖ୍ରୀଃ ଅଃ ରେ ଜନ୍ମ ହୋଇଥିଲେ । ସେ ପିଲା-ଦିନୁ ପିତାମାତାଙ୍କୁ ହରାଇ ପଶୁ ଚରାଇ ପେଟ ପୋଷୁଥିଲେ । ପରେ ସେ ଏକ ଧନୀ ପରିବାରର ଖାଦେଜା ନାମ୍ନୀ ଜଣେ ବିଧବାର ଓଟ ଚରାଇଲେ । ସେ ସମୟେ ସମୟେ ଉତ୍ତର ଅଞ୍ଚଳକୁ ବାଣିଜ୍ୟ

Digitized by PPRACHIN, SOA

କରିବାକୁ ଯାଉଥିଲେ । ସେଠାରେ ଇହୁଦୀ ଓ ଖ୍ରୀଷ୍ଟୀୟାନମାନଙ୍କ ସଙ୍ଗେ ଧର୍ମ ବିଷୟରେ ତାଙ୍କର ନାନା ଆଲୋଚନା ହେଉଥିଲା । ପିଲାଦିନୁ ତାଙ୍କର ଧର୍ମପ୍ରତି ଶ୍ରଦ୍ଧା ଥିଲା । ସେ ନାନାକଥା ଆଲୋଚନା କରି ସ୍ଥିର କଲେ ଯେ ଏକ ଈଶ୍ୱରଙ୍କୁ ପୂଜା କରିବା ସବୁଠାରୁ ଭଲ । ଆରବର ଲୋକମାନେ ଅନେକ ଦେବଦେବୀ ପୂଜା କରୁଥିଲେ । ସେମାନଙ୍କୁ କୁପଥ ସେଥିରୁ ରହିତ କରି ଏକ ଈଶ୍ୱରଙ୍କ ପୂଜା କରାଇବେ ଏହା ତାଙ୍କର ପ୍ରଧାନ ଚିନ୍ତା ହେଲା ।

ଏଣେ ଖାଦେଜା ମହମ୍ମଦଙ୍କ କାର୍ଯ୍ୟରେ ଓ ଗୁଣରେ ଅତିଶୟ ଖୁସି ହୋଇ ତାଙ୍କୁ ବିବାହ କଲେ । ବର୍ତ୍ତମାନ ମହମ୍ମଦ ଖୁବ୍ ସୁଖରେ ରହିଲେ ଓ ଧର୍ମକଥା ଭାବିବାକୁ ବହୁତ ସମୟ ପାଇଲେ । ତାଙ୍କୁ ସଂସାର ସୁଖ ଭଲ ନ ଲାଗିବାରୁ ସେ ଘର ଦ୍ୱାର ଛାଡ଼ି ଗୋଟିଏ ପର୍ବତ ଗୁମ୍ଫାରେ ରହି ତପସ୍ୟା କଲେ । କିଛିଦିନ ପରେ ତାଙ୍କର ଜ୍ଞାନଲାଭ ହେଲା । ସେ ଲୋକଙ୍କୁ ବୁଝାଇଲେ, "ଈଶ୍ୱର ଏକ, ତାଙ୍କୁହିଁ ସମସ୍ତେ ପୂଜା କର । ପିତୁଳା ପୂଜା କର ନାହିଁ । ପାପ ବା ଅନ୍ୟାୟ କର ନାହିଁ ।"

ସେତେବେଳେ ମକ୍କାରେ କାବା ବୋଲି ଗୋଟିଏ ମନ୍ଦିରରେ ୩୬୨ ଟି ଦେବଦେବୀଙ୍କର ମୂର୍ତ୍ତି ଥିଲା । ମକ୍କା ବାସୀ ସେମାନଙ୍କୁ ପୂଜା କରୁଥିଲେ । ସେମାନେ ମହମ୍ମଦଙ୍କ କଥା ଶୁଣି ତାଙ୍କୁ ମାରିବା ପାଇଁ ଠିକ୍ କଲେ । ମହମ୍ମଦ ଏ କଥା ଜାଣିପାରି ୬୨୨ ଖ୍ରୀଷ୍ଟାବ୍ଦରେ ମକ୍କାରୁ ମଦିନାକୁ ପଳାଇ ଆସିଥିଲେ । ସେହି ବର୍ଷଠାରୁ ମୁସଲମାନମାନଙ୍କର ଗୋଟିଏ ସାଲ ବା ଅବ୍ଦ ଗଣାଯାଏ । ତାକୁ ହିଜିର ଅବ୍ଦ କହନ୍ତି ।

ମହମ୍ମଦ ମଦିନାରେ ଧର୍ମ ପ୍ରଚାର ସଙ୍ଗେ ସଙ୍ଗେ ଏକ ସୈନ୍ୟ ଦଳ ଗଢ଼ିଲେ । ସେହି ସୈନ୍ୟମାନଙ୍କ ସାହାଯ୍ୟରେ ସେ ମକ୍କା ଲୋକମାନଙ୍କୁ ପରାସ୍ତ କରି ନିଜ ଧର୍ମ ପ୍ରଚାର କଲେ ।

Digitized by PPRACHIN, SOA

ସେ ୬୩୨ ଖ୍ରୀଷ୍ଟାବ୍ଦରେ ଦେହ ଛାଡ଼ିଲେ । ତାଙ୍କ ଧର୍ମ ଉପଦେଶ ଯେଉଁ ବହିରେ ଲେଖାଅଛି ତାକୁ 'କୋରାଣ' କହନ୍ତି । ତାହା ମୁସଲମାନମାନଙ୍କର ପ୍ରଧାନ ଧର୍ମଗ୍ରନ୍ଥ । ତାଙ୍କ ପରେ ତାଙ୍କର ଶିଷ୍ୟମାନେ ତୁର୍କି, ଆରବ, ପାରସ୍ୟ, ଅଫଗାନିସ୍ଥାନ ପ୍ରଭୃତି ରାଜ୍ୟରେ ଏହି ଧର୍ମ ପ୍ରଚାର କଲେ । ମୁସଲମାନମାନଙ୍କର ଧର୍ମ-ଗୁରୁଙ୍କୁ ଖଲିଫା କୁହାଯାଉଥିଲା । ସେମାନେ ବାଗ୍‌ଦାଦ୍‌ରେ ରହୁଥିଲେ । ସେମାନେ ମୁସଲମାନମାନଙ୍କର ଚାଳକ ହୋଇ ମୁସଲମାନ ରାଜ୍ୟର ହାଲ୍‌ଚାଲ୍ ବୁଝୁଥିଲେ ।

ପ୍ରଶ୍ନ

୧ । ଶୂନ୍ୟ ସ୍ଥାନ ପୂରଣ କର :—

(କ) ଆରବ — ର ଠିକ୍ ପଶ୍ଚିମ ଦିଗରେ — ।

(ଖ) ମହମ୍ମଦ — ନାମ୍ନୀ ଜଣେ — ର — ଚରାଇଲେ ।

(ଗ) ମହମ୍ମଦ — ଙ୍କ ସାହାଯ୍ୟରେ — ବାସୀଙ୍କୁ —କଲେ ।

୨ । ୧୯୫୩ ମସିହାକୁ ହିଜର ଅବ୍ଦ କେତେ ହେଲା ହିସାବ କରି କହ ।

୩ । ମହମ୍ମଦ ମଦିନାକୁ ପଳାଇ ଯିବାର କାରଣ କ'ଣ ?

୪ । ଖଲିଫାଙ୍କ ବିଷୟରେ ଯାହା ଜାଣ କହ ?

୫ । ଇସଲାମ ଧର୍ମଗ୍ରନ୍ଥର ନାମ କଅଣ ?

Digitized by PPRACHIN, SOA

ପଞ୍ଚଦଶ ପରିଚ୍ଛେଦ

ମୁସଲମାନମାନଙ୍କ ଦ୍ୱାରା ସିନ୍ଧୁ ପ୍ରଦେଶ ଅଧିକାର

୭୧୨ ଖ୍ରୀଷ୍ଟାବ୍ଦରେ ଆରବ ଦେଶର ଗୋଟିଏ ବେପାରି-ଜାହାଜ ସିନ୍ଧୁଉପକୂଳରେ ଲୁଟ୍ ହୋଇଗଲା । ବାଗ୍‌ଦାଦ୍‌ର ରଜା ବା ଖଲିଫା ସିନ୍ଧୁଦେଶର ରଜାଙ୍କୁ ଏହି ଲୁଟ୍ ହୋଇଥିବା ଜାହାଜର କ୍ଷତିପୂରଣ ଦେବାପାଇଁ ଦାବୀ କଲେ । ସିନ୍ଧୁଦେଶରେ ସେତେ-ବେଳେ ଦାହିର ନାମରେ ଜଣେ ବ୍ରାହ୍ମଣ ରଜା ଥିଲେ । ଦାହିର୍ ଖଲିଫାଙ୍କର କୌଣସି କଥା ନ ଶୁଣିବାରୁ ଖଲିଫା ସିନ୍ଧୁପ୍ରଦେଶ ଆକ୍ରମଣ କରିବା ପାଇଁ ମହମ୍ମଦ ବିନ୍ କାଶୀମ୍ ନାମକ ଜଣେ ସେନାପତିଙ୍କୁ ପଠାଇଲେ । ଦାହିର୍ ଏହି ସେନାପତି ଓ ମୁସଲମାନ ସୈନ୍ୟମାନଙ୍କୁ ଦୁଇ ଥର ହଟାଇ ଦେଲେ । କିନ୍ତୁ ଶେଷଥର ଦାହିର୍ ପରାସ୍ତ ହୋଇ ନିହତ ହେଲେ । ତାଙ୍କ ସ୍ତ୍ରୀ ମଧ୍ୟ ମୁସଲମାନମାନଙ୍କ ସହିତ ଖୁବ୍ ଯୁଦ୍ଧ କରିଥିଲେ । କିନ୍ତୁ ମୁସଲମାନମାନେ ରଜଧାନୀ ଅଧିକାର କରିପିବାରୁ ରାଣୀ ହିନ୍ଦୁଧର୍ମର ମହତ୍ତ୍ୱ ରକ୍ଷା କରିବା ପାଇଁ ନିଆଁକୁ ଡେଇଁ ପଡ଼ି ମଲେ । ଏପରି ନିଆଁକୁ ଡେଇଁ ମରିବାକୁ 'ଜୋହର' କହନ୍ତି । ଏହିରୂପେ ସିନ୍ଧୁପ୍ରଦେଶ ମୁସଲମାନମାନଙ୍କ ହାତକୁ ଚଲି ।

ସୁଲତାନ ମାମୁଦ—ଗଜନୀ ଅଫଗାନିସ୍ଥାନର ଗୋଟିଏ ଛୋଟିଆ ରଜ୍ୟ । ଅଫଗାନିସ୍ଥାନ ଆମ ଦେଶର ଉତ୍ତର ପଶ୍ଚିମ ଦିଗରେ ଅବସ୍ଥିତ । ସେଠାରେ ସାବକ୍ତଗୀନ୍ ନାମରେ ଜଣେ

Digitized by PPRACHIN, SOA

ରାଜା ରାଜତ୍ୱ କରୁଥିଲେ । ଭାରତରେ ସେତେବେଳେ ଜୟପାଳ ନାମରେ ଜଣେ ହିନ୍ଦୁରାଜା ଥିଲେ । ସାବକ୍ତଗୀନ ଜୟପାଳଙ୍କ ସହିତ ଯୁଦ୍ଧ କରି ତାଙ୍କୁ ପରାସ୍ତ କଲେ ।

ସାବକ୍ତଗୀନ୍‌ଙ୍କ ପରେ ତାଙ୍କ ପୁଅ ମାମୁଦ ୯୯୭ ଖ୍ରୀଷ୍ଟାବ୍ଦରେ ଗଜନୀର ରାଜା ହେଲେ ।

ସେତେବେଳେ ଭାରତ ଧନରତ୍ନରେ ପୂର୍ଣ୍ଣ ରହିଥିଲା । ମାମୁଦ ବେପାରୀମାନଙ୍କଠାରୁ ଭାରତର ଅମାପ ଧନସମ୍ପଦ କଥା ଶୁଣି ଥିଲେ । ତେଣୁ ସେ ରାଜା ହେବାମାତ୍ରେ ଭାରତର ଧନଯାକ ଗଜନୀକୁ ବୋହିନେବା ପାଇଁ ଭାରତ ଆକ୍ରମଣ ଆରମ୍ଭ କଲେ ।

ମାମୁଦ ପ୍ରଥମେ ତାଙ୍କ ପିତାଙ୍କ ଶତ୍ରୁ ଜୟପାଳଙ୍କ ସହିତ ଯୁଦ୍ଧ କରି ତାଙ୍କୁ ପରାସ୍ତ କଲେ । ଜୟପାଳ ଏ ଅପମାନରେ ଅଗ୍ନିରେ ଝାସ ଦେଲେ । ଜୟପାଳଙ୍କ ପୁଅ ଆନନ୍ଦପାଳ ମଧ୍ୟ ମାମୁଦଙ୍କ ସହିତ ଖୁବ୍ ଲଢ଼ି ଶେଷରେ ପରାସ୍ତ ହେଲେ । ମାମୁଦ ବହୁତ ହିନ୍ଦୁଙ୍କୁ ମାରି ଧନରତ୍ନ ବୋହି ନେଲେ; ଅନେକ ହିନ୍ଦୁଙ୍କୁ ବାଧକରି ମୁସଲମାନ କରିଦେଲେ ଓ ଦେବ ମନ୍ଦିରମାନ ଭାଙ୍ଗି ଦେଲେ । ସେ ସତର ଥର ଭାରତ ଆକ୍ରମଣ କରି ଏହିପରି ଅତ୍ୟାଚାର ଓ ଲୁଣ୍ଠନ କରିଥିଲେ । ଶେଷଥର ସେ ବହୁ ସୈନ୍ୟ ସଙ୍ଗରେ ଧରି ଭାରତ-ପ୍ରସିଦ୍ଧ ଗୁଜୁରାଟର ସୋମନାଥ ମନ୍ଦିର ଲୁଣ୍ଠନ କରିଥିଲେ ।

ସୋମନାଥ ମନ୍ଦିର ଲୁଣ୍ଠନ (୧୦୨୫ ଖ୍ରୀ. ଅ.) — ଗୁଜରାଟର ସମୁଦ୍ର କୂଳରେ ଭାରତପ୍ରସିଦ୍ଧ ସୋମନାଥ ମନ୍ଦିର ଥିଲା । ସେତେବେଳେ ଏହି ମନ୍ଦିରରେ ଅମାପ ଧନ ସମ୍ପଦ

Digitized by PPRACHIN, SOA

ରହୁଥିଲେ । ମନ୍ଦିର ମଧ୍ୟରେ ୨୦୦ ମହଣ ଓଜନର ସୁନା ଶିକୁଳୀର ଗୋଟିଏ ସୁନାର ଘଣ୍ଟି ଝୁଲୁଥିଲା । ଏହା ବ୍ୟତୀତ କେତେ ଯେ ବହୁମୂଲ୍ୟ ମଣିକ୍ୟ ମନ୍ଦିରରେ ରଖାଯାଇଥିଲା, ତାହାର କଳନା ନ ଥିଲା । ଶେଷଥର ମାମୁଦ ଏହି ପ୍ରସିଦ୍ଧ ମନ୍ଦିର ଉପରେ ଆଖି ପକାଇଲେ । ମନ୍ଦିର ଆକ୍ରମଣ କରିବାକୁ ଗଲାବେଳେ ପୂଜକମାନେ ଚେଷ୍ଟା ମାମୁଦଙ୍କୁ ବହୁ ଧନରତ୍ନ ଦେବାକୁ କହି ମନ୍ଦିର ଧ୍ୱଂସ



[ସୋମନାଥ ମନ୍ଦିର]

ନ କରିବାକୁ ଅନୁରୋଧ କଲେ । ମାତ୍ର ନିଷ୍ଠୁର ମାମୁଦ ତାହାଙ୍କ କଥା ନ ଶୁଣି କହିଲେ, "ମୁଁ ପ୍ରତିମା ବିକ୍ରୟ କରିବା ପାଇଁ ଏଠାକୁ ଆସି ନାହିଁ; ମୂର୍ତ୍ତିଧ୍ୱଂସ କରିବା ମୋର ଇଚ୍ଛା ।" ଏଥିରେ ହିନ୍ଦୁମାନେ ଉତ୍ତ୍ୟକ୍ତ ହୋଇ ମାମୁଦଙ୍କ ସହିତ ଯୁଦ୍ଧକଲେ । ମାତ୍ର ପାରିଲେ ନାହିଁ । କେହି କେହି କହନ୍ତି, ମାମୁଦ ମୁସଲମାନ ସୈନ୍ୟ ଓ ହିନ୍ଦୁମାନଙ୍କ ମଧ୍ୟରେ ଅସଂଖ୍ୟ ଗାଈଗୋରୁ ରଖାଇଥିଲେ । ତେଣୁ

Digitized by PPRACHIN, SOA

ହିନ୍ଦୁମାନେ ଅସ୍ତ୍ର ବ୍ୟବହାର କରିବାକୁ କୁଣ୍ଠିତ ହୋଇଥିଲେ । ଏହାପରି କୌଶଳ କରି ସେ ମନ୍ଦିର ମଧ୍ୟରେ ପ୍ରବେଶ କଲେ । ପ୍ରଥମେ ସୋମନାଥ ବିଗ୍ରହକୁ ସେ ଖଣ୍ଡଖଣ୍ଡ କରି ଭାଙ୍ଗି ଦେଲେ । ଭାଙ୍ଗିଦେବା ପରେ ମୂର୍ତ୍ତି ମଧ୍ୟରୁ ଅସୁମାରି ମଣି ମାଣିକ୍ୟ ପାଇଥିଲେ; ତାପରେ ମନ୍ଦିରର ଭଣ୍ଡାର ଘର ଭାଙ୍ଗି ସେ ଏତେ ଧନରତ୍ନ ପାଇଲେ ଯେ ତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେ ସମସ୍ତ ଧନରତ୍ନ ସହିତ ଭାଙ୍ଗିଥିବା ସୋମନାଥ ବିଗ୍ରହକୁ ସଙ୍ଗରେ ନେଇ ରାଜପୁତାନା ମରୁଭୂମି ବାଟେ ଗଜନୀ ବାହୁଡ଼ିଲେ । ସେ ଲୁଣ୍ଠିତ ଧନ ସମ୍ପଦକୁ ଦେଖି ଦେଖି ସେ ମରୁଭୂମିରେ ଯିବା ବାଟକୁ ଭୁଲି ଯାଇଥିଲେ । ମରୁଭୂମି ମଧ୍ୟରେ ତାଙ୍କର ଅନେକ ସୈନ୍ୟ ମରିଗଲେ । ଗଜନୀରେ ପହଞ୍ଚି ମାମୁଦ ରାଜଭଣ୍ଡାର ପୂର୍ଣ୍ଣ କରିଦେଲେ । ସୋମନାଥ ବିଗ୍ରହକୁ ନିଜ ରାଜଧାନୀରେ ମସ୍‌ଜିଦ୍‌ର ପାହାଚ ରୂପେ ବ୍ୟବହାର କରାଇଲେ । ମାମୁଦ ୧୦୩୦ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କଲେ ।

ପ୍ରଶ୍ନ

୧ । ନିମ୍ନଲିଖିତ ଘଟଣା ଗୁଡ଼ିକ କିଏ କାହାପରେ ଓ କେବେ ଘଟିଥିଲା କ୍ରମରେ ଲେଖ ।

ସୋମନାଥ ମନ୍ଦିର ଲୁଣ୍ଠନ, ସିନ୍ଧୁଉପକୂଳରେ ଆରବ ଜାହାଜ ଲୁଟ୍, ମାମୁଦଙ୍କ ମୃତ୍ୟୁ, ମାମୁଦଙ୍କ ସିଂହାସନାରୋହଣ ।

୨ । ଶୂନ୍ୟ ସ୍ଥାନ ପୂର୍ଣ୍ଣ କର—

(କ) ସିନ୍ଧୁର ରାଜା — ର ଖଲିଫାଙ୍କ କଥା ନ ଶୁଣିବାରୁ ସେ—ନାମକ ଜଣେ — ଙ୍କୁ — ଆକ୍ରମଣ ପାଇଁ ପଠାଇଥିଲେ ।

(ଖ) ପ୍ରଥମେ ମାମୁଦ ରାଜା ହୋଇ—ଙ୍କ ସହିତ—କରି ତାଙ୍କୁ— କଲେ ।

Digitized by PPRACHIN, SOA

(ଗ) ମାମୁଦ—ଥର—ଅକ୍ରମଣକର ଶେଷରେ—ଅକ୍ରମଣ କରି ଥିଲେ ।

୩ । ସୋମନାଥ ମନ୍ଦିର ଅକ୍ରମଣ ପୂର୍ବରୁ ପଣ୍ଡାମାନଙ୍କ ସହିତ ମାମୁଦଙ୍କର ଯାହା କଥାଭାଷା ହୋଇଥିଲା, ତାହା କହ ?

୪ । ଜୟପାଳ ଅଗ୍ନିରେ ଝାସ ଦେବାର କାରଣ କ'ଣ ?

୫ । ମାମୁଦ କାହିଁକି ଭାରତ ଅକ୍ରମଣ କରଥିଲେ ?

ଷୋଡ଼ଶ ପରିଚ୍ଛେଦ

ଭାରତର ଶେଷ ସ୍ୱାଧୀନ ରାଜା

ଦିଲ୍ଲୀରେ ଅନଙ୍ଗ ପାଳ ନାମରେ ଜଣେ ବନ୍ଧୁଆ ରାଜା ରାଜତ୍ୱ କରୁଥିଲେ । ତାଙ୍କର ପୁଅ ନ ଥିଲେ । ଦୁଇଟି ଝିଅ ମଧ୍ୟରୁ ବଡ଼ ଝିଅଟି କନୌଜର ରାଜାଙ୍କୁ ଓ ସାନ ଝିଅଟି ଅଜମୀରର ରାଜାଙ୍କୁ ବିବାହ କରିଥିଲେ । ଅଜମୀରର ରାଜାଙ୍କ ପୁଅ ପୃଥ୍ୱୀରାଜ ଓ କନୌଜର ରାଜାଙ୍କ ପୁଅ ଜୟଚନ୍ଦ୍ର । ଏ ଦୁହେଁ ଅନଙ୍ଗ ପାଳଙ୍କ ନାତି ଓ ପରସ୍ପର ଭାଇ । ଦୁଇ ନାତିଙ୍କ ମଧ୍ୟରେ ଜୟଚନ୍ଦ୍ର ବଡ଼ ଓ ଦୁଷ୍ଟ ପ୍ରକୃତିର ଲୋକ ଥିଲେ । ପୃଥ୍ୱୀରାଜ ବୀର, ସାହସୀ ଓ ରାଜ୍ୟଶାସନ କରିବା ବିଷୟରେ ବଡ଼ ଧୁରନ୍ଧର ଥିଲେ । ଏ କଥା ବୁଢ଼ାରାଜା ଅନଙ୍ଗପାଳ ଜାଣି ସାନ ନାତି ପୃଥ୍ୱୀରାଜଙ୍କୁ ଦିଲ୍ଲୀ ସିଂହାସନ ଦାନ କଲେ ।

ଏ ଘଟଣାରେ ଜୟଚନ୍ଦ୍ର ମନେ ମନେ ଖୁବ୍ ରାଗିଯାଇ ପୃଥ୍ୱୀରାଜଙ୍କୁ ଦିଲ୍ଲୀ ସିଂହାସନରୁ ତଡ଼ି ଦେବାପାଇଁ ଚେଷ୍ଟା କରୁଥିଲେ ।

ଅଳ୍ପଦିନ ପରେ ନିଜ ବଡ଼ପଣ ଦେଖାଇବା ପାଇଁ ଜୟଚନ୍ଦ୍ର ଗୋଟିଏ ରାଜସୂୟ ଯଜ୍ଞ ଆରମ୍ଭ କଲେ । ଅଧୀନସ୍ଥ ରାଜାଙ୍କୁ ଏ

Digitized by PPRACHIN, SOA

ଯଜ୍ଞରେ ସବୁକାମ ତୁଲାଇବାକୁ ହୁଏ । ଏ ଯଜ୍ଞରେ ସବୁ ଶ୍ରେଷ୍ଠ ଶ୍ରେଷ୍ଠ ରାଜା ଯୋଗ ଦେଲେ; ମାତ୍ର ପୃଥ୍ୱୀରାଜ ଏ ଯଜ୍ଞକୁ ଆସିଲେ ନାହିଁ । ଜୟଚନ୍ଦ୍ର ପୃଥ୍ୱୀରାଜଙ୍କୁ ଅପମାନ ଦେବା ପାଇଁ ତାଙ୍କର ଗୋଟିଏ ସୁନାର ମୂର୍ତ୍ତି ଗଢ଼ାଇ ସିଂହଦ୍ୱାରରେ ରଖାଇଲେ । ଏହି ଯଜ୍ଞ ଶେଷରେ ରାଜଜେମା ସଂଯୁକ୍ତାଙ୍କର ସ୍ୱୟଂବର ହେବାର ସ୍ଥିର ହୋଇଥାଏ ।

ସଂଯୁକ୍ତାଙ୍କର ସ୍ୱୟଂବର—ଆଜକାଲି ପରି ବାପ ମା କନ୍ୟାଟିଏ ଖୋଜିଆଣି ପୁଅକୁ ବାହା କରି ଦେବା କଥା ସେତେବେଳେ ନ ଥିଲା । କନ୍ୟା ନିଜ ଇଚ୍ଛାରେ ବର ବାଛି ଓ ତାହାର ଭଲଗୁଣ ଦେଖି ବିବାହ କରୁଥିଲେ । ଏହିପରି ବିବାହକୁ ସ୍ୱୟଂବର କହନ୍ତି ।

ସଂଯୁକ୍ତା ହାତରେ ବରଣମାଳ ଧରି ଦାସୀକୁ ପଗୃରି ସବୁ ରାଜାଙ୍କ ଗୁଣ ବୁଝିଲା । ମାତ୍ର କାହାରିକୁ ବରଣମାଳା ଦେଲା ନାହିଁ । ସେ ପୃଥ୍ୱୀରାଜଙ୍କ ପ୍ରଶଂସା ଶୁଣି ଆଗରୁ ତାଙ୍କୁ ବିବାହ କରିବ ବୋଲି ଠିକ୍ କରିଥିଲା । ସଂଯୁକ୍ତା ଆଗରୁ ତା'ର ବିବାହ କଥା ନେଇ ପୃଥ୍ୱୀରାଜଙ୍କୁ ଚିଠି ଦେଇଥିଲା । ମାତ୍ର ସଭାରେ ତାଙ୍କୁ ନ ଦେଖି ତା ମନ ଫିକା ପଡ଼ିଗଲା । ସେ ଖୋଜି ଖୋଜି ସିଂହ-ଦ୍ୱାରରେ ପୃଥ୍ୱୀରାଜଙ୍କ ମୂର୍ତ୍ତି ଦେଖି ତାହାର ଗଳାରେ ବରଣମାଳା ଲମ୍ବାଇ ଦେଲା । ପୃଥ୍ୱୀରାଜ ଲୁଚି ରହି ଏ ସବୁ କଥା ଦେଖୁଥିଲେ । ବରଣମାଳା ମୂର୍ତ୍ତି ବେକରେ ପକାଇ ଦେବା କ୍ଷଣି ସେ ବିଜୁଳି ବେଗରେ ଛୁଟିଆସି ସଂଯୁକ୍ତାଙ୍କୁ ଘୋଡ଼ାରେ ବସାଇ ନିଜ ରାଜ୍ୟଆଡ଼କୁ ଘୋଡ଼ା ଦୌଡ଼ାଇଲେ ।

Digitized by PPRACHIN, SOA

ଜୟଚନ୍ଦ୍ର ଏକଥା ଦେଖି ପୃଥ୍ୱୀରାଜଙ୍କୁ ଧରିବା ପାଇଁ ନିଜ ସୈନ୍ୟମାନଙ୍କୁ ପଠାଇଲେ । ମାତ୍ର ବୁଦ୍ଧିମାନ ପୃଥ୍ୱୀରାଜ ସଙ୍ଗରେ ବହୁ ସୈନ୍ୟ ଆଣି ନିକଟରେ ଲୁଚାଇ ରଖିଥିଲେ । ଜୟଚନ୍ଦ୍ରଙ୍କ ସୈନ୍ୟ-ମାନେ ପୃଥ୍ୱୀରାଜଙ୍କୁ ଧରିବାକୁ ବାହାରିବା ମାତ୍ରେ ପୃଥ୍ୱୀରାଜଙ୍କ ସୈନ୍ୟମାନେ ତାଙ୍କ ସହିତ ଲଢ଼ାଇ ଆରମ୍ଭ କରିଦେଲେ । ଏଣେ ପୃଥ୍ୱୀ-ରାଜ ସଂଯୁକ୍ତାଙ୍କ ସହିତ ନିରାପଦରେ ନିଜ ରାଜଧାନୀରେ ପହଞ୍ଚିଲେ ।

[ପୃଥ୍ୱୀରାଜ]

ଜୟଚନ୍ଦ୍ରଙ୍କୁ ଏକଥା ଭାରି ବାଧିଲା । ଅପମାନରେ ସେ ମୁଣ୍ଡ ଟେକି ପାରିଲେ ନାହିଁ । ଏତିକିବେଳେ ଅଫଗାନିସ୍ଥାନର ଘୋର ରାଜ୍ୟରେ ମହମ୍ମଦ ଘୋରୀ ନାମକ ଜଣେ ରାଜା ରାଜତ୍ୱ କରୁଥିଲେ । ସେ ଭାରତକୁ ଜୟ କରିବାକୁ ଭାରି ଇଚ୍ଛା କରିଥିଲେ । ମାତ୍ର ରାଜପୁତମାନଙ୍କ ଡରରେ ଭାରତ ଆକ୍ରମଣ କରିବାକୁ ତାଙ୍କର ସାହସ ହେଉ ନଥିଲା । କିପରି ଭାରତ ଆକ୍ରମଣ କରିବେ, ଏଥିପାଇଁ ସେ ସର୍ବଦା ସୁବିଧା ଖୋଜୁଥିଲେ ।

ଜୟଚନ୍ଦ୍ର ପୃଥ୍ୱୀରାଜଙ୍କୁ ଜୀବନରେ ମାରିଦେବାପାଇଁ ଇଚ୍ଛା-କରି ମହମ୍ମଦ ଘୋରୀଙ୍କୁ ପୃଥ୍ୱୀରାଜଙ୍କ ସଙ୍ଗେ ଯୁଦ୍ଧ କରିବା ପାଇଁ ଡାକିଲେ ଓ ମହମ୍ମଦଙ୍କୁ ଯୁଦ୍ଧରେ ନିଜେ ସାହାଯ୍ୟ କରିବେ ବୋଲି ସ୍ୱୀକାର କଲେ ।

ମହମ୍ମଦ ତ ଏଇଆ ଖୋଜୁଥିଲେ । ଦିଲ୍ଲୀ ନିକଟସ୍ଥ ତରେରୀ ନାମକ ସ୍ଥାନରେ ୧୧୯୧ ଖ୍ରୀଷ୍ଟାବ୍ଦରେ ପୃଥ୍ୱୀରାଜ ଓ ମହମ୍ମଦ

Digitized by PPRACHIN, SOA

ଘୋରୀଙ୍କ ମଧରେ ଭୟଙ୍କର ଲଢ଼େଇ ହେଲା । ଏଥିରେ ମହମ୍ମଦ ହିନ୍ଦୁ ରାଜପୁତ୍ ସୈନ୍ୟମାନଙ୍କ ପାଖେ ହାରିଯାଇ ଅପଣା ଦେଶକୁ ପଳାଇ ଗଲେ ।

୧୧୯୨ ଖ୍ରୀଷ୍ଟାବ୍ଦରେ ମହମ୍ମଦ ପୁଣି ପୃଥ୍ୱୀରାଜଙ୍କ ସହିତ ଯୁଦ୍ଧ କରି ତାଙ୍କୁ ପରାସ୍ତ ଓ ନିହତ କଲେ ଏବଂ ତାଙ୍କ ରାଜ୍ୟ ଦିଲ୍ଲୀ ଓ ଅଜମୀର ଦଖଲ୍ କରି ନେଲେ । ତା ପରବର୍ଷ ସେ ଜୟଚନ୍ଦ୍ରଙ୍କ ରାଜ୍ୟ କନୌଜ ଜୟ କରି କ୍ରମେ ଭାରତର ଅନ୍ୟ ରାଜ୍ୟ ସବୁ ଗୋଟିକ ପରେ ଗୋଟିଏ ଜୟ କରି ନେଲେ । ଜୟଚନ୍ଦ୍ର ଏ ଅପମାନ ସହି ନ ପାରି ଗଙ୍ଗାରେ ବୁଡ଼ିମଲେ ବୋଲି ଲୋକେ କହନ୍ତି । ଜୟଚନ୍ଦ୍ର ଓ ପୃଥ୍ୱୀରାଜ ଭାରତର ଶେଷ ସ୍ୱାଧୀନ ରାଜା ଥିଲେ ।

ଜୟଚନ୍ଦ୍ରଙ୍କ ଯୋଗୁଁ ସୁନାର ଭାରତ ଚୂନା ହୋଇ ବିଦେଶୀ ଶତ୍ରୁ ହାତରେ ପଡ଼ିଲା । ଏହି ସମୟଠାରୁ ପଠାଣମାନେ ଭାରତରେ ରାଜୁତି କଲେ । ପଠାଣମାନଙ୍କ ଭୟରେ ବଙ୍ଗଳାର ରାଜା ଲକ୍ଷ୍ମଣ ସେନ ଓଡ଼ିଶା ରାଜା ଅନଙ୍ଗଭୀମ ଦେବଙ୍କ ଶରଣ ପଶିଥିବା କଥା ଆଗରୁ ଜାଣିଛ । ମାତ୍ର ସେତେବେଳେ ପଠାଣମାନେ ଓଡ଼ିଶାରେ ପଶିବାକୁ ସାହସ କରି ନଥିଲେ । ମହମ୍ମଦଘୋରୀ ୧୨୦୬ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କଲେ ।

ପ୍ରଶ୍ନ

୧ । ଶୂନ୍ୟ ସ୍ଥାନ ପୂରଣ କର:—

(କ) ଅନଙ୍ଗପାଳଙ୍କ ବଡ଼ଝିଅ—ର ରାଜାଙ୍କୁ ଓ—ଝିଅ—ର ରାଜାଙ୍କୁ ବିବାହ କରିଥିଲେ ।

(ଖ) ପୃଥ୍ୱୀରାଜଙ୍କର—ଙ୍କ ସହିତ—ନାମକ ସ୍ଥାନରେ— ଖ୍ରୀଷ୍ଟାବ୍ଦରେ ଭୟଙ୍କର ଯୁଦ୍ଧ ହୋଇଥିଲା ।

Digitized by PPRACHIN, SOA

(ଗ) ପଠାଣଙ୍କ ଭୟରେ— ରାଜା—ଓଡ଼ିଶା ରାଜାଙ୍କ— ପଶିଥିଲେ ।

୨ । (କ) ଅନଙ୍ଗପାଳ ବଡ଼ନାତିଙ୍କୁ ଦିଲ୍ଲୀ ସିଂହାସନ ନ ଦେବାର କାରଣ କ'ଣ ?

(ଖ) ଜୟଚନ୍ଦ୍ର କାହିଁକି ରାଜସୂୟ ଯଜ୍ଞ କରିଥିଲେ ?

(ଗ) ତରୋରି ଯୁଦ୍ଧ କାହା କାହା ମଧ୍ୟରେ ହୋଇଥିଲା ଓ ତା'ର ଫଳ କ'ଣ ହେଲା ?

୩ । ସଂଯୁକ୍ତାଙ୍କ ସ୍ୱୟଂବର ସଂକ୍ଷେପରେ ବର୍ଣ୍ଣନ କର ।

୪ । "ଜୟଚନ୍ଦ୍ର ଜଣେ ଦେଶଦ୍ରୋହୀ ଓ ତାଙ୍କ ଲାଗି ଭାରତର ବହୁ କ୍ଷତି ହୋଇଛି"—ବୁଝାଇ ଦିଅ ।

ସପ୍ତଦଶ ପରିଚ୍ଛେଦ

ଦାସବଂଶ (୧୨୦୬—୧୨୯୦)

କୁତବୁଦ୍ଦିନ୍ (୧୨୦୬—୧୨୧୦)—କୁତବୁଦ୍ଦିନ୍ ମହମ୍ମଦ ଘୋରୀଙ୍କର ଜଣେ କଣା ଗୋଲାମ ଥିଲେ । ମହମ୍ମଦ ତାଙ୍କ କାମରେ ଖୁସି ହୋଇ ତାଙ୍କୁ ସେନାପତି କରିଦେଲେ । କୁତବ୍ ସେନାପତି ହୋଇ ଗୁଜରାଟ, କାଲିଞ୍ଜର ପ୍ରଭୃତି ରାଜ୍ୟ ସେ ଜୟ କଲେ । ସେକାଳର ପୃଥିବୀ ବିଖ୍ୟାତ ନାଲନ୍ଦା ବିଦ୍ୟାପୀଠକୁ ପୋଡ଼ି ପାଉଁଶ କରି ଦେଇଥିଲେ ଓ ସେଠାରେ ଥିବା ବୌଦ୍ଧ ସନ୍ନ୍ୟାସୀମାନଙ୍କୁ ମାରି ପକାଇଥିଲେ । ଭାରତର ବହୁ ବୌଦ୍ଧମଠ ଓ କୀର୍ତ୍ତି ତାଙ୍କ ଯୋଗୁଁ ଧ୍ୱଂସ ହୋଇଯାଇଥିଲା ।

୧୨୦୬ ରେ ମହମ୍ମଦ ଘୋରୀ ମରିଯିବା ପରେ କୁତବୁଦ୍ଦିନ୍ ହିନ୍ଦୁସ୍ଥାନର ପ୍ରଥମ ସ୍ୱାଧୀନ ମୁସଲମାନ ସମ୍ରାଟ୍ ହେଲେ । ସେ ଓ ତାଙ୍କ ବଂଶର ଆଉ କେତେଜଣ ରାଜା ଦାସ ଥିଲେ ବୋଲି

Digitized by PPRACHIN, SOA

ତାଙ୍କ ବଂଶକୁ ଦାସ ବଂଶ କହନ୍ତି । ଖ୍ୱାଜା କୁତବୁଦ୍ଦିନ୍ ନାମକ ଜଣେ ଫକୀରଙ୍କ ସ୍ମୃତିରକ୍ଷା କରିବାପାଇଁ ସେ ଦିଲ୍ଲୀରେ ୨୫୮ ଫୁଟ ଉଚ



[କୁତବ୍‌ମିନାର]

ଗୋଟିଏ ମିନାର ବା ସ୍ତମ୍ଭ ତିଆର କରିଥିଲେ । ଏହା ଉପରକୁ କ୍ରମେ ସରୁ ହୋଇ ଯାଇଅଛି । ଏହାକୁ କୁତବ୍‌ମିନାର କହନ୍ତି ।

Digitized by PPRACHIN, SOA

କୁତବୁଦ୍ଦିନ୍ ୧୨୧୦ ଖ୍ରୀଷ୍ଟାବ୍ଦରେ ଘୋଡ଼ାରୁ ପଡ଼ି ପ୍ରାଣତ୍ୟାଗ କଲେ ।

ଆଲ୍ଟାମସ୍ ବା ଇଲ୍‌ତୁତ୍‌ମିସ—(୧୨୧୧-୧୨୩୬)—କୁତବୁଦ୍ଦିନଙ୍କ ପରେ ତାଙ୍କ ପୁଅ ଆରାମ୍ ଅଳ୍ପ ଦିନ ପାଇଁ ସିଂହାସନରେ ବସିଥିଲେ । ସେ ନିତାନ୍ତ ଅଯୋଗ୍ୟ ଥିବାରୁ ଆଲ୍ଟାମସ୍ ତାଙ୍କୁ ତଡ଼ିଦେଇ ସିଂହାସନରେ ବସିଲେ । ଆଲ୍ଟାମସ୍ କୁତବୁଦ୍ଦିନଙ୍କର କ୍ରୀତଦାସ ଥିଲେ । ସେ ଭାରି ବୁଦ୍ଧିମାନ୍ ଓ ସାହସୀ ଥିଲେ । ତେଣୁ କୁତବୁଦ୍ଦିନଙ୍କ କନ୍ୟାଙ୍କ ସହିତ ଆଲ୍ଟାମସ୍‌ଙ୍କର ବିବାହ ହୋଇଥିଲା ।

ଆଲ୍ଟାମସ୍ ରାଜା ହୋଇ ଉଜ୍ଜୟିନୀର ପ୍ରସିଦ୍ଧ ମହାକାଳ ଶିବମନ୍ଦିର ଧ୍ୱଂସ କରିଦେଲେ । ମନ୍ଦିରମଧ୍ୟରେ ଥିବା ଶିବମୂର୍ତ୍ତି ଓ ବିକ୍ରମାଦିତ୍ୟଙ୍କର ମୂର୍ତ୍ତିକୁ ଆଣି ସେ ଚୂନା କରି ଦେଇଥିଲେ । ସେ ବଡ଼ ପ୍ରତାପୀ ରାଜା ଥିଲେ ଏବଂ ପଞ୍ଜାବ, ସିନ୍ଧ, ବଙ୍ଗଳା ଓ ମାଳବ ଜୟ କରିଥିଲେ ।

ଆଲ୍ଟାମସ୍ ନିଜେ ବଡ଼ ପଣ୍ଡିତ ଥିଲେ । ସେ କୁତବ୍‌ମିନାର ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ । ଏହାଙ୍କ ଅମଳରେ ମଙ୍ଗୋଲ (ମୋଗଲ) ସର୍ଦ୍ଦାର ଚଙ୍ଗିଜ୍ ଖାଁ ସିନ୍ଧୁନଦୀ ଯାଏ ରାଜ୍ୟ ଜୟ କରି ଫେରି ଯାଇଥିଲେ ।

ସୁଲ୍‌ତାନା ରେଜିଆ—(୧୨୩୬-୧୨୪୦ ଖ୍ରୀ: ଅ:)—ଆଲ୍ଟାମସ୍‌ଙ୍କ ପୁଅମାନେ ରାଜା ହେବାକୁ ଅଯୋଗ୍ୟ ଥିବାରୁ ତାଙ୍କର ବୁଦ୍ଧିମତୀ କନ୍ୟା ରେଜିଆ ରାଜ୍ୟ ଶାସନ କଲେ । ରେଜିଆଙ୍କ ବ୍ୟତୀତ ଅନ୍ୟ କୌଣସି ମୁସଲମାନ ରମଣୀ ଦିଲ୍ଲୀ ସିଂହାସନରେ ବସି ନାହାନ୍ତି । ତାଙ୍କ ରାଜ୍ୟ ଶାସନ ଅତି ଭଲ ଥିଲା ।

Digitized by PPRACHIN, SOA

ରେଜିଆ ଗୋଟିଏ ଗୃହକରକୁ ବିଭା ହେବାକୁ ସ୍ଥିର କରିଥିବା କଥା ଜଣା ପଡ଼ିବାରୁ ତାଙ୍କର ଅମୀର ଓ ସର୍ଦ୍ଦାରମାନେ ତାଙ୍କୁ ଗାଦିରୁ ତଡ଼ିଦେଲେ । ରେଜିଆ ସେମାନଙ୍କ ସହିତ ଦୁଇଥର ଯୁଦ୍ଧ କରି ପରାସ୍ତ ହୋଇ ବଣକୁ ପଳାଇଲେ ଓ ସେଠାରେ ମଲେ ।

ନାସୀରୁଦ୍ଦିନ (୧୨୪୬-୧୨୬୬ ଖ୍ରୀ: ଅ:)—ରେଜିଆଙ୍କ ପରେ ଅଲ୍‌ତାମସ୍‌ଙ୍କ କନିଷ୍ଠ ପୁତ୍ର ନାସୀରୁଦ୍ଦିନଙ୍କ ଭାଗ୍ୟରେ ରାଜା ହେବା ଯୋଗ ପଡ଼ିଲା । ସେ ବଡ଼ ସରଳ ଓ ଶାନ୍ତ ପ୍ରକୃତିର ଲୋକ ଥିଲେ ଏବଂ ଅତି ସାଧାସିଧା ଭାବରେ ଚଳୁଥିଲେ । ପ୍ରଜାଙ୍କ ଧନକୁ ସେ ନିଜ ପାଇଁ ଅଧେଁ ଖର୍ଚ୍ଚ କରୁ ନ ଥିଲେ । ଏପରିକି ତାଙ୍କର ରାଣୀ ନିଜ ହାତରେ ରୋଷାଇ କରୁଥିଲେ ।

ରାଜା ନିଜେ ହାତରେ ଟୋପି ସିଲାଇ କରି ଓ କୋରାଣ ଲେଖି ଯାହା ପାଉଥିଲେ ତହିଁରେ ଚଳୁଥିଲେ । ରାଜକୋଷରୁ ନିଜ ଖର୍ଚ୍ଚ ପାଇଁ ପଇସାଟିଏ ଛୁଉଁ ନ ଥିଲେ । ତାଙ୍କର ଶ୍ୱଶୁର ଓ ମନ୍ତ୍ରୀ ବଲବନ ରାଜକାର୍ଯ୍ୟ ବୁଝୁଥିଲେ । ପ୍ରକୃତରେ ବଲବନହିଁ ସମ୍ରାଟ୍‌ଙ୍କ କ୍ଷମତା ଧେନି ରାଜ୍ୟଶାସନ କରୁଥିଲେ । ନାସୀରୁଦ୍ଦିନ୍ ୧୨୬୬ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କଲେ ।

ଗିଆସୁଦ୍ଦିନ୍ ବଲବନ୍ (୧୨୬୬-୧୨୮୬ ଖ୍ରୀ: ଅ:)—ନାସୀରୁଦ୍ଦିନ୍‌ଙ୍କ ପୁଅ ଝିଅ କେହି ନ ଥିବାରୁ ତାଙ୍କ ପରେ ତାଙ୍କ ମନ୍ତ୍ରୀ ବଲବନ୍ ରାଜା ହେଲେ । ସେ ପ୍ରଥମେ ଅଲ୍‌ତାମସ୍‌ଙ୍କର କଣା ଗୃହକର ଥିଲେ । ନାସୀରୁଦ୍ଦିନ ବଲବନ୍‌ଙ୍କ କନ୍ୟାକୁ ବିବାହ କରି-ଥିବାରୁ ସେ ତାଙ୍କୁ ମନ୍ତ୍ରୀ କରି ରଖିଥିଲେ । ସେ ଜଣେ ଗୁଣୀ ଓ ନ୍ୟାୟବାନ୍ ରାଜା ଥିଲେ । ସେ ଶତ୍ରୁମାନଙ୍କୁ କଠୋର ଦଣ୍ଡ ଦେଉଥିଲେ । ସେ ବଙ୍ଗର ନବାବ୍ ତୋଗ୍‌ରଲ୍ ଖାଁଙ୍କୁ ହତ୍ୟା କରି ଶତ୍ରୁମାନଙ୍କୁ ଡରାଇବା ପାଇଁ ତାଙ୍କ ମୁଣ୍ଡକୁ ହାଣି

Digitized by PPRACHIN, SOA

ସିନ୍ଧୁରେ ଲଟକାଇ ଦେଇଥିଲେ । ସେ ୮୦ ବର୍ଷ ବୟସରେ ୧୨୮୨ ଖ୍ରୀଷ୍ଟାବ୍ଦରେ ମଲେ । ତାଙ୍କ ମହାସଭାରେ ଅମୀର ଖସ୍ରୁ ନାମରେ ଜଣେ ବିଖ୍ୟାତ ପାରସୀ କବି ଥିଲେ ।

କୈକୋବାଦ (୧୨୮୬-୧୨୯୦ ଖ୍ରୀ: ଅ:)—ବଲବନ୍‌ଙ୍କ ପରେ ତାଙ୍କ ନାତି କୈକୋବାଦ୍‌ ରାଜା ହେଲେ । ସେ ବଡ଼ ମଦୁଆ ଓ ବିଳାସୀ ଲୋକ ଥିଲେ । ରାଜକାର୍ଯ୍ୟ ଚଳାଇବା ପାଇଁ ତାଙ୍କର ଆଦୌ ଯୋଗ୍ୟତା ନ ଥିଲା । ତେଣୁ ଦେଶ ସାରା ଅଶାନ୍ତି ଓ ଗଣ୍ଡଗୋଳ ବ୍ୟାପିଗଲା । ଏହି ସୁବିଧା ପାଇ ପଞ୍ଜାବର ଶାସନକର୍ତ୍ତା ଜଲାଲୁଦ୍ଦିନ୍‌ ଖିଲିଜ୍‌ ନାମକ ଜଣେ ତୁର୍କି ବୀର କୈକୋବାଦ୍‌ଙ୍କୁ ମାରି ସିଂହାସନରେ ବସିଲେ ।

ପ୍ରଶ୍ନ

୧ । 'କ' ତାଲିକାର କେଉଁ ଘଟଣା 'ଖ' ତାଲିକାର କେଉଁ ଖ୍ରୀଷ୍ଟାବ୍ଦରେ ହୋଇଥିଲା ସଜାଇ ରଖ ।

(କ) କୁତବୁଦ୍ଦିନ୍‌ଙ୍କ ରାଜା ହେବା, ନାସିରୁଦ୍ଦିନ୍‌ଙ୍କ ରାଜା ହେବା, ରେଜିଆଙ୍କ ସିଂହାସନ ଆରୋହଣ

(ଖ) ୧୨୪୬, ୧୨୦୬, ୧୨୩୬

୨ । ଶୂନ୍ୟ ସ୍ଥାନ ପୂରଣ କର:—

(କ) — ରାଜକୋଷରୁ ନିଜ ଖର୍ଚ୍ଚ ପାଇଁ ପଇସାଟିଏ ଛୁଉଁ ନ ଥିଲେ ।

(ଖ) ଘୋରୀଙ୍କ ମୃତ୍ୟୁ ପରେ—ଦିଲ୍ଲୀର ସମ୍ରାଟ୍ ହେଲେ ।

(ଗ) —ଙ୍କୁ ମାରି ଜଲାଲୁଦ୍ଦିନ ଖିଲିଜ୍ ଦିଲ୍ଲୀ ସିଂହାସନରେ ବସିଲେ ।

Digitized by PPRACHIN, SOA

୩ । ଭ୍ରମ ସଂଶୋଧନ କର :—

(କ) ଆଲ୍‌ଟାମସ୍ ନାଲନ୍ଦା ବିଦ୍ୟାପୀଠକୁ ଧ୍ୱଂସ କରି ଦେଇଥିଲେ ।

(ଖ) କୁତବ୍‌ମିନାର ଅଗ୍ରାରେ ତିଆରି ହୋଇଥିଲା ।

(ଗ) ବଲବନ୍‌ଙ୍କ ରାଣୀ ନିଜ ହାତରେ ରୋଷାଇ କରୁଥିଲେ ।

ଅଷ୍ଟାଦଶ ପରିଚ୍ଛେଦ

ଖିଲ୍‌ଜିବଂଶ

ଜଲାଲଉଦ୍ଦିନ୍ ଖିଲଜି (୧୨୯୦-୧୨୯୬ ଖ୍ରୀଃ ଅଃ)— ଜଲାଲଉଦ୍ଦିନ୍ ବୁଢ଼ା ବୟସରେ ଦିଲ୍ଲୀ ସିଂହାସନରେ ବସିଲେ । ତାଙ୍କର ପୁଅ ନ ଥିଲା । ତାଙ୍କ ପୁତୁରା ଅଲ୍ଲାଉଦ୍ଦିନଙ୍କୁ ସେ ଭାରି ଭଲ ପାଉଥିଲେ ଓ ତାଙ୍କୁ ଦାକ୍ଷିଣାତ୍ୟ ଜୟ କରିବାକୁ ପଠାଇ-ଥିଲେ । ଅଲ୍ଲା ଦାକ୍ଷିଣାତ୍ୟର ଦେବଗିରି ରାଜ୍ୟ ଜୟ କରି ଫେରୁଥିବା ବେଳେ ବୃଦ୍ଧ ଜଲାଲ ଆନନ୍ଦରେ ତାଙ୍କୁ କୁଣ୍ଢାଇ ପକାଇଲେ । ଏତିକିବେଳେ ଅଲ୍ଲା ତାଙ୍କୁ ଗୁପ୍ତରେ ଛୁରୀ ଭୁଷି ମାରିଦେଲେ । ଜଲାଲ ଚିରଦିନ ପାଇଁ ଆଖି ବୁଜିଦେଲେ । ଦେବଗିରି ଆକ୍ରମଣହିଁ ମୁସଲମାନମାନଙ୍କର ପ୍ରଥମ ଦାକ୍ଷିଣାତ୍ୟ ଆକ୍ରମଣ ଅଟେ ।

ଆଲ୍ଲାଉଦ୍ଦିନ୍ ଖିଲଜି (୧୨୯୬-୧୩୧୬ ଖ୍ରୀଃ ଅଃ)— ଅଲ୍ଲାଉଦ୍ଦିନ୍ ଦାଦାଙ୍କୁ ମାରି ସିଂହାସନରେ ବସିଲେ । ତାପରେ ସେ ନିଜର ଭାଇ ବନ୍ଧୁ ଓ ବଡ଼ ବଡ଼ ରାଜକର୍ମଚାରୀମାନଙ୍କୁ ମାରି ପକାଇଲେ । ସେ ଗୁଜୁରାଟର ରାଜାଙ୍କୁ ମାରି ତାଙ୍କ ରାଣୀ କମଳା ଦେବୀଙ୍କୁ ଜବରଦସ୍ତି ବିଭା ହେଲେ ।

Digitized by PPRACHIN, SOA

ଚିତୋର ଆକ୍ରମଣ—ସେତେବେଳେ ଭୀମସିଂହ ଚିତୋରର ରାଜା ଥିଲେ । ତାଙ୍କର ରାଣୀ ପଦ୍ମିନୀ ଅତି ସୁନ୍ଦରୀ ଥିଲେ । ସେହି ପଦ୍ମିନୀଙ୍କୁ ପାଇବା ଆଶାରେ ଅଲ୍ଲା ଚିତୋର ଆକ୍ରମଣ କଲେ । ଏଥିରେ ବୀର ରାଜପୁତ୍ ସୈନ୍ୟମାନେ ଭୟଙ୍କର ଲଢ଼େଇ କରି ମୁସଲମାନ ସୈନ୍ୟମାନଙ୍କୁ ସମ୍ପୂର୍ଣ୍ଣରୂପେ ପରାସ୍ତ କଲେ ।

ଅଲ୍ଲା ଭୀମସିଂହଙ୍କ ନିକଟକୁ ଖବର ଦେଲେ ଯେ ସେ କେବଳ ଦର୍ପଣରେ ପଦ୍ମିନୀଙ୍କ ମୁଖ ଦେଖି ନିଜ ରାଜ୍ୟକୁ ଫେରି-ଯିବେ । ଭୀମସିଂହ ସେଥିରେ ରାଜି ହୋଇ ପଦ୍ମିନୀଙ୍କ ମୁଖ ଦର୍ପଣରେ ଦେଖାଇଲେ । ଅଲ୍ଲା ପଦ୍ମିନୀଙ୍କ ଅପୂର୍ବ ରୂପ ଦେଖି ଚିତୋର ନଅରରୁ ଫେରିଗଲା ବେଳେ ଭୀମସିଂହ ବନ୍ଧୁ ଭାବରେ ତାଙ୍କୁ ବାଟେଇଦେବାକୁ ଗଲେ । ଏହି ସମୟରେ କପଟୀ ଅଲ୍ଲାଉଦ୍ଦିନ୍ ଭୀମସିଂହଙ୍କୁ ବନ୍ଦୀ କରି ନେଇଗଲେ । ସେ କହି ପଠାଇଲେ, "ପଦ୍ମିନୀ ଯଦି ଦିଲ୍ଲୀ ସମ୍ରାଟ୍‌ଙ୍କ ନିକଟକୁ ଆସନ୍ତି, ତେବେ ସେ ଭୀମସିଂହଙ୍କୁ ଛାଡ଼ିଦେବେ ।"

ଏକଥା ଶୁଣି ବୁଦ୍ଧିମତୀ ପଦ୍ମିନୀ ସାହସ ନ ହରାଇ ଖବର ଦେଲେ, "ମୋ ସହିତ ୭୦୦ ସବାରିରେ ମୋର ଦାସୀମାନେ ଯିବେ ।" ଅଲ୍ଲା ଏ ସମ୍ବାଦରେ ଖୁସି ହୋଇ ରାଜି ହୋଇଗଲେ । ପଦ୍ମିନୀଙ୍କ ପରାମର୍ଶରେ ପ୍ରତି ସବାରିଭିତରେ ଜଣେ ଲେଖାଏଁ ରାଜପୁତ୍ ବୀର ହତିଆର ଧରି ସ୍ତ୍ରୀବେଶରେ ବସିଲେ । ଛଅଜଣ ଲେଖାଏଁ ବଳିଷ୍ଠ ବୀର ପ୍ରତି ସବାରି ବୋହି ଦିଲ୍ଲୀ ଆଡ଼କୁ ଗଲେ । ଦିଲ୍ଲୀରେ ପହଞ୍ଚିବା ମାତ୍ରେ ପଦ୍ମିନୀଙ୍କ ସଙ୍ଗେ ଶେଷ ଦେଖା କରିବା ଲାଗି ଅଲ୍ଲା ଭୀମସିଂହଙ୍କୁ ବନ୍ଧନମୁକ୍ତ କରିଦେଲେ । ପଦ୍ମିନୀ ଭୀମ-ସିଂହଙ୍କୁ ଗୋପନରେ ତାଙ୍କ ଷଡ଼୍‌ଯନ୍ତ୍ର କଥା କହିଦେଲେ । ଏତିକିରେ

Digitized by PPRACHIN, SOA

ବେଳେ ସବାରିମାନଙ୍କରୁ ରାଜପୁତ୍ ବୀରମାନେ ବାହାରି ମୁସଲ୍‌ମାନମାନଙ୍କୁ ହାଣି ପକାଇଲେ । ମୁସଲମାନମାନେ ଯୁଦ୍ଧ ପାଇଁ ଆଦୌ ପ୍ରସ୍ତୁତ ନ ଥିଲେ । ନୂଆ ରାଣୀ ଆସିବେ ବୋଲି ନାନା ଉତ୍ସବରେ ମାତିଥିଲେ । ଫଳରେ ମୁସଲମାନମାନେ ପରାସ୍ତ ହେଲେ । ଗୋଳମାଳ, ହାଣକାଟ ଲାଗିଥିବା ବେଳେ ଭୀମସିଂହ ଓ ପଦ୍ମିନୀ କୌଶଳରେ ଚିତୋରକୁ ପଳାଇ ଆସିଲେ । କେହି କେହି କହନ୍ତି, ପଦ୍ମିନୀ ନିଜେ ଦିଲ୍ଲୀ ନ ଯାଇ କେବଳ ସୈନ୍ୟମାନଙ୍କୁ ପଠାଇ ଭୀମସିଂହଙ୍କୁ କୌଶଳରେ ନେଇ ଆସିଲେ ।

ଜଣେ ହିନ୍ଦୁରମଣୀର ଏପରି ବୁଦ୍ଧି ଦେଖି ଓ ତାଠାରୁ ଅପମାନିତ ହୋଇ ଆଲ୍ଲା ଚିତୋର ଗଡ଼କୁ ଧୂଳିରେ ମିଶାଇ-ଦେବାକୁ ପ୍ରତିଜ୍ଞା କଲେ ।

ଆଲ୍ଲା ପୁନର୍ବାର ବହୁ ସୈନ୍ୟ ସହ ଚିତୋର ଆକ୍ରମଣ କଲେ । ଭୀମସିଂହ ହାରିଗଲେ । ପଦ୍ମିନୀ ନିଜର ସତୀତ୍ୱ ରକ୍ଷା କରିବା ପାଇଁ ଅନ୍ତଃପୁରର ଅନ୍ୟ ସ୍ତ୍ରୀମାନଙ୍କ ସହିତ ଜହର ବ୍ରତ ପାଳନ କଲେ । ଚିତୋର ମୁସଲମାନମାନଙ୍କ ଅଧୀନ ହେଲା ସତ, ମାତ୍ର ଆଲ୍ଲା ଆଉ ପଦ୍ମିନୀଙ୍କୁ ଦେଖିପାରିଲେ ନାହିଁ । ଏହାର ୧୫ ବର୍ଷ ପରେ ଚିତୋର ପୁଣି ସ୍ୱାଧୀନ ହୋଇଥିଲା । ଭୀମସିଂହଙ୍କ ଅନ୍ୟ ନାମ ରତନସିଂହ ଅଟେ ।

ଆଲ୍ଲାଙ୍କ ଶାସନନୀତି—ଆଲ୍ଲାଉଦ୍ଦିନଙ୍କ ଶାସନ ବଡ଼ କଡ଼ା ଧରଣର ଥିଲା । ସେ ଗୁପ୍ତ ପୁଲିସ୍ ରଖି ରାଜ୍ୟର ଖବର ନେଉଥିଲେ । ଲୋକେ ମେଳା ମଜଲିସ କରିବା ପାଇଁ ଏକାଠି ହୋଇ ପାରୁ ନ ଥିଲେ । ରାଜ୍ୟରେ ବହୁତ ଘୋଡ଼ା କର୍ମଚାରୀ ରହୁଥିଲେ । ସେତେବେଳେ ମଦ ବିକା ବନ୍ଦ ଥିଲା ଓ ଆଲ୍ଲା ସବୁ

Digitized by PPRACHIN, SOA

ଜିନାଷର ଦାର ଶସ୍ତା କର ଦେଇଥିଲେ । ସେ ୨୦ ବର୍ଷ ରାଜୁତି କରିଥିଲେ । ତାଙ୍କ ପରେ କେହି ଜଣେ ବଳୁଆ ରାଜା ରାଜ୍ୟରକ୍ଷା କରିପାରିଲେ ନାହିଁ ।

ପ୍ରଶ୍ନ

୧ । 'କ' ବିଭାଗର ଶବ୍ଦମାନଙ୍କ ସହିତ 'ଖ' ବିଭାଗର ଯେଉଁ ଯେଉଁ ଶବ୍ଦର ସମ୍ପର୍କ ଅଛି ସେହି ଶବ୍ଦଯୋଡ଼ିକୁ ଲଗାଇ ଗୋଟିଏ ଗୋଟିଏ ବାକ୍ୟ ରଚନା କର :—

(କ) ଅଲ୍ଲାଉଦ୍ଦିନ୍, ଗୁଜରାଟର ରାଣୀ, ଚିତୋରର ରାଣା

(ଖ) କମଳା, ଭୀମସିଂହ, ଚିତୋରବିଜୟ

୨ । ଅଲ୍ଲାଉଦ୍ଦିନ୍ ଖିଲ୍‌ଜିଙ୍କ 'ଚିତୋରବିଜୟ' ସମ୍ବନ୍ଧରେ ଲେଖ ।

୩ । ଖିଲଜ୍ ବଂଶର ସ୍ଥାପୟିତା କିଏ ? ସେ କିପରି ଦିଲ୍ଲୀ ରାଜଗାଦି ପାଇଥିଲେ ?

ଊନବିଂଶ ପରିଚ୍ଛେଦ

ତୋଗଲକବଂଶ

ଗୟାସୁଦ୍ଦିନ ତୋଗଲକ—(୧୩୨୦-୧୩୨୫)— ଖିଲଜ୍ ବଂଶର ଶେଷ ରାଜାଙ୍କ ପରେ ଗୟାସୁଦ୍ଦିନ୍ ଦିଲ୍ଲୀ ସିଂହାସନରେ ବସିଥିଲେ । ସେ ଏହି ବଂଶର ପ୍ରଥମ ରାଜା । ସେ ୫ ବର୍ଷ ରାଜତ୍ୱ କଲାପରେ ତାଙ୍କ ପୁଅ ଜୁନା ଖାଁ ତାଙ୍କୁ ମାରି ସିଂହାସନରେ ବସିଥିଲେ । କେବେ କହନ୍ତି ଗୟାସୁଦ୍ଦିନ ବଙ୍ଗଳାରୁ ବିଦ୍ରୋହ ଦମନ କରି ଫେରିବାବେଳେ ପୁଅ ତାଙ୍କୁ ଅଭ୍ୟର୍ଥନା

Digitized by PPRACHIN, SOA

କରିବା ପାଇଁ ଗୋଟିଏ କାଠର ମଣ୍ଡପ କରାଇଥିଲେ । ଗ୍ୟାସୁଦ୍ଦିନ୍ ତହିଁରେ ବସୁ ବସୁ ତାହା ଭାଙ୍ଗିପଡ଼ିଲା ଓ ସେ ମଲେ । ଜୁନା ଖାଁ ଜାଣିଶୁଣି ଏପରି କରିଥିଲେ ବୋଲି ଲୋକେ କହନ୍ତି ।

ମହମ୍ମଦ ତୋଗଲକ (୧୩୨୫-୧୩୫୧)—ଗ୍ୟାସୁଦ୍ଦିନଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଜୁନା ଖାଁ ମହମ୍ମଦ ତୋଗଲକ ନାମ ଧରି ସିଂହାସନରେ ବସିଲେ । ମହମ୍ମଦ ଜଣେ ବଡ଼ ପଣ୍ଡିତ ଥିଲେ, ମାତ୍ର ଅତ୍ୟନ୍ତ କ୍ରୋଧଖୋର ଥିବାରୁ ପ୍ରଜାମାନେ ବଡ଼ ଦୁଃଖରେ ଦିନ କାଟୁଥିଲେ । ସେ ଅଡ଼ବାଯ୍ୟା ଥିଲେ ।

ରାଜା ହେବା ପରେ ସେ ଦିଲ୍ଲୀରୁ ଦେବଗିରି ବା ଦୌଲତାବାଦ୍‌କୁ ରାଜଧାନୀ ପରିବର୍ତ୍ତନ କରିବାକୁ ସ୍ଥିର କଲେ । କାରଣ ଦିଲ୍ଲୀ ଏକପାଖିଆ ରହିଯାଉଛି । ଦୌଲତାବାଦ୍ ସମଗ୍ର ଉତ୍ତର-ଭାରତ ଓ ଦକ୍ଷିଣ ଭାରତର ମଧ୍ୟସ୍ଥଳ ହେବ । ଏକଥା ଠିକ୍ କରି ଦିଲ୍ଲୀଠାରୁ ୭୦୦ ମାଇଲ ଦୂରବର୍ତ୍ତୀ ଦୌଲତାବାଦ୍‌କୁ ଉଠିଯିବା-ପାଇଁ ରାଜଧାନୀର ଲୋକମାନଙ୍କୁ ସେ ଦୁଇଥର ଆଦେଶ ଦେଲେ । ସମସ୍ତେ ବାଧ୍ୟ ହୋଇ ଗଲେ । ଏପରିକି ଗୋଟିଏ ଛୋଟା ଲୋକ ଯିବାକୁ ଅକ୍ଷମ ହେବାରୁ ତାକୁ ଘୋଷାଡ଼ି ଘୋଷାଡ଼ି ନେବାକୁ ଆଦେଶ ହେଲା । ଦୌଲତାବାଦ୍‌ରେ ପହଞ୍ଚିଲା ବେଳକୁ ତାର କେବଳ ଦୁଇଟି ଖଣ୍ଡିଆ ଗୋଡ଼ ମାତ୍ର ରହିଥିଲା । ଦୌଲତାବାଦ୍‌ରେ ନାନା ଅସୁବିଧା ହେବାରୁ ମହମ୍ମଦ ପୁଣି ଦିଲ୍ଲୀକୁ ରାଜଧାନୀ ଉଠାଇ ଆଣିଲେ । ଏଥିରେ ବୃଥାରେ ରାଜକୋଷରୁ ବହୁତ ଟଙ୍କା ଖର୍ଚ୍ଚ ହେଲା ଓ ବହୁତ ଲୋକ ହଇରାଣ ହେଲେ ।

ସେ ପାରସ୍ୟ ଜୟ କରିବା ପାଇଁ ବହୁ ସୈନ୍ୟ ସଂଗ୍ରହ କରିଥିଲେ । ମାତ୍ର ସେମାନଙ୍କୁ ଦରମା ଦେଇ ନ ପାରିବାରୁ ସେମାନେ ମହମ୍ମଦଙ୍କ ରାଜ୍ୟ ଲୁଟି କରିଥିଲେ ।

Digitized by PPRACHIN, SOA

ତାପରେ ସେ ଚୀନ୍‌ଦେଶ ଜୟ କରିବାପାଇଁ ପ୍ରାୟ ୧୦ ହଜାର ସୈନ୍ୟ ପଠାଇଥିଲେ । ହିମାଳୟର ଘାଟି ପାରହେବା ବେଳେ ଶୀତକଷ୍ଟ ଓ ଖାଦ୍ୟାଭାବ ସହି ନ ପାରି ଅନେକେ ମରିଗଲେ । ଏଣେ ମଧ୍ୟ ଧନର ଅଭାବ ହେଲା । ଫଳରେ ଦେଶରେ ଦୁର୍ଭିକ୍ଷ ପଡ଼ିଲା । ରାଜଭଣ୍ଡାରରେ ଟଙ୍କା ପଇସା ନିଅଣ୍ଟ ହେଲା ।

ସେ ରୁପା ଟଙ୍କା ବଦଳରେ ତମ୍ବା ଟଙ୍କା ଚଳାଇଲେ । ବିଶେଷ କଡ଼ା ଆଇନ୍ ନ ଥିବାରୁ ଘରଅଡ଼େ ଜାଲ୍ ତମ୍ବା ଟଙ୍କା ଚଳିଲା । ବିଦେଶୀ ବଣିକମାନେ ତମ୍ବା ଟଙ୍କା ନେବାକୁ ରାଜି ହେଲେ ନାହିଁ । ଦେଶରେ ବାଣିଜ୍ୟ ଚଳିପାରିଲା ନାହିଁ । ଏହା ଫଳରେ ସେ ପୁଣି ରୁପାଟଙ୍କା ଚଳାଇଲେ । ରାଜକୋଷରେ ଧନର ଅଭାବ ପଡ଼ିଲା । ପ୍ରଜାମାନଙ୍କ ଉପରେ ଅଧିକ କର ବସିଲା । ପ୍ରଜାମାନେ ଏ କରଦାଉରୁ ରକ୍ଷା ପାଇବାପାଇଁ ବଣ ଜଙ୍ଗଲକୁ ପଳାଇଲେ । ମହମ୍ମଦ ପ୍ରଜାମାନଙ୍କୁ ବଣରୁ ଘଉଡ଼ାଇ ଆଣି ପଶୁ ପରି ହତ୍ୟା କଲେ ।

ଏହିପରି କାର୍ଯ୍ୟ ଯୋଗୁ ପ୍ରଜାମାନେ ତାଙ୍କ ବିରୁଦ୍ଧରେ ଉଠିଲେ । ତୋଗଲକ୍ ସାମ୍ରାଜ୍ୟ ଖଣ୍ଡ ଖଣ୍ଡ ହୋଇଗଲା । ମହମ୍ମଦ ୧୩୫୧ ଖ୍ରୀଷ୍ଟାବ୍ଦରେ ମରିଗଲେ ।

ଫିରୋଜ ତୋଗଲକ (୧୩୫୧-୧୩୮୮)—

ମହମ୍ମଦଙ୍କ ପରେ ଫିରୋଜ ତୋଗଲକ୍ ୧୩୫୧ ଖ୍ରୀ:ରେ ରାଜା ହେଲେ । ସେ ଦେଶରେ ବହୁତ ପାନ୍ଥଶାଳା, ନଗର, ମସ୍‌ଜିଦ୍, ପୋଲ୍ ପ୍ରଭୃତି କରାଇଥିଲେ । ୨୦୦ ମାଇଲ୍ ଲମ୍ବ ଯମୁନା କେନାଲ୍ ଏହାଙ୍କ କୀର୍ତ୍ତି । ଏହା ଆଜିପର୍ଯ୍ୟନ୍ତ ରହିଅଛି । ସେ ହିନ୍ଦୁ ମନ୍ଦିର ଭାଙ୍ଗି ଦେଉଥିଲେ ଓ ହିନ୍ଦୁମାନଙ୍କୁ ମୁସଲମାନ କରି ପକାଉଥିଲେ । ସେ ୮୦ ବର୍ଷ ବୟସରେ ମଲେ । ଫିରୋଜଙ୍କ ପରେ ଆଉ କେତେ ଜଣ ରାଜା ହୋଇଥିଲେ । ମାମୁଦ ଏହି ବଂଶର ଶେଷ ରାଜା ।

Digitized by PPRACHIN, SOA

ତୈମୁରଲଙ୍ଗ—ସମରକନ୍ଦର ଅମୀର ଶ୍ରେଷ୍ଠ ତୈମୁରଲଙ୍ଗ ତୋଗଲକ ବଂଶର ଶେଷ ରାଜା ମାମୁଦଙ୍କ ଅମଳରେ ୧୩୯୮ ଖ୍ରୀଷ୍ଟାବ୍ଦରେ ଭାରତ ଆକ୍ରମଣ କରିଥିଲେ । ସେ ଦିଲ୍ଲୀକୁ ଆସିବା ବାଟରେ ବହୁ ନଗର, ଗ୍ରାମ ଲୁଣ୍ଠନ କଲେ ଓ ଅନେକ ଲୋକଙ୍କୁ ହତ୍ୟା କଲେ । ହଜାର ହଜାର ଲୋକଙ୍କୁ ବନ୍ଦୀ କଲେ । ଦିଲ୍ଲୀରେ ପହୁଞ୍ଚିଲା ବେଳକୁ ତାଙ୍କ ସଙ୍ଗେ ଲକ୍ଷେ ଲୋକ ବନ୍ଦୀ ହୋଇ ରହିଥିଲେ । ଏତେ ଗୁଡ଼ାଏ ବନ୍ଦୀଙ୍କୁ ଚଳାଇବା କଠିନ ହେବ ବୋଲି ସେ ସେମାନଙ୍କୁ ନିର୍ଦ୍ଦୟ ଭାବରେ ହତ୍ୟା କରିଥିଲେ । ତାଙ୍କଠାରେ ଦୟା ମାୟା କିଛି ନ ଥିଲା ।

ଦିଲ୍ଲୀର ରାଜା ମାମୁଦ ତାଙ୍କ ସଙ୍ଗେ ଲଢ଼ାଇ କଲେ; ମାତ୍ର ପରାସ୍ତ ହୋଇ ଗୁଜୁରାଟକୁ ପଳାଇଲେ । ତୈମୁର ଦିଲ୍ଲୀରେ ୧୫ ଦିନ ରହି ଗ୍ରାମ ସହର ସବୁ ଧ୍ୱଂସ କଲେ । ମଣିଷ ମାରିବାକୁ ତାଙ୍କୁ ଭାରି ସୁଖ ଲାଗୁଥିଲା । ଏହିପରି ଦିଲ୍ଲୀକୁ ଲୁଟଖାର କରି ସେ ଯେତେ ଧନରତ୍ନ ପାଇଲେ, ସବୁ ନେଇ ଆପଣା ଦେଶକୁ ଫେରିଗଲେ ।

[ତୈମୁରଲଙ୍ଗ]

ପ୍ରଶ୍ନ

୧ । ତୈମୁରଙ୍କ ଭାରତ ଆକ୍ରମଣ ବିଷୟ ବର୍ଣ୍ଣନ କର ।

୨ । ମହମ୍ମଦ ତୋଗଲକଙ୍କୁ ଜିଦ୍‌ଖୋର ରାଜା କାହିଁକି କୁହାଯାଏ ?

Digitized by PPRACHIN, SOA

୩। ସଂଶୋଧନ କର:—(କ) ମହମ୍ମଦ ତୋଗଲକଙ୍କ ରାଜତ୍ୱରେ ତୈମୁର ଭାରତକୁ ଆସିଥିଲେ। (ଖ) ଗୟାସୁଦ୍ଦିନ ତୋଗଲକ ଯମୁନା କେନାଲ ଖୋଳାଇଥିଲେ (ଗ) ଜୁନା ଖାଁ ତୋଗଲକ ବଂଶର ପ୍ରଥମ ରାଜା।

ବିଂଶ ପରିଚ୍ଛେଦ

ସୈୟଦ୍ ଓ ଲୋଦୀ ବଂଶ

(୧୪୧୪—୧୪୫୦)

ମାମୁଦଙ୍କ ପରେ ଦିଲ୍ଲୀରେ କେହି ରାଜା ହୋଇ ନ ଥିଲେ। ୧୪୧୩ ରେ ଦୌଲତ ଖାଁ ଲୋଦୀ ଦିଲ୍ଲୀ ସିଂହାସନ ଅଧିକାର କରିଥିଲେ। ତୈମୁରଲଙ୍ଗ ଭାରତ ଆକ୍ରମଣ କରି ଫେରିଗଲାବେଳେ ଖିଜିର ଖାଁ ନାମକ ଜଣେ ଲୋକଙ୍କୁ ଲାହୋରର ଶାସନକର୍ତ୍ତା ରୂପେ ନିଯୁକ୍ତ କରି ଯାଇଥିଲେ। ଏହି ଖିଜିର ଖାଁ ମାମୁଦ ତୋଗଲକ ମରିଯିବା ପରେ ଦିଲ୍ଲୀ ସିଂହାସନ ପାଇଥିଲେ। ଖିଜିର ଖାଁ ସୈୟଦ୍ ବଂଶର ପ୍ରଥମ ରାଜା। ତାଙ୍କ ପରେ ଆହୁରି ତିନିଜଣ ରାଜା ଦିଲ୍ଲୀ ସିଂହାସନରେ ବସିଥିଲେ। ସେତେବେଳକୁ ଦିଲ୍ଲୀ ସମ୍ରାଟ୍‌ମାନଙ୍କର କ୍ଷମତା କିଛି ନ ଥିଲା ଓ ରାଜ୍ୟ ଅତି ଛୋଟ ହୋଇ ଯାଇଥିଲା। ଏହି ବଂଶର ଶେଷ ରାଜାଙ୍କ ନାମ ଆଲ୍ଲାଉଦ୍ଦିନ। ପଞ୍ଜାବର ଶାସନକର୍ତ୍ତା ବାହାଲୁଲ୍ ଲୋଦୀ ଆଲ୍ଲାଉଦ୍ଦିନଙ୍କୁ ମାରି ଦିଲ୍ଲୀ ସିଂହାସନ ଦଖଲ କଲେ।

ଲୋଦୀ ବଂଶ (୧୪୫୦-୧୫୨୬)—ବାହାଲୁଲ୍ ଲୋଦୀ ଲୋଦୀ ବଂଶର ପ୍ରଥମ ରାଜା। ବାହାଲୁଲ୍ ସମ୍ରାଟ୍ ହୋଇ ମଧ୍ୟ ସାଧାରଣ ଲୋକଙ୍କ ପରି ପୋଷାକ ପିନ୍ଧୁଥିଲେ ଓ ପ୍ରଜାମାନଙ୍କୁ ପୁଅ-

Digitized by PPRACHIN, SOA

ପରି ଦେଖୁଥିଲେ । ମାମୁଦ ତୋଗଲକଙ୍କ ସମୟରେ ଯେଉଁ ରାଜ୍ୟ-ସବୁ ସ୍ୱାଧୀନ ହୋଇ ପଡ଼ିଥିଲା ସେସବୁକୁ ସେ ଜୟ କରି ନିଜ ରାଜ୍ୟର ସୀମା ବଢ଼ାଇଥିଲେ । ତାଙ୍କ ମୃତ୍ୟୁପରେ ତାଙ୍କ ପୁଅ ସିକନ୍ଦର ଲୋଦୀ ଦିଲ୍ଲୀ ସିଂହାସନ ପାଇଲେ । ସିକନ୍ଦର ନିଜେ ଜଣେ କବି ଥିଲେ ଓ ପଣ୍ଡିତମାନଙ୍କୁ ଆଦର କରୁଥିଲେ ।

ସିକନ୍ଦରଙ୍କ ପୁଅ ଇବ୍ରାହିମ୍ ଲୋଦୀ ଯୁଦ୍ଧବିଦ୍ୟାରେ ଖୁବ୍ ନିପୁଣ ଥିଲେ । ସେ ଲୋକମାନଙ୍କ ପ୍ରତି ଭଲ ବ୍ୟବହାର ଦେଖାଇଲେ ନାହିଁ । ତେଣୁ ମୁସଲମାନମାନେ ତାଙ୍କ ବିରୁଦ୍ଧରେ ବିଦ୍ରୋହ କଲେ । ଏହି ସମୟରେ ପଞ୍ଜାବର ଶାସନକର୍ତ୍ତା ଦୌଲତ ଖାଁ ଦିଲ୍ଲୀ ସିଂହାସନ ପାଇବା ଆଶାରେ କାବୁଲର ମୋଗଲ-ରାଜା ବାବରଙ୍କୁ ଡାକି ଆଣିଲେ ।

୧୫୨୬ ଖ୍ରୀଷ୍ଟାବ୍ଦରେ ବାବର ଦୌଲତ ଖାଁଙ୍କ ନିମନ୍ତ୍ରଣ ପାଇ ଇବ୍ରାହିମ୍‌ଙ୍କ ସଙ୍ଗେ ପାନିପଥଠାରେ ଯୁଦ୍ଧ କଲେ । ଏଥିରେ ଇବ୍ରାହିମ୍‌ଙ୍କର ମୃତ୍ୟୁ ହେଲା । ବାବର ଦିଲ୍ଲୀ ସିଂହାସନ ଅଧିକାର କରି ଭାରତରେ ମୋଗଲ ସାମ୍ରାଜ୍ୟ ସ୍ଥାପନ କଲେ ।

ପ୍ରଶ୍ନ

୧ । ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଗୋଟିଏ ଗୋଟିଏ ପଦରେ ଦିଅ :—

(କ) ଲୋଦୀ ବଂଶର ସ୍ଥାପୟିତା କିଏ ?

(ଖ) ବାବର ଓ ଇବ୍ରାହିମ୍ ଲୋଦୀଙ୍କ ମଧ୍ୟରେ କେଉଁଠାରେ ଓ କେବେ ଯୁଦ୍ଧ ହୋଇଥିଲା ?

(ଗ) ବାବରଙ୍କୁ କିଏ ଭାରତକୁ ଡାକି ଆଣିଥିଲେ ?

୨ । ନିମ୍ନ ବାକ୍ୟମାନଙ୍କର ଡାହାଣରେ ଠିକ୍ ଥିଲେ ✓ ଚିହ୍ନ ଓ ଭୁଲ୍ ଥିଲେ × ଚିହ୍ନ ଦିଅ :—

(କ) ଖିଜିର ଖାଁ ସୈୟଦ୍ ବଂଶର ପ୍ରଥମ ରାଜା ।

Digitized by PPRACHIN, SOA

(ଖ) ସିକନ୍ଦର ଭାରତରେ ମୋଗଲସାମ୍ରାଜ୍ୟ ସ୍ଥାପନ କଲେ ।
(ଗ) ୧୫୨୬ ଖ୍ରୀଷ୍ଟାବ୍ଦରୁ ଭାରତରେ ମୋଗଲ ରାଜତ୍ୱ ଆରମ୍ଭ ହେଲା ।

୩ । ବାବର୍ ଓ ଇବ୍ରାହିମ୍ ଲୋଦୀଙ୍କ ମଧ୍ୟରେ ଯୁଦ୍ଧ ହେବାର କାରଣ କଣ ? ଏହାର ଶେଷଫଳ କଣ ହେଲା ?

ଏକବିଂଶ ପରିଚ୍ଛେଦ

ଉତ୍କଳର ଇତିହାସ (୩)—ସୂର୍ଯ୍ୟ ବଂଶ

କପିଳେନ୍ଦ୍ର ଦେବ (୧୪୩୫—୧୪୭୦)—ଯେଉଁ କାଣିଆ ଓ କପିଳା ଗାଈ ଜଗୁଥିବା ଗଳ୍ପ ଶୁଣାଯାଏ, ତାହା ଏହି କପିଳେନ୍ଦ୍ର ଦେବଙ୍କ ସମ୍ପର୍କରେ । ଗାଈ ଜଗୁଥିବା କପିଳା କପିଳେନ୍ଦ୍ର ଦେବ ହୋଇ ସିଂହାସନରେ ବସିଥିଲେ । ଭୁବନେଶ୍ବର ଠାରେ ତାଙ୍କର ଅଭିଷେକ ହୋଇଥିଲା (୧୪୩୫ ଖ୍ରୀ: ଅ:) । ସେହି ସମୟରୁ ଓଡ଼ିଶାରେ କପିଳାବ୍ଦ ଆରମ୍ଭ ହୋଇ ଚାଲି ଆସୁଅଛି । କପିଳେନ୍ଦ୍ର ତାଙ୍କ ରାଜତ୍ୱ କାଳରେ ଦକ୍ଷିଣରେ ବହୁ ରାଜ୍ୟ ଜୟ କରିଥିଲେ । ପ୍ରଜାମାନଙ୍କ

[କପିଳେନ୍ଦ୍ର ଦେବ]

Digitized by PPRACHIN, SOA

ସେ ସୁଖ ଶାନ୍ତିରେ ପାଳନ କରୁଥିଲେ । ତାଙ୍କ ଅମଳରେ ଓଡ଼ିଆ-ମାନେ ଦେଶ ବିଦେଶରେ ସବୁ ବିଷୟରେ ପ୍ରଶଂସା ପାଇଥିଲେ । ସେ ଯୁଦ୍ଧ କରୁଥିବା ବେଳେ ୧୪୭୦ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରିଥିଲେ । ସାରଳାଦାସ କପିଳେନ୍ଦ୍ରଙ୍କ ସମୟରେ ଓଡ଼ିଆ ମହାଭାରତ ଲେଖିଥିଲେ ।

ପୁରୁଷୋତ୍ତମ ଦେବ (୧୪୭୦—୧୪୯୭)—ପୁରୁଷୋତ୍ତମ କପିଳେନ୍ଦ୍ର ଦେବଙ୍କ ଦାସୀପୁତ୍ର । ଅନ୍ୟ ପୁତ୍ରମାନେ ଅଯୋଗ୍ୟ ଥିବାରୁ କପିଳେନ୍ଦ୍ର ମୃତ୍ୟୁ ପୂର୍ବରୁ ତାଙ୍କ ରାଜା ବୋଲି ଘୋଷଣା କରିଥିଲେ । ଫଳରେ ଅନ୍ୟ ଭାଇମାନେ ପୁରୁଷୋତ୍ତମଙ୍କ ସହିତ ଯୁଦ୍ଧ କଲେ, ମାତ୍ର ହାରିଯାଇ ପୁରୁଷୋତ୍ତମଙ୍କ ଶରଣ ପଶିଲେ । ପୁରୁଷୋତ୍ତମ ସେମାନଙ୍କୁ କ୍ଷମା କରି ଖଣ୍ଡିଏ ଖଣ୍ଡିଏ ରାଜ୍ୟ ଦେଇଥିଲେ ।

[ପୁରୁଷୋତ୍ତମ ଦେବ]

କାଞ୍ଚି ବିଜୟ

ପୁରୁଷୋତ୍ତମଙ୍କ ରାଜ-ତ୍ୱର ପ୍ରଧାନ ଘଟଣା । ସେ ପ୍ରଥମ ଥର କାଞ୍ଚିଯୁଦ୍ଧରେ ପରାସ୍ତ ହୋଇ ଜଗନ୍ନାଥଙ୍କ ସାହାଯ୍ୟଭିକ୍ଷା କଲେ । କଥାଅଛି, ଏଯୁଦ୍ଧରେ ଜଗନ୍ନାଥ, ବଳଭଦ୍ର ଦୁଇଭାଇ ଧଳା କଳା ଘୋଡ଼ାରେ ଚଢ଼ି ତାଙ୍କୁ ଯୁଦ୍ଧରେ ସାହାଯ୍ୟ କରିଥିଲେ । ବାଟରେ ଚିଲିକା-

Digitized by PPRACHIN, SOA

ହ୍ରଦ କୂଳରେ ଶୋଷ ହେବାରୁ ସେମାନେ ମାଣିକା ଗଉଡୁଣୀଠାରୁ ଦହି ଖାଇ ଦହିମୂଲ୍ୟ ସ୍ୱରୂପ ତାଙ୍କ ହାତର ରତ୍ନମୁଦି ବନ୍ଧା ଦେଇ ଯାଇଥିଲେ । ପରେ ରାଜା ଆସି ମାଣିକାଠାରୁ ସବୁକଥା ଶୁଣିଲେ । ସେ ଅତ୍ୟନ୍ତ ଆନନ୍ଦିତ ହୋଇ ମୁଦିଟି ନେଇ ମାଣିକା ନାଁରେ ଗୋଟିଏ ପାଟଣା ବସାଇଲେ । ଅଦ୍ୟାପି ମାଣିକପାଟଣା ଚିଲିକାକୂଳରେ ଅଛି ।

ପୁରୁଷୋତ୍ତମ ଯୁଦ୍ଧରେ କାଞ୍ଚିରାଜାଙ୍କୁ ପରାସ୍ତ କରି ତାଙ୍କର ସୁନ୍ଦରୀ କନ୍ୟା ପଦ୍ମାବତୀ, ଗଣେଶ ଓ ସାକ୍ଷୀଗୋପାଳ ମୂର୍ତ୍ତିଙ୍କୁ କଟକ ନେଇ ଆସିଲେ । ପଦ୍ମାବତୀଙ୍କୁ ଜଣେ ଚଣ୍ଡାଳ ସହିତ ବିବାହ ଦେବାପାଇଁ ସେ ନିଜ ମନ୍ତ୍ରୀଙ୍କୁ ଦେଲେ । କିନ୍ତୁ ରଥଯାତ୍ରାବେଳେ ରାଜା ଚଣ୍ଡାଳ ରୂପେ ରଥରେ ଛେରାପହଁରା କରୁଥିବା ବେଳେ ମନ୍ତ୍ରୀ ପଦ୍ମାବତୀଙ୍କୁ ଆଣି ତାଙ୍କ ସଙ୍ଗରେ ବିଭା କରାଇଦେଲେ ।

[ପ୍ରତାପରୁଦ୍ର ଦେବ]

ପ୍ରତାପରୁଦ୍ର ଦେବ

(୧୪୯୭ — ୧୫୪୦ ଖ୍ରୀ: ଅ:)—ପ୍ରତାପରୁଦ୍ର ପୁରୁଷୋତ୍ତମଙ୍କ ପୁତ୍ର । ପୁରୁଷୋତ୍ତମ ଦେବ ୧୪୯୭ ରେ ପ୍ରାଣତ୍ୟାଗ କଲାପରେ ପ୍ରତାପରୁଦ୍ର ଦେବ ସିଂହାସନରେ ବସିଲେ । ଏହାଙ୍କ ରାଜତ୍ୱରେ ଓଡ଼ିଶାର ଅବନତି ଆରମ୍ଭହେଲା । ମୁସଲମାନମାନେ ଦୁଇ ଥର ଓଡ଼ିଶା ଆକ୍ରମଣ କରିଥିଲେ । ବିଜୟନଗରର ରାଜା

Digitized by PPRACHIN, SOA

କୃଷ୍ଣଦେବ ରାୟ ପ୍ରତାପଙ୍କୁ ପରାସ୍ତ କରି ତାଙ୍କ କନ୍ୟାଙ୍କୁ ବିବାହ କଲେ । ଦକ୍ଷିଣରେ ଥିବା ଓଡ଼ିଶାର ଅନେକ ରାଜ୍ୟ ତାଙ୍କ ହାତକୁ ଚାଲିଗଲା ।

ଓଡ଼ିଶାର ଭାଗ୍ୟ ଏତେବେଳକୁ ସରି ଆସୁଥାଏ । ଠିକ୍ ଏତିକିବେଳେ ନଦୀୟା ନବଦ୍ୱୀପର ଚୈତନ୍ୟଦେବ ବୈଷ୍ଣବ ଧର୍ମ ପ୍ରଚାର ପାଇଁ ପୁରୀ ଆସିଥିଲେ । ରାଜା ନିଜେ ତାଙ୍କଠାରୁ ଦୀକ୍ଷା ନେଲେ । ତାପରେ ପ୍ରଧାନ ମନ୍ତ୍ରୀ ରାୟ ରାମାନନ୍ଦ ଓ ବଡ଼ ବଡ଼ କର୍ମଚାରୀମାନେ ମଧ୍ୟ ସେହି ଦୀକ୍ଷା ନେଲେ । କ୍ରମେ ଦେଶସାରା ଏହି ଧର୍ମ ବ୍ୟାପିଗଲା । ବୀର ଓଡ଼ିଆ ଅସ୍ତ୍ରଶସ୍ତ୍ର ଓ ଯୁଦ୍ଧବିଦ୍ୟା ଛାଡ଼ି ମାଳା ତିଳକ ନେଇ ଖୋଳ କରତାଳ ଧରିଲା; ଜାତିକୁ ଭୁଲି ନିଜର ଅସୀମ ବୀରତ୍ୱ ଭୁଲିଗଲା ।

କ୍ରମେ ଦେଶରୁ ଯୁଦ୍ଧକଥା ଲୁଚିଗଲା । ପ୍ରତାପରୁଦ୍ର ମରିବା ପରେ ପରେ ଉତ୍ତର ଓ ଦକ୍ଷିଣ ଆଡ଼ୁ ପଠାଣମାନେ ଆକ୍ରମଣ କରି ଓଡ଼ିଶାକୁ ଧ୍ୱଂସ କରି ପକାଇଲେ ।

ପ୍ରତାପରୁଦ୍ରଙ୍କ ଅମଳରେ ଜଗନ୍ନାଥ, ବଳରାମ, ଅଚ୍ୟୁତାନନ୍ଦ, ଅନନ୍ତ ଓ ଯଶୋବନ୍ତ ନାମରେ ଓଡ଼ିଶାରେ ପାଞ୍ଚ ଜଣ ବଡ଼ ଭକ୍ତ ଥିଲେ । ଏମାନଙ୍କୁ ପଞ୍ଚସଖା କୁହାଯାଏ । ଜଗନ୍ନାଥ ଦାସ ଓଡ଼ିଆ ଭାଷାରେ ଭାଗବତ ଓ ମହାଭାରତ ଲେଖିଥିଲେ । ଆଜି ଏହି ଗ୍ରନ୍ଥସବୁ ଓଡ଼ିଆ ଭାଷାକୁ ଜୀବନ ଦେଇଛି । ପ୍ରତାପରୁଦ୍ର ଦେବ ଯାଜପୁରରେ ବିରଜନାଥ ମନ୍ଦିର ଓ ମହାନଦୀ ପଠାରେ ଧବଳେଶ୍ୱର ମନ୍ଦିର ତୋଳାଇଥିଲେ । ସେ ୧୫୪୦ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରିଥିଲେ ।

ପ୍ରଶ୍ନ

୧ । 'ଳ' ଓ 'ଖ' ବିଭାଗର ଶବ୍ଦମାନଙ୍କୁ ଯଥାଯଥଭାବରେ ସଜାଇ ବାକ୍ୟ ଗଢ଼ :—

Digitized by PPRACHIN, SOA

(ଜ) କପିଳେନ୍ଦ୍ର ଦେବ, ଚୈତନ୍ୟ ଦେବ, ପୁରୁଷୋତ୍ତମ ଦେବ, ପ୍ରତାପରୁଦ୍ର ଦେବ, ଜଗନ୍ନାଥ ଦାସ ।

(ଖ) ଓଡ଼ିଆ ଭାଗବତ, ଦାସୀପୁଅ, ବୈଷ୍ଣବଧର୍ମ, ସାରଳା ଦାସ, କୃଷ୍ଣଦେବ ରାୟ ।

୨ । ନିମ୍ନଲିଖିତ ଖ୍ରୀଷ୍ଟାବ୍ଦମାନଙ୍କରେ ଘଟିଥିବା ପ୍ରସିଦ୍ଧ ଘଟଣାଗୁଡ଼ିକୁ ସେମାନଙ୍କ ତାହାଣରେ ଲେଖ :—

୧୫୪୦, ୧୪୩୫, ୧୪୯୭, ୧୦୭୦

୩ । ନିମ୍ନଦତ୍ତ ବିଷୟମାନଙ୍କ ସମ୍ବନ୍ଧରେ ସଂକ୍ଷିପ୍ତ ଟିପ୍ପଣୀ ଲେଖ:— କାଞ୍ଚିଅ କପିଳା ଭେଟ, ପଞ୍ଚସଖା, ଚୈତନ୍ୟ ଦେବ, ମାଣିକପାଟଣା ।

୪ । ପୁରୁଷୋତ୍ତମ ଦେବଙ୍କର କାଞ୍ଚି-ବିଜୟ ବର୍ଣ୍ଣନ କର ।

ଦ୍ୱାବିଂଶ ପରିଚ୍ଛେଦ

ଧର୍ମ ପ୍ରଚାରକଗଣ

ମୁସଲମାନମାନେ ଯଦି କେବଳ ରାଜ୍ୟ ଅଧିକାର କରି ରାଜା ହୋଇଥାନ୍ତେ, ତେବେ ବିଶେଷ କିଛି କ୍ଷତି ହୋଇ ନ ଥାନ୍ତା । ମାତ୍ର ସେମାନେ ସର୍ବଦା ହିନ୍ଦୁଧର୍ମ ଲୋପ କରିବାପାଇଁ ଉଦ୍ୟମ କରୁଥିଲେ । ନୀଚ ଶ୍ରେଣୀର ହିନ୍ଦୁମାନେ ହିନ୍ଦୁଧର୍ମର ମହତ୍ତ୍ୱ କିଛି ବୁଝି ନ ପାରି ମୁସଲମାନ ହୋଇ ଯାଉଥିଲେ । ତେଣୁ ହିନ୍ଦୁଧର୍ମର ସଂସ୍କାର କରିବାପାଇଁ କେତେକ ମହାପୁରୁଷ ବାହାରି-ଥିଲେ । ସେମାନେ ପ୍ରଥମେ ଜାତିଭେଦ ଓ ଛୁଆଁ ଅଛୁଆଁ କଥା ଉଠାଇଲେ । ସେମାନେ ହିନ୍ଦୁ ଓ ମୁସଲମାନ ଉଭୟ ଧର୍ମର

Digitized by PPRACHIN, SOA

ସେମାନେ ଉପଦେଶ ଅତି ସରଳ ଭାଷାରେ ଲୋକମାନଙ୍କ ମଧ୍ୟରେ ପ୍ରଚାର କଲେ ।

ରାମାନନ୍ଦ—ରାମାନନ୍ଦ କାଶୀରେ ଜନ୍ମଗ୍ରହଣ କରିଥିଲେ । ସେ ଉତ୍ତରଭାରତରେ ବୈଷ୍ଣବଧର୍ମ ପ୍ରଚାର କରିଥିଲେ । ସବୁ ଜାତିର ଲୋକେ ତାଙ୍କର ଶିଷ୍ୟ ହୋଇ ଯାଉଥିଲେ । ସେ ରାମଚନ୍ଦ୍ରଙ୍କର ବଡ଼ ଭକ୍ତ ଥିଲେ । କବୀର ନାମରେ ଜଣେ ମୁସଲମାନ ତନ୍ତୀ ତାଙ୍କର ପ୍ରଧାନ ଶିଷ୍ୟ ହୋଇଥିଲେ ।

[କବୀର]

କବୀର—କବୀର କାଶୀରେ ରହୁଥିଲେ । ସେ ରାମ ଓ ଅଲ୍ଲା ଏକ ବୋଲି ଲୋକଙ୍କୁ ବୁଝାଉଥିଲେ । "ଈଶ୍ୱର ଅଲ୍ଲା ତେରେ ନାମ" ଏହା କବୀରଙ୍କ ଉକ୍ତି । ଏହି ଭାବରେ ସେ କ ମୁସଲମାନ ।କ ହିନ୍ଦୁ ସମସ୍ତଙ୍କୁ ଧର୍ମ ଉପଦେଶ ଦେଉଥିଲେ । ରାମାନନ୍ଦ ତାଙ୍କର ଗୁରୁ ଥିଲେ । ସେ ବୈଷ୍ଣବଧର୍ମ ପ୍ରଚାର କରିଥିଲେ ।

Digitized by PPRACHIN, SOA

ନାନକ—ଗୁରୁ ନାନକ ପଞ୍ଜାବରେ ୧୪୬୯ ରେ ଜନ୍ମ ହୋଇଥିଲେ । ପିଲାଦିନୁଁ ତାଙ୍କର ଧର୍ମ ଆଡ଼କୁ ମନ ଥିଲା । ସେ ଘରଦ୍ୱାର ଛାଡ଼ି ବହୁତ ତୀର୍ଥସ୍ଥାନ ବୁଲିଲେ । ଶେଷରେ ମୁସଲମାନମାନଙ୍କ ତୀର୍ଥ ମକ୍କାରେ ବହୁ ଦିନ କଟାଇଥିଲେ । ସେ ଯେଉଁ ଧର୍ମ ପ୍ରଚାର କରିଥିଲେ, ତାକୁ ହିନ୍ଦୁ ଓ ମୁସଲମାନ ଉଭୟେ ଗ୍ରହଣ କରିଥିଲେ । ସେହି ଧର୍ମର ନାମ ଶିଖଧର୍ମ । ସେ ଏକ ଈଶ୍ୱରଙ୍କୁ ବିଶ୍ୱାସ କରୁଥିଲେ । ଶିଖମାନଙ୍କର ପ୍ରଧାନ ଧର୍ମଗ୍ରନ୍ଥର ନାମ ଗ୍ରନ୍ଥସାହେବ ।

[ନାନକ]

ଚୈତନ୍ୟ—ନଦୀୟା ଜିଲ୍ଲାର ଶ୍ରୀଧାମ ମାୟାପୁରଠାରେ ଶ୍ରୀଚୈତନ୍ୟ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଜଗନ୍ନାଥ ମିଶ୍ର ଓ ମାତାଙ୍କ ନାମ ଶଚୀ ଦେବୀ । ତାଙ୍କ ଅଜା ଯାଜପୁରରୁ ଉଠି ଯାଇ ବଙ୍ଗଦେଶରେ ରହିଥିଲେ । ଚୈତନ୍ୟ ଘରସଂସାରପ୍ରତି ମନ ନ ବଳାଇ ପୁରୀରେ ଅନେକ ବର୍ଷ ରହି ବୈଷ୍ଣବ ଧର୍ମ ପ୍ରଚାର କରିଥିଲେ । ଏହି ବୈଷ୍ଣବଧର୍ମର ଅନେକ ବହି ଆମ ଦେଶରେ ଲେଖା ହୋଇଅଛି । ଓଡ଼ିଶାର ଗ୍ରାମେ ଗ୍ରାମେ

Digitized by PPRACHIN, SOA

[ଶ୍ରୀଚୈତନ୍ୟ ଦେବ]

Digitized by PPRACHIN, SOA

ଏହି ଚୈତନ୍ୟଙ୍କ ନବାପ୍ତା ସଙ୍କୀର୍ତ୍ତନ ପ୍ରତିଦିନ ଚାଲିଛି । ଶ୍ରୀଚୈତନ୍ୟଙ୍କ କୀର୍ତ୍ତନ ଶୁଣିଲେ ମନରେ ଧର୍ମଭାବ ଆସେ । ଏହାଙ୍କ ଠାରୁ ଓଡ଼ିଶାର ରାଜା ପ୍ରତାପରୁଦ୍ର ଦେବ ବୈଷ୍ଣବଧର୍ମ ଗ୍ରହଣ କରିଥିଲେ ।

ଜଗନ୍ନାଥ ଦାସ—ପୁରୀ ଜିଲ୍ଲାର କପିଳେଶ୍ୱର ଶାସନରେ ଗୋଟିଏ ଉଚ୍ଚ ବ୍ରାହ୍ମଣ ବଂଶରେ ଜଗନ୍ନାଥ ଦାସ ଜନ୍ମ ହୋଇ-ଥିଲେ । ସେ ବହୁ ସଂସ୍କୃତ ଶାସ୍ତ୍ର ପଢ଼ି ପଣ୍ଡିତ ହୋଇଥିଲେ । ସେତେବେଳେ ଶ୍ରୀମଦ୍ଭାଗବତ କେବଳ ସଂସ୍କୃତରେ ଲେଖା ଥିଲା । ଏଣୁ ସାଧାରଣ ଲୋକେ ତାହା ବୁଝିପାରୁ ନ ଥିଲେ । ଜଗନ୍ନାଥ ସଂସାର ତ୍ୟାଗ କଲେ ନାହିଁ; ସେ ସଂସ୍କୃତ ଭାଗବତକୁ ଓଡ଼ିଆରେ ଅନୁବାଦ କରି ଜଗନ୍ନାଥଙ୍କ ବେଢ଼ାମଧ୍ୟରେ ବଟଗଣେଶଙ୍କ ପାଖରେ ବୋଲୁଥିଲେ । ଯେଉଁ ଓଡ଼ିଆମାନେ ଜଗନ୍ନାଥ ଦର୍ଶନକୁ ଯାଉଥିଲେ, ସେମାନେ ଦାସଙ୍କ ଭାଗବତ ଶୁଣି ଭାରି ଖୁସି ହେଉଥିଲେ ।

ସେ ସମୟରେ ଶ୍ରୀଚୈତନ୍ୟ ଜଗନ୍ନାଥଙ୍କ ଭାଗବତ ଶୁଣି ତାଙ୍କୁ 'ଅତିବଡ଼ୀ' ବୋଲି ନାମ ଦେଇଥିଲେ । ଓଡ଼ିଶାରେ ଚୈତନ୍ୟଙ୍କ ଭକ୍ତମାନଙ୍କ ମଧ୍ୟରେ ଜଗନ୍ନାଥ ଦାସ ପ୍ରଧାନ ।

ପ୍ରଶ୍ନ

୧ । ରାମାନନ୍ଦ କି ଧର୍ମ ପ୍ରଚାର କରିଥିଲେ । ତାଙ୍କର ପ୍ରଧାନ ଶିଷ୍ୟ କିଏ ?

୨ । "ଈଶ୍ୱର ଆଲ୍ଲା ତେରେ ନାମ" କାହାର ଉକ୍ତି ? ତାଙ୍କ ବିଷୟରେ କଅଣ ଜାଣ ?

୩ । ଶିଖ ଧର୍ମ କିଏ ପ୍ରଚାର କରିଥିଲେ ? ସେ ଧର୍ମର ପ୍ରଧାନ ଗ୍ରନ୍ଥର ନାମ କଅଣ ?

Digitized by PPRACHIN, SOA

ସାଧାରଣ ପ୍ରଶ୍ନମାଳା

୧ । ନିମ୍ନଲିଖିତ ଐତିହାସିକ ଉକ୍ତିଗୁଡ଼ିକରେ ଭ୍ରମ ଥିଲେ ସଂଶୋଧନ କର :—

(କ) ବାଲ୍ମୀକି ମହାଭାରତ ରଚନା କରିଥିଲେ ।

(ଖ) ଚନ୍ଦ୍ରଗୁପ୍ତ କଳିଙ୍ଗ ଜୟ କରିଥିଲେ ।

(ଗ) ଖାରବେଳ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ।

(ଘ) ପୁରୁଷୋତ୍ତମ ଦେବ କୋଣାର୍କ ମନ୍ଦିର ନିର୍ମାଣ କରାଇଥିଲେ ।

(ଙ) ତୈମୁରଲଙ୍ଗ ମହମ୍ମଦ ତୋଗଲକଙ୍କ ସମୟରେ ଭାରତ ଆକ୍ରମଣ କରିଥିଲେ ।

୨ । ଶୂନ୍ୟସ୍ଥାନ ପୂରଣ କର :—

(କ) — ଜୈନଧର୍ମ ପ୍ରବର୍ତ୍ତକ ଅଟନ୍ତି ।

(ଖ) ଚନ୍ଦ୍ରଗୁପ୍ତଙ୍କ ରାଜସଭାରେ — ବହୁ କାଳ ରହି ଭାରତୀ ବିବରଣୀ ଲେଖିଥିଲେ ।

(ଗ) ଆର୍ଯ୍ୟମାନେ — ପଥ ଦେଇ ପ୍ରଥମେ ଭାରତକୁ ଆସିଥିଲେ ।

(ଘ) —ଙ୍କୁ ପାଇବା ଆଶାରେ — ବଂଶର ରାଜା ଅଲ୍ଲାଉଦ୍ଦୀନ ଚିତୋର ଆକ୍ରମଣ କରିଥିଲେ ।

(ଙ) ସଂଯୁକ୍ତା — ଙ୍କ ପ୍ରତିମୂର୍ତ୍ତି-ବେକରେ ବରଣମାଳା ଲମ୍ବାଇଦେଲେ ।

Digitized by PPRACHIN, SOA

୩ । ନିମ୍ନଲିଖିତ ଘଟଣା ଓ ସମୟମାନ ଯଥୋପଯୁକ୍ତଭାବରେ ସଜାଇ ଗୋଟିଏ ଗୋଟିଏ ବାକ୍ୟ ରଚନା କର :—

(କ) ଖ୍ରୀ: ଅ: ୬୨୨, ୯୯୭, ୧୨୦୬, ୧୫୨୬, ୬୦୬

(ଖ) ମାମୁଦ୍, କୁତବୁଦ୍ଦିନ୍, ହର୍ଷବର୍ଦ୍ଧନ, ପାନିପଥ ଯୁଦ୍ଧ, ହିଜିରା ଅବ୍ଦ ।

୪ । ସଂକ୍ଷେପରେ ଐତିହାସିକ ଟିପ୍ପଣୀ ଦିଅ :—

ଗୃଣକ୍ୟ ଜାତିବିଭାଗ, ଦ୍ରାବିଡ଼ ଜାତି, କୁତବ୍‌ମିନାର୍, ବାରବାଟୀ ଦୁର୍ଗ, କୋଣାର୍କ, ଶଙ୍କରାଚାର୍ଯ୍ୟ ।

୫ । କିଏ —

(କ) ବୌଦ୍ଧଧର୍ମ ପ୍ରଚାର କରିଥିଲେ ?

(ଖ) ମହାଭାରତ ରଚନା କରିଥିଲେ ?

(ଗ) ଓଡ଼ିଆ ଭାଗବତ ଲେଖିଥିଲେ ?

(ଘ) ଇସ୍‌ଲାମ ଧର୍ମ ପ୍ରଚାର କରିଥିଲେ ?

୬ । ଅଲେକ୍‌ଜାଣ୍ଡରଙ୍କ ଭାରତ ଆକ୍ରମଣ-ବିଷୟ ବର୍ଣ୍ଣନ କର ।

୭ । ମେଗାସ୍ଥିନିସ୍ କିଏ ? ତାଙ୍କ ଭାରତ ବିବରଣୀ ବିଷୟ ଲେଖ ।

୮ । କେଶରୀବଂଶୀୟ ରାଜାମାନଙ୍କର ଓଡ଼ିଶାରେ କି କି କୀର୍ତ୍ତି ଅଛି ଏବଂ ସେଗୁଡ଼ିକ କେଉଁ କେଉଁ ରାଜା କରିଯାଇଅଛନ୍ତି ?

୯ । ପୃଥ୍ୱୀରାଜ ଓ ଜୟଚନ୍ଦ୍ରଙ୍କ କଳହର କାରଣ କଣ ? ତାହାର ଶେଷଫଳ କଣ ହେଲା ?

୧୦ । ଚୈତନ୍ୟଙ୍କ ବୈଷ୍ଣବଧର୍ମ ପ୍ରଚାର ଫଳରେ ଓଡ଼ିଶାରେ କି ଲାଭ ବା କ୍ଷତି ହୋଇଥିଲା ?

ମୁଦ୍ରାକର— ଶ୍ରୀ ଦାଶରଥି ଦାସ, ଦାଶରଥି ପ୍ରେସ, କଟକ-୨

Digitized by PPRACHIN, SOA